

୨୦୨୭ରେ 'ଆନିମଲ୍ ପାର୍କ'
▸ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-224 ◆MONDAY ◆9 FEBRUARY 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୨୪ ◆ସୋମବାର ◆୯ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଉଠୁନାହିଁ ଧାନ; ଲାପ୍ସ ହେଲାଣି ଟୋକନ

## ମିଲର୍ କହୁଛନ୍ତି ଗୋଦାମରେ ଧାନ ରଖିବାକୁ ଜାଗା ନାହିଁ

- ସରକାର ଉଠାଇ ନାହାନ୍ତି ୮୦ ଲକ୍ଷ ଟନ୍ ପୁରୁଣା ଚାଉଳ
- କାର୍ଯ୍ୟକାରୀ ହେଲାନି ଲୋକଙ୍କୁ ଚାଉଳ ବାଣ୍ଟିବା ଘୋଷଣା
- 'ଫେକ୍' ଆକ୍ଷେପ କରି ଚାଷୀଙ୍କ କଟା ଘା'ରେ ମନ୍ତ୍ରୀଙ୍କ ଚୂନ



■ ଭୁବନେଶ୍ୱର, ୮।୨ (ସମିସ): ରାଜ୍ୟରେ ଧାନ କିଣା ଅବ୍ୟବସ୍ଥା ଅସମ୍ଭାଳ। ସମବାୟ ମନ୍ତ୍ରୀ, ଯୋଗାଣ ମନ୍ତ୍ରୀ ରାଜ୍ୟରେ ସୁରୁଖୁରୁରେ ଧାନ କିଣା ଚାଲିଥିବା ନେଇ ମନ୍ତବ୍ୟ ଓ ଟିପ୍ପଣୀ ପ୍ରାୟ ମିଛ ସାବ୍ୟସ୍ତ ହୋଇ ସାରିଛି। ଧାନ କିଣା ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି ଏବଂ ନବନିର୍ମାଣ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡ଼ାକରାକୁ ବି ସମର୍ଥନ ମିଳିଛି। ଧାନ ରଖିବାକୁ ଗୋଦାମ ଅଭାବ ଦର୍ଶାଇ ମିଲର ଧାନ ଉଠାଉ ନାହାନ୍ତି। ଚାଷୀଙ୍କୁ ବିକ୍ରି ଲାଗି ଦିଆଯାଇଥିବା ଟୋକନ୍ ଅବଧି ମଧ୍ୟରେ ଧାନ ଉଠୁ ନାହିଁ। ଅଧିକାଂଶ ମଣ୍ଡି ସାମନାରେ ଟନ୍ ଟନ୍ ଧାନ ଗଦା ହୋଇଛି। ମିଲରମାନେ ମଣ୍ଡିରୁ ଧାନ ନେବା ଧିମା କରିଦେଇଥିବାରୁ ଚାଷୀଙ୍କଠାରୁ ସମବାୟ ସଂସ୍ଥାଗୁଡ଼ିକ ଧାନ ଉଠାଉ ନାହାନ୍ତି। ଏଭଳି କୃତ୍ରିମ ଅବ୍ୟବସ୍ଥା ପାଇଁ ମିଲରମାନେ ପରୋକ୍ଷରେ ସରକାରଙ୍କୁ ଦାୟୀ କରିଥିବାବେଳେ ମନ୍ତ୍ରୀମାନେ ଔଷଧ ବିକଳରେ ତାଟିଆ କାମୁଡ଼ିବା ପରି ଚାଷୀଙ୍କ ଉପରେ ଦୋଷ ଲଦୁଛନ୍ତି।

ପୂର୍ବରୁ ଗଛିତ ରହିଥିବା ଚାଉଳ ଉଠାଇବାରେ ସରକାର ବିଫଳ ହୋଇଛନ୍ତି। ବାରମ୍ବାର ରାଜ୍ୟ ସରକାରଙ୍କ ଦାବି ଓ ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଓଡ଼ିଶାରୁ ଚାଉଳ ନେଉ ନାହାନ୍ତି। ଫଳରେ ମିଲରଙ୍କ ପାଖରେ ଗୋଦାମରେ ପୁରୁଣା ଚାଉଳ ଓ ଧାନ ଗଛିତ ହୋଇ ପଡ଼ି ରହିଛି। ପୁରୁଣା ଚାଉଳ ହଟୁ ନ ଥିବାରୁ ନୂଆ ଧାନ କିଣି ରଖିବା ପାଇଁ ମଧ୍ୟ ଅନେକ ମିଲର ଧାନ କିଣିବାକୁ ନାରାଜ। ମିଲର ସଂଘର ଜଣେ ବରିଷ୍ଠ ସଦସ୍ୟଙ୍କ କହିବା ଅନୁଯାୟୀ ବର୍ତ୍ତମାନ ରାଜ୍ୟର ସବୁ ମିଲରଙ୍କ ପାଖେ ରହିଥିବା ଗୋଦାମରେ ୮୦ ଲକ୍ଷ କ୍ୱିଣ୍ଟାଲ ପୁରୁଣା ଚାଉଳ ଗଛିତ ରହିଛି। ଏହି ଚାଉଳ ପ୍ରାୟ ୧ କୋଟି ୨୫ ଲକ୍ଷ କ୍ୱିଣ୍ଟାଲ ଧାନର ଚାଉଳ ହେବ। ବିଗତବର୍ଷମାନଙ୍କରେ ଏହି ସମୟ ସୁଦ୍ଧା କୁଇଣ୍ଟାଲ ଧାନ କିଣା ସରିଯାଏ। କିନ୍ତୁ ୬ ମାସ ହେବ ରାଜ୍ୟର କୌଣସି ମିଲ୍‌ରୁ ସରକାର ଚାଉଳ ଉଠାଉ ନାହାନ୍ତି। ଲୋକଙ୍କୁ ଚାଉଳ ବାଣ୍ଟିବାକୁ ଘୋଷଣା କରି ବି ପଛଘୁଞ୍ଚା ଦେଉଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ମିଲର ସଂଘ ରାଜ୍ୟ ସରକାର ଓ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ମଧ୍ୟ ଭେଟିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇନାହିଁ। ଅଗଷ୍ଟ ସୁଦ୍ଧା ସମସ୍ତ ବଳକା ଚାଉଳ ଉଠାଇ ନେବାକୁ ମନ୍ତ୍ରୀ ▸ପୃଷ୍ଠା-୭

# ୧୦୦ କୋଟି ଫୋନ୍‌ରୁ ଡାଟା ଚୋରି ଭୟ

### ଗୁଗଲ୍‌ର ଚେତାବନୀ

**ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ଫୋନ୍ ହୋଇପାରେ ହ୍ୟାକିଂ**

**ଫୋନ୍ ଅପଡେଟ୍ ହେଉ ନ ଥିଲେ ବଦଳାଇବାକୁ ପରାମର୍ଶ**

■ ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ପାଇଁ ଏକ ବଡ଼ ସୁରକ୍ଷା ସତର୍କତା ଜାରି କରିଛି ଗୁଗଲ୍। ବର୍ତ୍ତମାନ ସାରା ବିଶ୍ୱରେ ପ୍ରାୟ ୧୦୦ କୋଟି ଆଣ୍ଡ୍ରଏଡ୍ ବ୍ୟବହାରକାରୀ ବିପଦରେ ଅଛନ୍ତି। କାରଣ ଆଣ୍ଡ୍ରଏଡ୍ ୧୨ କିମ୍ବା ପୁରୁଣା ଫୋନ୍‌ଗୁଡ଼ିକ ଆଉ ସୁରକ୍ଷା ଅପଡେଟ୍ ପାଇବେନାହିଁ। ଏହାର ଅର୍ଥ ହେଉଛି, ଏପରି ଡିଭାଇସ୍‌ଗୁଡ଼ିକ ନୂତନ ମାଲୱେର ଏବଂ ସ୍ପାଏୱେର ଆକ୍ରମଣର ଶିକାର ହୋଇପାରନ୍ତି। ହ୍ୟାକରମାନେ ଏହି ଦୁର୍ବଳତାର ସୁଯୋଗ ନେଇ ଡାଟା ଚୋରି କରୁଛନ୍ତି। ଫୋନ୍ ଅପଡେଟ୍ ହେଉ ନ ଥିଲେ ତାହାକୁ ବଦଳାଇବାକୁ ଗୁଗୁଲ୍ ପକ୍ଷରୁ ୟୁଜରଙ୍କୁ ପରାମର୍ଶ ଦିଆଯାଇଛି।

ଗୁଗଲ୍ ରିପୋର୍ଟ ଅନୁଯାୟୀ, ବିଶ୍ୱର ୪୦%ବା ୧୦୦ କୋଟି ଆଣ୍ଡ୍ରଏଡ୍ ବ୍ୟବହୃତ ସ୍ମାର୍ଟଫୋନ୍ ସାଇବର ଆକ୍ରମଣର ଶିକାର ହେବାକୁ ଯାଉଛନ୍ତି। ଏହି ଡିଭାଇସ୍ ମଧ୍ୟରୁ ଅଧିକାଂଶ ପୁରୁଣା ଅପରେଟିଂ ସିଷ୍ଟମ୍ (ଆଣ୍ଡ୍ରଏଡ୍ ୧୨ କିମ୍ବା ତା'ଠାରୁ ପୁରୁଣା) ଚଳାଇଥାନ୍ତି, ଯେଉଁଗୁଡ଼ିକୁ ଏବେ କମ୍ପାନୀଠାରୁ ସୁରକ୍ଷା ଅପଡେଟ୍ ପାଇବା ବନ୍ଦ ହୋଇଯାଇଛି। ତଥ୍ୟ ଅନୁଯାୟୀ, କେବଳ ପ୍ରାୟ ୫୭.୯% ଡିଭାଇସ୍ ଆଣ୍ଡ୍ରଏଡ୍ ୧୩ କିମ୍ବା ତା'ଠାରୁ ଅଧିକ ଭର୍ଜନରେ ଚାଲୁଛି। ସୁରକ୍ଷା ସମସ୍ୟା ଯୋଗୁଁ ବାକି ଡିଭାଇସଗୁଡ଼ିକୁ ଅଚଳ କରାଯାଇଛି। ଡିସେମ୍ବର ସୁଦ୍ଧା ଉପଲବ୍ଧ ତଥ୍ୟ ଅନୁଯାୟୀ, ସାରା ବିଶ୍ୱରେ କେବଳ ୭.୫% ସ୍ମାର୍ଟଫୋନ୍ ଆଣ୍ଡ୍ରଏଡ୍ ୧୬ରେ ଚାଲୁଛି। ଏହି ସମୟରେ, ୧୯.୩% ଡିଭାଇସ୍ ଆଣ୍ଡ୍ରଏଡ୍ ୧୫, ୧୭.୯% ଆଣ୍ଡ୍ରଏଡ୍ ୧୪ ଏବଂ ୧୩.୯% ଆଣ୍ଡ୍ରଏଡ୍ ୧୩ ଦ୍ୱାରା ଚାଳିତ। ଏହାର ଅର୍ଥ ହେଉଛି ଯେ ବହୁ ସଂଖ୍ୟକ ଉପଭୋକ୍ତା ଏବେ ବି ପୁରୁଣା ଆଣ୍ଡ୍ରଏଡ୍ ଓଏସ୍ ବ୍ୟବହାର କରୁଛନ୍ତି ଏବଂ ସମୟାନୁସାରେ ସୁରକ୍ଷା ଅପଡେଟ୍ ପାଉନାହାଁନ୍ତି। ସୁରକ୍ଷା ଅପଡେଟ୍ ପୁରୁଣା ଅପରେଟିଂ ସିଷ୍ଟମ୍‌ରେ ଥିବା ବଗ୍, ଦୁର୍ବଳତା ଏବଂ ସାଇବର ତ୍ରୁଟିକୁ ସମାଧାନ କରେ। ହ୍ୟାକର୍ସ ଏହି ତ୍ରୁଟିଗୁଡ଼ିକୁ ସ୍ମାର୍ଟଫୋନ୍‌ରେ ଅନୁପ୍ରବେଶ କରିବା, ଡାଟା ଚୋରି କରିବା, ଫୋନ୍ ହ୍ୟାକ୍ କରିବା କିମ୍ବା ସ୍ପାଏୱେୟାର ସଂସ୍ଥାପନ କରିବା ପାଇଁ ବ୍ୟବହାର କରିବେ।


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ବିକ୍ରମ ପଣ୍ଡା ଅସୁସ୍ଥ; ଏମ୍‌କେସିଜିରେ ଭର୍ତ୍ତି

■ ବ୍ରହ୍ମପୁର, ୮।୨ (ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲ୍‌ରେ ଥିବା ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର। ପେଟ ଓ ଦାନ୍ତରେ ଅସହ୍ୟ ଯନ୍ତ୍ରଣା ଯୋଗୁଁ ତାଙ୍କୁ ରବିବାର ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ସକାଳୁ ଛାତି, ପେଟ ଓ ଦାନ୍ତରେ ଜୋର୍‌ରେ ଯନ୍ତ୍ରଣା ହେବାରୁ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଜେଲ୍ କର୍ତ୍ତୃପକ୍ଷ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ପ୍ରଥମେ ମେଡିସିନ୍ ଓ ପରେ ସର୍ଜରୀ ଏବଂ ଶେଷରେ ଦନ୍ତ ଚିକିତ୍ସା ବିଭାଗରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଯାଞ୍ଚ ବେଳେ ଇସିଜି ଯଦିଓ ସ୍ୱାଭାବିକ ଥିଲା, ଡାକ୍ତରଙ୍କ ପରାମର୍ଶକ୍ରମେ ବିକ୍ରମଙ୍କ ଅଲଟ୍ରାସାଉଣ୍ଡ କରାଯାଇଥିଲା। ରିପୋର୍ଟରେ ପ୍ରୋଷ୍ଟେଟୋମେଗାଲି ଏବଂ ଗଲ୍‌ବ୍ଲାଡରରେ ଷ୍ଟୋନ ସହ ମଳକଣ୍ଟକ ବା ପାଇଲ୍ସ ଥିବା ଜଣାପଡ଼ିଛି। ଔଷଧ ସେବନ କରି ବିଶ୍ରାମ ▸ପୃଷ୍ଠା-୭



### ମୁହଁ ଖୋଲିଲେ ବିକ୍ରମ

ଗିରଫ ପରଠାରୁ ମୌନ ରହିଥିବା ବିକ୍ରମ ଆଜି ମୁହଁ ଖୋଲିଛନ୍ତି। ମେଡିକାଲକୁ ଆସିଥିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, 'ମୁଁ ନିର୍ଦ୍ଦୋଷ, ରାଜନୈତିକ ଉଦ୍ଦେଶ୍ୟ ରଖି ମୋତେ ଫସାଇ ଦିଆଯାଇଛି। ମୋତେ ଏବଂ ବିଜୁ ଜନତା ଦଳକୁ ବଦନାମ କରିବାକୁ ଅପଚେଷ୍ଟା କରାଯାଉଛି। ପ୍ରଭୁ ଜଗନ୍ନାଥ ଓ ନ୍ୟାୟପାଳିକା ଉପରେ ମୋର ବିଶ୍ୱାସ ରହିଛି। ମୋତେ ନିଶ୍ଚୟ ନ୍ୟାୟ ମିଳିବ' ବୋଲି ସେ କହିଛନ୍ତି।

# ଦୁର୍ଘଟଣାରେ ଗଲା ୯ ଜୀବନ

## ବାଇକ୍ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ

■ କଣ୍ଟାବାଞ୍ଜି, ୮।୨ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ପଣ୍ଡରେନ୍ ଗାଁ ନିକଟରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ୪ଜଣଙ୍କ ଜୀବନ ନେଇଛି। ମୃତକମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୩ଜଣ ଥିବା ବେଳେ ଅନ୍ୟ ଜଣେ ସଂପର୍କୀୟ ଜ୍ୱାଇଁ ବୋଲି ଜଣାପଡ଼ିଛି। ସେମାନେ ହେଲେ, ତୁରେକେଲାର କ୍ଷୀର ପୁଟେଲ(୫୫), ସ୍ତ୍ରୀ କୁନି ପୁଟେଲ, ତାଙ୍କ ନାତି ଦେବାଶିଷ ପଟେଲ(୬) ଏବଂ ସଂପର୍କୀୟ ଜ୍ୱାଇଁ ମୋହନ ପୁଟେଲ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। କ୍ଷୀର, କୁନି ଓ ଦେବାଶିଷଙ୍କ ଘର ବଙ୍ଗୋମୁଣ୍ଡା ଥାନା ଅଧୀନ ତୁରେକେଲା ଗାଁରେ ହୋଇଥିବା ବେଳେ ମୋହନଙ୍କ ଘର ଧରାଖମନ ଗାଁରେ। ପୁଲିସ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ▸ପୃଷ୍ଠା-୭

ଏମ୍‌କେସିଜିରୁ ଆନ୍ଧ୍ର ଯାଉଥିବା ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ

## ରୋଗୀ ସମେତ ୨ ମୃତ, ୫ ଗୁରୁତର

■ ବ୍ରହ୍ମପୁର, ୮।୨ (ସମିସ): ବ୍ରହ୍ମପୁରରୁ ବିଶାଖାପାଟଣା ରୋଗୀ ସ୍ଥାନାନ୍ତର ବେଳେ ଆନ୍ଧ୍ରରେ ଦୁର୍ଘଟଣା ଘଟି ୨ ଜଣଙ୍କ ଜୀବନ ଯାଇଛି। ଏହି ଦୁର୍ଘଟଣାରେ ଅନ୍ୟ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଡବ୍ଲୁ. ଡାଲିଆ (୪୬) ଓ ଡବ୍ଲୁ. ମୋହିନାମ୍ମା (୫୦)। ଗୁରୁତରମାନେ ହେଲେ, ଡବ୍ଲ୍ୟୁ. ନୀଳାଦ୍ରି, ଡି. ରାମାରାଓ, ବି. ଚନ୍ଦ୍ରମଣି, ପି. ଏଙ୍କଟେସ ଏବଂ ଜଣେ ଶିଶୁ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ▸ପୃଷ୍ଠା-୭

**ଦୁଇ ବାଇକ୍ ମୁହାଁମୁହିଁ ଧକ୍କା**

## ଦମ୍ପତିଙ୍କ ସମେତ ୩ ମୃତ

■ ପଟାଙ୍ଗି, ୮।୨ (ସମିସ): କୋରାପୁଟ ଜିଲ୍ଲା ସୁଙ୍କି ଥାନା ଅନ୍ତର୍ଗତ ପେଟୁର ପଞ୍ଚାୟତର ବରିଗୁଡ଼ା ଗ୍ରାମ ଛକ ନିକଟରେ ଆଜି ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଦମ୍ପତିଙ୍କ ସମେତ ମୋଟ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଚେଡ଼ା ଆପ୍ପା ରାଓ, ତାଙ୍କ ପତ୍ନୀ ଚେଡ଼ା ଅନିତା ଏବଂ ଚିନ୍ତା ଏକବ। ଏହାସହ ଏହି ଦୁର୍ଘଟଣାରେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁସାରେ, ଦୁଇ ପୁଅକୁ ସାଙ୍ଗରେ ନେଇ ଆପ୍ପା ଓ ଅନିତା ଏକ ବାଇକ୍‌ରେ ପେଟୁର ଦେଇ ଆନ୍ଧ୍ରପ୍ରଦେଶ ବାରିଗମ ଗ୍ରାମକୁ ଯାଉଥିଲେ। ପେଟୁର ପଞ୍ଚାୟତର ▸ପୃଷ୍ଠା-୭

# ଭାରତରେ ମିଳୁଛି ନେପାଳ କିଡ୍‌ନୀ

- ବିକ୍ରି ହୋଇ ସାରିଲାଣି ୨୦୦ କିଡ୍‌ନୀ
- ଗୋଟାକୁ ୪୦ ଲକ୍ଷ
- ଦିଲ୍ଲୀରୁ ପରିଚାଳିତ ହେଉଛି ର୍‍ୟାକେଟ

■ କାଠମାଣ୍ଡୁ, ୮।୨ (ଏଜେନ୍ସି): ନେପାଳ ରାଜଧାନୀ କାଠମାଣ୍ଡୁଠାରୁ ୪୦କିମି ଦୂରରେ ଅବସ୍ଥିତ 'ହୋକ୍ସେ' ଗାଁ। ଏହି ଗାଁ ସାରା ନେପାଳରେ କିଡ୍‌ନୀ ଗାଁ ଭାବେ ପରିଚିତ। ଏହି ଗାଁରୁ ୧୦୦ରୁ ଅଧିକ ଯୁବକ ନିଜର କିଡ୍‌ନୀ ଭାରତରେ ବିକ୍ରି କରିସାରିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ନେପାଳ ପୁଲିସ ଏହି ର୍‍ୟାକେଟର ମୁଖ୍ୟ କାର୍ପଟଦାରଙ୍କୁ ଜେଲ୍ ପଠାଇଥିଲେ ମଧ୍ୟ ଏହି ବ୍ୟବସାୟ ବନ୍ଦ ହେବା ପରିବର୍ତ୍ତେ ସିନ୍ଧୁପାଲଚୋକ, କାଭ୍ରେ ଓ କାଠମାଣ୍ଡୁ ପର୍ଯ୍ୟନ୍ତ ବ୍ୟାପିଯାଇଛି। ବର୍ତ୍ତମାନ ଏହି ର୍‍ୟାକେଟକୁ ଭାରତୀୟ ଚୋରା ଚାଲାଣକାରୀମାନେ ପରିଚାଳନା କରୁଛନ୍ତି। ସେମାନେ ଏଜେଣ୍ଟଙ୍କ ଜରିଆରେ ଗରିବ ଲୋକଙ୍କୁ ଟାର୍ଗେଟ କରନ୍ତି ଓ ସେମାନଙ୍କୁ ଦିଲ୍ଲୀ, ହାଇଦରାବାଦ୍, ଚେନ୍ନଇ କିମ୍ବା କୋଲକାତାକୁ ନେଇ ୪ରୁ ୫ ଲକ୍ଷ ଟଙ୍କାରେ କିଡ୍‌ନୀ ସଉଦା କରନ୍ତି।

୨୦୨୫ ଅଗଷ୍ଟ ୫ରେ ଜଣେ ପୀଡିତଙ୍କ ଖବର ସ୍ଥାନୀୟ ବ୍ଲଗରଙ୍କ ଜରିଆରେ ସାମ୍ନାକୁ ଆସିଥିଲା। ଏହାପରେ ନେପାଳ ପୁଲିସର ଏକ ଟିମ୍ ଭାରତ ଆସି ୩ ମାସ ଧରି ତଦନ୍ତ କରିବା ପରେ ଏହି ର୍‍ୟାକେଟର ପର୍ଦ୍ଦାଫାସ କରିଥିଲା। ପୁଲିସ ମାଷ୍ଟରମାଇଣ୍ଡ ଶ୍ୟାମ ଭଣ୍ଡାରୀ ଓ ସୂଜନ ଗିରିଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିଲା। କିଡ଼ନୀ ଚୋରା ଚାଲାଣ କରୁଥିବା ତସ୍କର ରୁମ୍ମନ କହିବା ଅନୁଯାୟୀ, କିଡନୀ ଦାତା ଦିଲ୍ଲୀରେ ହିଁ ମିଳିଯିବେ। ୨୫-୩୦ ଦିନରେ ସବୁ କାମ ହୋଇଯିବ। ମୋଟ ଖର୍ଚ୍ଚ ୪୦ ଲକ୍ଷ ଟଙ୍କା ହେବ। ଦିଲ୍ଲୀ- ଏନ୍‌ସିଆରର କିଛି ହସ୍ପିଟାଲ ଆମ ହାତରେ ରହିଛି। ତେଣୁ ଏହି ର୍‍ୟାକେଟର ଚେର ବହୁତ ଲମ୍ବା ବୋଲି କୁହାଯାଇପାରେ। ବର୍ତ୍ତମାନ ସୁଦ୍ଧା ୨୦୦ରୁ ଅଧିକ କିଡନୀ ବିକ୍ରି ହୋଇସାରିଥିବା କୁହାଯାଉଛି। ▸ପୃଷ୍ଠା-୭





0% ପ୍ରସେସିଙ୍ଗ ଫିସ୍ / ଡକ୍ୟୁମେଣ୍ଟେସନ୍ ଫିସ୍ / ଆଡଭାନ୍ସ ଇଏମ୍ଆଇ | କମ ଡାଉନ୍ ପେମେଣ୍ଟ ₹4,999^ | ସୁଧର ହାର 7.99%^ | ଏକ୍ସ-ଶୋରୁମ ମୂଲ୍ୟ ଆରମ୍ଭ ₹65,177# | କର୍ପୋରେଟ୍ ଅଫର୍ସ ₹1,800^ | ପ୍ରତ୍ୟେକ ଦିନର ଇଏମ୍ଆଇ ₹69^

Powered by pine labs — INSTANT DISCOUNT UP TO ₹10000~ *T & C Apply. Offer Applicable on select cards and on credit card EMI

INDIA'S FIRST 5 YEAR WARRANTY* *Conditions apply

TOLL FREE 1800 266 0018

Hero GoodLife — Stand a chance to win Gold and Silver Coins and many more assured benefits*

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. ^Finance offer is at the sole discretion of the Financier, subject to its respective T&Cs, Available at select dealerships. Offer available only on limited stores. *Scratch & Win Hero GoodLife Program. Limited period offer, T&C apply. ~Cash back Upto Rs. 10000 as per participating banks T&Cs. As per cumulative dispatch numbers till August 2025. #Ex-showroom price of HF Deluxe self start variant in Bhubaneswar.

Authorized Dealers: Bhubaneswar: Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, Cuttack: JMG Hero - 9289922178, Sunny Hero - 9289922697, Essen Hero - 9289923078, Jagatsinghpur: Sunny Autobikes - 9289233592, Angul: Parbati Hero - 9289922902, Balasore: Neelam Hero - 9289922519, Baripada: Aditya Hero - 9289922585, Bhadrak: Sanjib Hero - 9289922608, Chandikhol: S. K. Hero - 9289922900, Jajpur Road: Soumik Hero - 9289922611, Jaleswar: Sai Hero - 9289922844, Jatni: Vishal Hero - 9289922984, Keonjhar: Supreme Hero - 9289922182, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Behrampur: Lakshmi Motors - Dharma Nagar - 9289922184, Jeypore: Supreme Hero - 9289922183, Phulbani: Narayani Hero - 9289922991, Raygada: Ajit Hero - 9289922819, Bargarh: Aakash Hero - 9289922181, Bhawanipatna: Arundhati Hero - 9289922837, Bolangir: Arundhati Hero - 9289923033, Jharsuguda: Vijaylaxmi Hero - 9289922595, Rourkela: Dua Hero - 9289922179, Sambalpur: Sri Shyam Hero - 9289922484, Sonepur: Jai Jawan Hero - 9289922800, Sundergarh: Robotech Hero - 9289923063, Dhenkanal: Som Hero - 9289922614, Talcher: Tarini Hero - 9289922736.
Authorized HeroSure Dealers: Bhubaneshwar: Arundhati Motobikes - 7682841658, Rourkela: Dua Motors - 6372753989, Jeypore: Supreme Sales - 8144822656.

# ଚନ୍ଦ୍ର ପୃଷ୍ଠରେ ମାଡ଼ ହେବ ଉଲ୍‌କା ପିଣ୍ଡ

ନୂଆଦିଲ୍ଲୀ,୮ ।୨(ଏଜେନ୍ସି): ଚନ୍ଦ୍ରପୃଷ୍ଠରେ ଏକ ବିରଳ ମହାଜାଗତିକ ଘଟଣା ଘଟିବାକୁ ଯାଉଛି । ୨୦୨୪ ୱାଇଆର୪ ନାମକ ଉଲ୍‌କା ପିଣ୍ଡ ୨୦୩୨ ଡିସେମ୍ବର ୨୨ରେ ମାଡ଼ ହେବାକୁ ଯାଉଛି । ମାତ୍ର ଏହାର ସମ୍ଭାବନା ୪.୩ ପ୍ରତିଶତ ବୋଲି କୁହାଯାଇଛି । ଏହାର ପ୍ରଭାବ ପୃଥିବୀ ଉପରେ ପଡ଼ିବ ନାହିଁ ବୋଲି ନାସା କହିଛି । ଏହି ଉଲକାପିଣ୍ଡର ଲମ୍ବା ୬୦ମିଟର । ଏହା ହେଲେ ଏକ ବଡ଼ ବିସ୍ଫୋରଣ ହେବ । ଏହାର ଝଲକ ପୃଥିବୀ ପୃଷ୍ଠରୁ ମଧ୍ୟ ଦେଖିବାକୁ ମିଳିବ । କିନ୍ତୁ ପୃଥିବୀ ପରି ଚନ୍ଦ୍ରରେ ବାୟୁ ମଣ୍ଡଳ ନାହିଁ । ତେଣୁ ଯେଉଁ ଉଲ୍‌କାପିଣ୍ଡ ଚନ୍ଦ୍ରର ବାୟୁମଣ୍ଡଳକୁ ଆସେ ତାହା ଜଳି ନ ଥାଏ ଓ ସିଧାସଳଖ ପ୍ରଚଣ୍ଡ ବେଗରେ ଚନ୍ଦ୍ରପୃଷ୍ଠରେ ପିଟି ହୋଇଥାଏ । ଧକ୍କା ସମୟରେ ଉଲକାପିଣ୍ଡର ଗତିଜ ଶକ୍ତି ତାପ ଓ ଆଲୋକରେ ପରିଣତ ହୁଏ । ଏହି ପ୍ରକ୍ରିୟା କ୍ଷଣସ୍ଥାୟୀ ହୋଇଥିଲେ ମଧ୍ୟ ଅତି ଉଜ୍ଜଳ ଆଲୋକ ସୃଷ୍ଟି କରିଥାଏ । ଏହାକୁ ମହାକାଶ ବିଜ୍ଞାନ ଭାଷାରେ 'ଲୁନାର ଇମ୍ପାକ୍ଟ ଫ୍ଲାସ' କୁହାଯାଇଥାଏ । ଧକ୍କା ଯୋଗୁ ଚନ୍ଦ୍ରପୃଷ୍ଠରେ ନୂଆ ଗାତ ସୃଷ୍ଟି ହୋଇପାରେ । ନାସା ଓ ଅନ୍ୟାନ୍ୟ ମହାକାଶ ସଂସ୍ଥା ଏହି ଘଟଣା ଉପରେ କଡ଼ା ନଜର ରଖିଛନ୍ତି । ଏହା ଦ୍ୱାରା ଚନ୍ଦ୍ରପୃଷ୍ଠରେ ମାଟି ଓ ପଥରର ସଂରଚନା ବିଷୟରେ ଅଧିକ ତଥ୍ୟ ମିଳିପାରିବ । ଏହି ଘଟଣାକୁ ଖାଲି ଆଖିରେ ଦେଖାଯାଇପାରିବ ବୋଲି କୁହାଯାଇଛି । ସେହିପରି ସାଧାରଣ ଟେଲିସକୋପ କିମ୍ବା ଶକ୍ତିଶାଳୀ ବାଇନାକୁଲାର ସାହାଯ୍ୟରେ ଚନ୍ଦ୍ରର ଅନ୍ଧାକାରାଚ୍ଛନ୍ନ ଅଂଶକୁ ଦେଖିଲେ ଆଲୋକର ଝଲକ ସ୍ପଷ୍ଟ ଭାବେ ବାରି ହୋଇପଡ଼ିବ ।




# ୧୦୦ ଟଙ୍କାର ଗହମ ଚୋରି: ୪୫ ବର୍ଷ ପରେ ବୃଦ୍ଧ ଗିରଫ

ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ଭାରତୀୟ ଆଇନ ବ୍ୟବସ୍ଥା ଅପରାଧୀଙ୍କୁ ସୁହାଉ ଥିବାବେଳେ ସାଧାରଣ ତଥା ଗରିବଙ୍କ ଲୋକଙ୍କ କଷ୍ଟର କାରଣ ପାଲଟି ଯାଇଛି । କୋଟି କୋଟି ଟଙ୍କା ଲୁଟି ନେଇ ଦେଶରୁ ପଳାଉଥିବା ଅପରାଧୀଙ୍କୁ କୌଣସି ଦଣ୍ଡ ମିଳୁ ନ ଥିବାବେଳେ ୨୦ ଟଙ୍କା ଲାଞ୍ଚ ଅଭିଯୋଗ ଲାଗିଥିବା ବ୍ୟକ୍ତିଙ୍କୁ ୩୦ ବର୍ଷ ଜେଲ୍‌ରେ ରହିବାକୁ ପଡୁଛି । ଏଭଳି ରୁଗଣ ଆଇନ ବ୍ୟବସ୍ଥାର ଆଉ ଜ୍ୱଳନ୍ତ ଉଦାହରଣ ମଧ୍ୟପ୍ରଦେଶରୁ ସାମ୍‌ନାକୁ ଆସିଛି । ଶହେ ଟଙ୍କାର ଗହମ ଚୋରି ମାମଲାରେ ଏଠାକାର ଜଣେ ବୃଦ୍ଧଙ୍କୁ ଗିରଫ କରି ହେପାଜତକୁ ନେଇଛି । ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏହି ମାମଲା ୪୫ ବର୍ଷ ତଳର । ୧୯୮୦ରେ ସଲିମ ଏବଂ ଅନ୍ୟ ୬ ଜଣ ବାଲସମୁଣ୍ଡା କାକଡ଼ ଅଞ୍ଚଳରୁ ଗହମ ଚୋରି କରିଥିଲେ । ସେତେବେଳେ ସଲିମଙ୍କୁ ୨୦ ବର୍ଷ ହୋଇଥିଲା । ସେ ସମୟରେ ଚୋରମାନେ ୧୧୫ ଟଙ୍କାର ଶହେ କେଜି ଗହମ ଚୋରି କରି ନେଇଥିଲେ । ଏହାପରଠୁ ବଲଖଡ ଗ୍ରାମର ସଲିମ ଫେରାର ହୋଇ ଧର ଜିଲ୍ଲାରେ ଏକ ଦୋକାନ କରି ଜୀବିକାନିର୍ବାହ କରୁଥିଲେ । ସେହି ଦିନଠାରୁ ଏହି ମାମଲା କୋର୍ଟରେ ଚାଲିଥିଲା । ଗତ ଶନିବାର ପୁଲିସ ସଲିମଙ୍କୁ ଧରିଥିଲା । ଜେରା ସମୟରେ ସେ କହିଛନ୍ତି ଯେ ଏହି ମାମଲା ଆଉ ନ ଥିବ ବୋଲି ଭାବିଥିଲି ।

## ସଂଘ କହିଲେ ପଦ ଛାଡ଼ିଦେବି: ଭାଗବତ

ମୁମ୍ବଇ,୮ ।୨(ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ରବିବାର କହିଛନ୍ତି ଯେ, ଯଦି ସଂଘ ତାଙ୍କୁ ପଦ ଛାଡ଼ିବାକୁ କହିବ, ତେବେ ସେ ତୁରନ୍ତ ତାହା କରିବେ । ବର୍ତ୍ତମାନ ୭୫ ବର୍ଷ ପରେ କୌଣସି



ପଦରେ ନ ରହିବା ପରମ୍ପରା ବିଷୟରେ ଆଲୋଚନା ହେଉଥିବା ବେଳେ ସେ ଏହି ମନ୍ତବ୍ୟ ଦେଇଛନ୍ତି । ଭାଗବତ କହିଛନ୍ତି ଯେ, ସରସଂଘ ଚାଳକ ହେବା ପାଇଁ କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର କିମ୍ବା ବ୍ରାହ୍ମଣ ହେବା ଯୋଗ୍ୟତା ନୁହେଁ । ଯିଏ ହିନ୍ଦୁ ସଂଗଠନ ପାଇଁ କାର୍ଯ୍ୟ କରେ, ସେ ହିଁ ସରସଂଘ ଚାଳକ ବା ଆରଏସ୍‌ଏସ୍‌ର ମୁଖ୍ୟ ହୁଏ । ଭାଗବତ ରବିବାର ମୁମ୍ବଇରେ ଆରଏସ୍‌ଏସ୍‌ର ଶତାବ୍ଦୀ ବର୍ଷ ସମ୍ବୋଧିତ କରୁଥିବା ବେଳେ ଏହି କଥା କହିଛନ୍ତି । ସେ କହିଥିଲେ ଯେ ବୀର ସାବରକରଙ୍କୁ ଭାରତ ରତ୍ନ ଦେଲେ ପୁରସ୍କାରର ମର୍ଯ୍ୟାଦା ଆହୁରି ବୃଦ୍ଧି ପାଇବ । ସେ ସମାନ ନାଗରିକ ସଂହିତା ବା ୟୁନିଫର୍ମ ସିଭିଲ୍ କୋଡ (ୟୁସିସି)କୁ ନେଇ ସମାଜରେ ମତଭେଦ ରହିବା ଉଚିତ ନୁହେଁ ବୋଲି କହିଛନ୍ତି । ପୂର୍ବରୁ ସେ ଭାରତ ରହୁଥିବା ଲୋକମାନେ ସମସ୍ତେ ହିନ୍ଦୁ ଓ ସଂଘ କାହା ବିରୋଧରେ ନୁହେଁ ବୋଲି ସ୍ପଷ୍ଟ କରିଥିଲେ । ସେହିପରି ବେଆଇନ ଭାବେ ଦେଶରେ ରହୁଥିବା ଅନୁପ୍ରବେଶକାରୀଙ୍କୁ ବାହାର କରିବା ନିହାତି ଆବଶ୍ୟକ ବୋଲି ମତ ଦେଇଥିଲେ ।

## ପ୍ରେମିକାଙ୍କ ନିର୍ବନ୍ଧ; ଆତ୍ମହତ୍ୟାକଲେ ବଡିବିଲ୍ଡର

ବେଙ୍ଗାଲୁରୁ, ୮।୨ (ଏଜେନ୍ସି): ପ୍ରେମ ପୁଣି ଏକ ଜୀବନ ନେଇଛି । କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରୁ ଏଭଳି ଏକ ମାମଲା ସାମ୍‌ନାକୁ ଆସିଛି । ପ୍ରେମିକାର ନିର୍ବନ୍ଧ ହେବା ପରେ ପ୍ରେମିକ ସହିପାରି ନାହିଁ । ଅନ୍ୟକୁ ଶରୀର ଗଠନ ଏବଂ ମଜବୁତ ହେବାକୁ ପରାମର୍ଶ ଦେଉଥିବା ଜିମ୍ ଟ୍ରେନର ତଥା ବଡ଼ି ବିଲ୍ଡର ପ୍ରେମିକ ଏହି ଖବର ଶୁଣିବା ପରେ ଭାଙ୍ଗି ପଡ଼ିଥିଲେ । ମଜବୁତ ଶରୀର ଦ୍ୱାରା ଭାରୋତ୍ତଳନ କରୁଥିବା ଏହି ୨୬ ଯୁବକଙ୍କ ହୃଦୟ ଦୋହଲି ଯାଇଥିଲା । ପ୍ରେମିକା ଆଉ କାହା ପାଇଁ ଶାଢ଼ୀ ଏବଂ ମୁଦି ପିନ୍ଧିଥିବା ଦେଖିବା ପରେ କିରନ ଜୀବନ ହାରି ଦେଇଥିଲେ । ସେ ଏକ ସୁଇସାଇଡ ନୋଟ ମଧ୍ୟ ଛାଡ଼ି ଯାଇଛନ୍ତି । ଏଥିରେ ସେ ଆତ୍ମହତ୍ୟା ପାଇଁ ପ୍ରେମିକା ଏବଂ ତାଙ୍କ ମା'ଙ୍କୁ ଦାୟୀ କରିଛନ୍ତି । ସୂଚନା ଅନୁଯାୟୀ, କିରନ ବେଙ୍ଗାଲୁରୁର ମହାଲକ୍ଷ୍ମୀ ଲେଆଉଟ ସ୍ଥିତ ଘରେ ରହୁଥିଲେ । ତିନି ବର୍ଷ ହେଲା ଉକ୍ତ ଯୁବତୀଙ୍କୁ ଭଲ ପାଉ ଥିଲେ । ୧୫ ଦିନ ତଳେ ପ୍ରେମିକା ତାଙ୍କୁ ନିର୍ବନ୍ଧ କଥା କହିଥିଲେ । ମାତ୍ର ଶନିବାର କିରନ ପ୍ରେମିକାଙ୍କୁ ଭେଟି ଥିଲେ । ସେଠରେ ପ୍ରେମିକା ତାଙ୍କୁ ବିବାହ ନିମନ୍ତ୍ରଣ କାର୍ଡ ଏବଂ ଶାଢ଼ୀ ଦେଖାଇ ଥିଲେ । ଏଥିରେ କ୍ଷୁବ୍ଧ ହୋଇ କିରନ ଘରକୁ ଫେରି ଫାସୀ ଲଗାଇ ଆତ୍ମହତ୍ୟା କରିଥିଲେ । ପୁଅ ନ ଶୁଣିବାରୁ ଘର ଲୋକ କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲେ । ଏବେ ପୁଲିସ ମାମଲାର ତଦନ୍ତ କରୁଛି ।

## ମହାକାଶରେ ଭାରତର ବଢ଼ିଲା କ୍ଷମତା

ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ଭାରତର ଘରୋଇ ମହାକାଶ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଅହମଦାବାଦର ଏଜିସ୍ତା ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ ନିଜ ଏରୋସ୍ପେସ ଭର୍ଟିକାଲ ମାଧ୍ୟମରେ ଅନ୍ୟ ଉପଗ୍ରହରେ ଥିବା ଜିନିଷ ଗୁଡ଼ିକ ଫଟୋ ଉଠାଇବା ପାଇଁ ଏକ ନୂଆ ସ୍ୱଦେଶୀ ଜ୍ଞାନକୌଶଳ ବିକଶିତ କରିଛି । ଏହା ମାଧ୍ୟମରେ ଅନ୍ୟ ଉପଗ୍ରହ ଉପରେ ଭାରତ ନଜର ରଖିପାରିବ । ଶତ୍ରୁ କାର୍ଯ୍ୟକଳାପ ଉପରେ ତୀକ୍ଷଣ ନଜର ରଖିବାରେ ସକ୍ଷମ ହେବ । ପ୍ରଥମ ଥର ପାଇଁ ଭାରତର ଘରୋଇ କ୍ଷେତ୍ରକୁ ଏଭଳି ସଫଳତା ମିଳିଛି । ଭାରତର ମହାକାଶ ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହାକୁ ଅର୍ବିଟ ସ୍ନୁପିଂ ମଧ୍ୟ କୁହାଯାଏ । ଅଜିସ୍ତା ନିଜର ୮୦ କେଜି ବିଶିଷ୍ଟ ପୃଥିବୀ-ପର୍ଯ୍ୟବେକ୍ଷଣ ଉପଗ୍ରହ ଏଏଫଆର ବ୍ୟବହାର କରି ଗତ ତିନି ତାରିଖରେ ସତର୍କତାର ସହିତ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ) ଚିତ୍ର ଉତ୍ତୋଳନ କରିଥିଲା । ଆଇଏସଏସ ପୃଥିବୀର ନିମ୍ନ କକ୍ଷପଥରେ ଥିବା ସବୁଠାରୁ ଦୃଶ୍ୟମାନ ଷ୍ଟେସନ ହୋଇଥିଲେ ମଧ୍ୟ ଭାରତର ଘରୋଇ କ୍ଷେତ୍ର ପାଇଁ ଏହାକୁ ଏକ ବଡ଼ ସଫଳତା ବିବେଚନା କରାଯାଉଛି । ପ୍ରଥମ ପରୀକ୍ଷଣରେ ୩୦୦ କିମି ଏବଂ ଦ୍ୱିତୀୟ ଥର ୨୪୫ କିମି ଦୂରରୁ ଆଇଏସଏସର ଫଟୋ ଉଠା ଯାଇଥିଲା । ଉଭୟ ପ୍ରୟାସରେ ଶତ ପ୍ରତିଶତ ସଫଳତା ମିଳିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି ।

## ରୁଷ୍ ୟୁନିଭର୍ସିଟି ହଷ୍ଟେଲରେ ଛୁରାମାଡ଼, ୪ ଭାରତୀୟ ଛାତ୍ର ଆହତ

ମସ୍କୋ,୮ ।୨(ଏଜେନ୍ସି): ରୁଷିଆର ବଶକୋର୍ତୋସ୍ତାନ ରିପବ୍ଲିକ ସ୍ଥିତ ଉଫା ସହରର ଷ୍ଟେଟ୍ ମେଡିକାଲ ୟୁନିଭର୍ସିଟି ହଷ୍ଟେଲ୍‌ରେ ଶନିବାର ଅନେକ ଛାତ୍ରଙ୍କ ଉପରେ ଛୁରାମାଡ଼ ହେବା ଘଟଣା ସମ୍ନାକୁ ଆସିଛି । ଏହି ଆକ୍ରମଣରେ ୪ ଜଣ ଭାରତୀୟ ଛାତ୍ରଙ୍କ ସମେତ ଅତିକମ୍‌ରେ ୬ଜଣ ଆହତ ହୋଇଛନ୍ତି । ଭାରତୀୟ ଦୂତାବାସ ଏହାକୁ ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି କହିଛି । ପ୍ରାଥମିକ ସୂଚନା ଅନୁଯାୟୀ, ଜଣେ ୧୫ ବର୍ଷର ବାଳକ ହାତରେ ଛୁରୀ ଧରି ବିଦେଶୀ ଛାତ୍ରଙ୍କ ହଷ୍ଟେଲ୍‌ର ପ୍ଲେ-ହଲ୍‌ରେ ପ୍ରବେଶ କରି ଆକ୍ରମଣ କରିଥିଲା । ଗିରଫ କରିବା ସମୟରେ ଅଭିଯୁକ୍ତ ଜଣକ ପୁଲିସ ଉପରେ ମଧ୍ୟ ଆକ୍ରମଣ କରିଥିଲା । ଏଥିରେ ଦୁଇ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି ।

## ୨୦ ହଜାର ଟଙ୍କା ପାଇଁ ଏନ୍‌ଆର୍‌ଆଇ ମହିଳାଙ୍କୁ ହତ୍ୟା


ଲୁଧିଆନା,୮ ।୨(ଏଜେନ୍ସି): ପଞ୍ଜାବର ଲୁଧିଆନାରେ ମାତ୍ର ୨୦ ହଜାର ଟଙ୍କାର ଋଣ ପରିଶୋଧ କରିବା ପାଇଁ ଜଣେ ଭଡ଼ାଟିଆ ତାଙ୍କ ମାଲିକାଣୀ ୮୧ ବର୍ଷୀୟ ଏନ୍‌ଆର୍‌ଆଇ ମହିଳା ଜଗପାଲ କୌରଙ୍କୁ ହତ୍ୟା କରିଛି । ଅଭିଯୁକ୍ତ ଜଣକ ମହିଳାଙ୍କ ଘରୁ ଟଙ୍କା ନେଇ ନିଜର ଋଣ ସୁଝିବାକୁ ଚାହୁଁଥିଲା । ଏଥିପାଇଁ ଅଭିଯୁକ୍ତ ମହିଳାଙ୍କ ଘରେ ଲୁଚି ରହିଥିଲା । କିନ୍ତୁ ହଠାତ ମହିଳା ଆସିବାରୁ ଦୁହେଁ ହାତାହାତି ହୋଇଥିଲେ । ଶେଷରେ ଅଭିଯୁକ୍ତ ମହିଳାଙ୍କ ଗଳାଚିପି ହତ୍ୟା କରି ପଳାଇଥିଲା ।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

# କେନ୍ଦ୍ରକୁ ଘେରିଲେ ବିରୋଧୀ

ନୂଆଦିଲ୍ଲୀ, ୮।୨ (ଏଜେନ୍ସି):

**ଆମେରିକା ସହ ବାଣିଜ୍ୟ ଚୁକ୍ତି ଦ୍ୱାରା ଚାଷୀଙ୍କ ଆୟ ବଢ଼ିବ: ସରକାର**



**ସଂସଦରେ ବିତର୍କ ଦାବି କଲେ ବିରୋଧୀ**

**ସଂସଦୀୟ କମିଟି ଦ୍ୱାରା ଯାଞ୍ଚ କରାଯାଉ: କଂଗ୍ରେସ**

ଭାରତ ଏବଂ ଆମେରିକା ବାଣିଜ୍ୟ ଚୁକ୍ତିରେ ଚାଷୀଙ୍କୁ ସୁରକ୍ଷାର ଭରସା ଦିଆଯାଇଛି । ଏହି ଚୁକ୍ତି ଦ୍ୱାରା ଚାଷୀଙ୍କ ଆୟ ବଢ଼ିବ । ଆମେରିକା ବଜାରରେ ଚାଷୀଙ୍କ ସାମଗ୍ରୀକୁ ଅଧିକ ମୂଲ୍ୟ ମିଳିବ ବୋଲି ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି । ମାତ୍ର ବିରୋଧୀ ସହଜରେ ଏହାକୁ ଗ୍ରହଣ କରିପାରୁ ନାହାନ୍ତି । ଏହି ଚୁକ୍ତିର ଅନେକ ଦିଗ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇ ନାହିଁ । ତେଣୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଏହି ବାଣିଜ୍ୟ ଚୁକ୍ତି ବିରୋଧୀ ବିରୋଧ କରି ସଂସଦରେ ବିତର୍କ ଦାବି କରିଛନ୍ତି । ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପରେ ସରକାର ଶକ୍ତି କ୍ରୟ ଏବଂ କୃଷି ବଜାରକୁ ଆମେରିକା ପାଇଁ ଖୋଲି ଦେଇଥିବା ଅଭିଯୋଗ କରିଛନ୍ତି । ମାତ୍ର ଏହି ଚୁକ୍ତିର ସମ୍ପୂର୍ଣ୍ଣ ବିବରଣୀ ଏ ପର୍ଯ୍ୟନ୍ତ ଜାରି ହୋଇ ନାହିଁ । ୨ ପୃଷ୍ଠାରେ ସବୁ କିଛି ଲେଖିହେବନି ବୋଲି ଗୋୟଲ କହିଛନ୍ତି ।

କୃଷିକୁ ନେଇ ସରକାରଙ୍କ ନିରବତା ଉପରେ କଂଗ୍ରେସ ପ୍ରବକ୍ତା ଶାମ ମହମ୍ମଦ ପ୍ରଶ୍ନ ଉଠାଇଛନ୍ତି । ସେ ରିଆତି ଯୁକ୍ତ ଆମରିକା କୃଷିଜାତ ଦ୍ରବ୍ୟର ଆମଦାନୀ ବୃଦ୍ଧି ଦ୍ୱାରା ଭାରତୀୟ ଚାଷୀ ନିଶ୍ଚିତ ଭାବେ ପ୍ରଭାବିତ ହେବେ । ଶୁଳ୍କ ବିଷମତାକୁ ନେଇ ମଧ୍ୟ କଂଗ୍ରେସ ପ୍ରଶ୍ନ ଉଠାଇଛି । ଭାରତୀୟ ସାମଗ୍ରୀ ଉପରେ ଆମେରିକା ୧୮ ପ୍ରତିଶତ ଶୁଳ୍କ ଲଗାଇଛି ।ମାତ୍ର ଆମେରିକା ସାମଗ୍ରୀ ଉପରେ କୌଣସି ଶୁଳ୍କ ଲାଗି ନ ଥିବାରୁ ଭାରତର କ୍ଷତି ହେବ । ତେଣୁ ସେ ଏହାକୁ ଅନୁଚିତ ଚୁକ୍ତି କହିଛନ୍ତି ।

ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ଏହି ଚୁକ୍ତିକୁ ଧୋକା କହିଛନ୍ତି । ବାଧ୍ୟବାଧକତାରେ ଏହା କରାଯାଇଛି । ସରକାର ଦେଶର ରାଷ୍ଟ୍ରୀୟ ସ୍ୱାର୍ଥ ଏବଂ ନୀତିକୁ ଆମେରିକାକୁ ବିକି ଦେଇଛନ୍ତି । ଏହା ଉପରେ ସଂସଦରେ ଚର୍ଚ୍ଚା ପାଇଁ ସେ ଦାବି କରିଛନ୍ତି । ସରକାରଙ୍କ ଉପରେ ଚୁକ୍ତି ପାଇଁ ଚାପ ପକା ଯାଇଥିଲା । ଏହା ପଛର କାରଣ କ'ଣ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି ।

ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ ଏହି ବାଣିଜ୍ୟ ଚୁକ୍ତି ଏକ ବଡ଼ ପାର୍ଟର୍ଣ୍ଣର ଅଂଶବିଶେଷ । ଏହା ମାଧ୍ୟମରେ ଭାରତ ଉପରେ ଚାପ ପକାଯାଇଛି । ଅପରେସନ ସିନ୍ଦୂରଠାରୁ ନେଇ ତୈଳ କ୍ରୟ ପର୍ଯ୍ୟନ୍ତ ସବୁ ନିଷ୍ପତ୍ତି ଭାରତ ସରକାରଙ୍କ ପରିବର୍ତ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନେଇଛନ୍ତି । ସ୍ଥିତି ଏବଂ ସମୟରୁ ଜଣାପଡୁଛି ଯେ ପ୍ରଧାନମନ୍ତ୍ରୀ ଚାପରେ ଆସି ନଇଁ ଯାଇଛନ୍ତି । ଏହା ବିଶ୍ୱରେ ଭାରତର ଛବିକୁ ଖରାପ କରିଛି । ସଂସଦର ଚଳିତ ଅଧିବେଶନରେ ଏହି ଚୁକ୍ତିର ସଂସଦୀୟ ଯାଞ୍ଚ କରିବା ପାଇଁ ରମେଶ ଦାବି କରିଛନ୍ତି । ଭାରତ-ଆମେରିକା ଏବଂ ଇୟୁ ସହ ହୋଇଥିବା ଚୁକ୍ତିକୁ ସଂସଦରେ ରଖାଯାଉ । କାରଣ ଆମେରିକା କୃଷି ସଚିବ ଚୁକ୍ତିକୁ ନେଇ ଭିନ୍ନ ଦାବି କରିଛନ୍ତି । ଆମେରିକା ପାଇଁ ଭାରତ କୃଷି ବଜାରକୁ ଖୋଲି ଦେଇଛି ବୋଲି ସେ କହିଥିଲେ ।

## ଚଢ଼ିଗଲା ଅଡ଼ି କାର୍: ବାପ, ପୁଅ, ଭାଣିଜୀ ମୃତ



ରେୱା,୮ ।୨(ଏଜେନ୍ସି): ମଧ୍ୟପ୍ରଦେଶର ରେୱାରେ ଏକ ଦ୍ରୁତଗାମୀ ଅଡ଼ି କାର ବାଇକ୍‌ରେ ଯାଉଥିବା ଏକ ପରିବାରକୁ ଧକ୍କା ଦେଇଛି । ଏହି ଧକ୍କା ଏତେ ଭୟଙ୍କର ଥିଲା ଯେ, ବାଇକ୍‌ଟି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇଛି । ତିନିଜଣ ଆରୋହୀ ଛିଟ୍‌କି ଦୂରରେ ପଡ଼ିଥିଲେ । ଏହି ଦୁର୍ଘଟଣାରେ ପିତା, ସାନପୁଅ ଓ ଭାଣିଜୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି । ପ୍ରତ୍ୟେକ୍ଷଦର୍ଶୀଙ୍କ ଅନୁଯାୟୀ, ରାୟପୁର ପଟୁ ଦ୍ରୁତଗତିରେ ଆସୁଥିବା ଏକ ଅଡ଼ି କାର ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଆତଙ୍କ ଖେଳିଯାଇଥିଲା । ରାସ୍ତାରେ ଲୋକଙ୍କ ଭିଡ଼ ଜମିବାର ଦେଖାଦେଇଥିଲା । ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନେ ହେଲେ ଭାଗବତ ବିଶ୍ୱକର୍ମା, ଶିବମ୍ ବିଶ୍ୱକର୍ମା ଓ ଶୀତଳ ବିଶ୍ୱକର୍ମା । ଭାଗବତଙ୍କ ପୁଅ ଶୁଭମଙ୍କ ବିବାହ ଆସନ୍ତା ୨୫ ତାରିଖରେ ସ୍ଥିର ହୋଇଥିଲା । ହିନ୍ଦୁ ପରମ୍ପରା ଅନୁଯାୟୀ ବିବାହର ପ୍ରଥମ ନିମନ୍ତ୍ରଣ ପତ୍ର ଭଗବାନଙ୍କୁ ଅର୍ପଣ କରାଯାଇଥାଏ । ଏହି ରୀତିନୀତି ପାଳନ କରିବାକୁ ପରିବାର ସଦସ୍ୟ ବାଇକ୍ ଯୋଗେ ଚିରହୁଲା ନାଥ ମନ୍ଦିରକୁ ଯିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

# 'ଆତଙ୍କବାଦ ନେଇ ଦୋମୁହାଁ ନୀତି ଚଳିବନି'

**ଭାରତ ଓ ମାଲେସିଆକୁ ଯୋଡୁଛି ତାମିଲ ଭାଷା: ପ୍ରଧାନମନ୍ତ୍ରୀ**



କ୍ୱାଲାଲମ୍ପୁର,୮ ।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାଲେସିଆ ଗସ୍ତର ଆଜି ଦ୍ୱିତୀୟ ଦିନ । ମୋଦୀ ଓ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍‌ଙ୍କ ମଧ୍ୟରେ ରବିବାର ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଆତଙ୍କବାଦ ପ୍ରସଙ୍ଗରେ ନିଜର ଆଭିମୁଖ୍ୟ କଡ଼ା କରିଛନ୍ତି । ସେ କହିଛନ୍ତି ଯେ, ଆତଙ୍କବାଦ ସମ୍ପର୍କରେ ଆମର ବାର୍ତ୍ତା ଅତି ସ୍ପଷ୍ଟ, ଏଥିରେ କୌଣସି ଦୋମୁହାଁ ନୀତି ଚଳିବ ନାହିଁ କିମ୍ବା ସାଲିସ କରାଯିବ ନାହିଁ । ଭାରତ ଓ ମାଲେସିଆ ଆତଙ୍କବାଦ ବିରୋଧରେ ମିଳିତ ଭାବେ କାର୍ଯ୍ୟ କରିବେ । ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ତାମିଲ ଭାଷାର ଗୁରୁତ୍ୱ ଉପରେ ମଧ୍ୟ ଜୋର ଦେଇଛନ୍ତି । ସେ କହିଛନ୍ତି ଯେ, ତାମିଲ ଭାଷା ପ୍ରତି ଥିବା ମିଳିତ ଭଲପାଇବା ଭାରତ ଓ ମାଲେସିଆକୁ ପରସ୍ପର ସହ ଯୋଡ଼ିଥାଏ । ଅଡିଓ-ଭିଜୁଆଲ ଚୁକ୍ତି ବିଷୟରେ ସୂଚନା ଦେଇ ମୋଦୀ କହିଛନ୍ତି ଯେ, ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଯେ ଆଜି ହୋଇଥିବା ଅଡିଓ ଭିଜୁଆଲ ଚୁକ୍ତି ଦ୍ୱାରା ଚଳଚ୍ଚିତ୍ର ଓ ସଂଗୀତ, ବିଶେଷ କରି ତାମିଲ ଚଳଚ୍ଚିତ୍ର ଆମ ହୃଦୟକୁ ଆହୁରି ନିକଟତର କରିବ । ମୋଦୀ ମାଲେସିଆ ପ୍ରଧାନମନ୍ତ୍ରୀଙ୍କୁ ନିଜର ଜଣେ ଭଲ ବନ୍ଧୁ ବୋଲି ସମ୍ବୋଧିତ କରିଛନ୍ତି । ଏଥିସହ ମୋଦୀ ରବିବାର ୧୦ମ ଭାରତ-ମାଲେସିଆ ସିଇଓ ଫୋରମ ଅବସରରେ ମାଲେସିଆର ୪ଜଣ ପ୍ରମୁଖ ଶିଳ୍ପପତିଙ୍କ ସହ ଆଲୋଚନା କରିଛନ୍ତି । ଭାରତ ଓ ମାଲେସିଆ ମଧ୍ୟରେ ବଢୁଥିବା ବ୍ୟବସାୟିକ ସମ୍ପର୍କ (ବି୨ବି କନେକସନ)କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

# ଭାରତ ମାଡ଼ରେ କ୍ଷତିଗ୍ରସ୍ତ ଭୋଲାରୀ ଏୟାରବେସ୍‌ର ମରାମତି କରୁଛି ପାକିସ୍ତାନ



ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ବର୍ବର ଆକ୍ରମଣ ପରେ ଭାରତୀୟ ସେନା 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା । ଏହି ଅପରେସନ ସମୟରେ ଭାରତୀୟ ବାୟୁସେନା (ଆଇଏଏଫ୍)ର ପ୍ରଚଣ୍ଡ ଆକ୍ରମଣରେ ପାକିସ୍ତାନର ଭୋଲାରି ଏୟାରବେସ୍‌ର ପ୍ରମୁଖ ହ୍ୟାଙ୍ଗର ଧ୍ୱଂସ ହୋଇଯାଇଥିଲା । ଏହି ଘଟଣାର ୮ ମାସ ପରେ ନୂଆ ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି ଯେ, ପାକିସ୍ତାନ ଏବେ ଏହାର ମରାମତି ଆରମ୍ଭ କରୁଛି ।ହ୍ୟାଙ୍ଗରର ଛାତ ଖୋଲିଛି । ଅପରେସନ ସିନ୍ଦୂର ସମୟରେ ଆଇଏଏଫ୍‌ର ଏହି ଆକ୍ରମଣରେ ପାକିସ୍ତାନର ଏକ ଅତି ଗୁରୁତ୍ୱପୂର୍ଣ୍ଣ ଏୟାରବୋର୍ଣ୍ଣ ଆର୍ଲି ୱାର୍ଣ୍ଣିଂ ଆଣ୍ଡ କଣ୍ଟ୍ରୋଲ ବିମାନ ନଷ୍ଟ ହୋଇଯାଇଥିଲା । ଏହି ବିମାନଟି ହ୍ୟାଙ୍ଗରରେ ଥିବା ବେଳେ ମିସାଇଲ ମାଡ଼ ହୋଇଥିଲା । ସାଟେଲାଇଟ୍ ଚିତ୍ରରୁ ଜଣାଯାଇଛି ଯେ, ହ୍ୟାଙ୍ଗରର କ୍ଷତିଗ୍ରସ୍ତ ସବୁଜ ରଙ୍ଗର ଛାତକୁ ବାହାର କରିଦିଆଯାଇଛି । ତେଣୁ ଏଠାରେ ପୁନଃ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ମନେ ହେଉଛି । କେବଳ ଭୋଲାରି ନୁହେଁ, ପାକିସ୍ତାନ ମୁରିଦ, ସୁକ୍କୁର ଓ ନୁର ଖାନ୍ ଏୟାରବେସ୍ ଉପରେ ମଧ୍ୟ ଆଇଏଏଫ୍ ଆକ୍ରମଣ କରିଥିଲା । ଏଠାରେ ମଧ୍ୟ ମରାମତି କାର୍ଯ୍ୟ ଚାଲିଛି । ଭୋଲାରି ଆକ୍ରମଣର କିଛି ଘଣ୍ଟା ମଧ୍ୟରେ ପାକିସ୍ତାନ ସେନା ଅଧିକାରୀମାନେ ଭାରତ ସହ ଯୋଗାଯୋଗ କରି ଯୁଦ୍ଧବିରତି ପାଇଁ ଅନୁରୋଧ କରିଥିଲେ । ଏହି ଆକ୍ରମଣରେ ପାକିସ୍ତାନ ବାୟୁସେନାର ୬ଜଣ ମୃତ୍ୟୁବରଣ କରିଥିଲେ ।

# ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ବିଦେଶ ଗସ୍ତ ପାଇଁ ଅନୁମତି ଦେଲାନି କେନ୍ଦ୍ର

ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କୁ କେନ୍ଦ୍ର ସରକାର ବଡ଼ ଝଟ୍‌କା ଦେଇଛନ୍ତି । ପୁଣିଥରେ ମାନ୍‌ଙ୍କ ବିଦେଶ ଗସ୍ତକୁ ଅନୁମତି ଦେଇନାହାନ୍ତି । ଏଥିଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ଚେକ୍ ରିପବ୍ଲିକ ଏବଂ ନେଦରଲାଣ୍ଡ ଗସ୍ତକୁ ରଦ୍ଦ କରିଦିଆଯାଇଛି । ଏ ପର୍ଯ୍ୟନ୍ତ ତାଙ୍କର ଧାର୍ଯ୍ୟ ଯାତ୍ରାକୁ ନେଇ କୌଣସି ସୂଚନା ମିଳିନାହିଁ । ଥରେ କି ଦୁଇ ଥର ନୁହେଁ, ଏହାକୁ ମିଶାଇ ତୃତୀୟ ଥର ପାଇଁ ମାନ୍‌ଙ୍କ ଗସ୍ତକୁ ରାଜନୈତିକେ ଅନୁମିତ ମିଳିପାରି ନାହିଁ । ଏହା ପୂର୍ବରୁ ଜାନୁଆରୀରେ ସେ ବ୍ରିଟେନ ଏବଂ ଇସ୍ରାଏଲ ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିଲା । ମାତ୍ର କେନ୍ଦ୍ର ଏହାକୁ ମଞ୍ଜୁରି ଦେଇ ନ ଥିଲା । ସେହିପରି ପ୍ୟାରିସ ଅଲମ୍ପିକ୍ ସମୟରେ ଫ୍ରାନ୍ସ ଯିବା ପାଇଁ ମାନ୍ ମାଗିଥିବା ଅନୁମତିକୁ ମଧ୍ୟ କେନ୍ଦ୍ର ଖାରଜ କରି ଦେଇଥିଲା । ଏହି ଘଟଣାକ୍ରମ ପଞ୍ଜାବର ଆପ୍ ସରକାର ଏବଂ କେନ୍ଦ୍ର ମଧ୍ୟରେ ଥିବା ତିକ୍ତତାପୂର୍ଣ୍ଣ ସମ୍ବନ୍ଧକୁ ଦର୍ଶାଉଛି । ଏହାକୁ ନେଇ ଆପ୍ ପକ୍ଷରୁ କେନ୍ଦ୍ରକୁ

**ତୃତୀୟ ଥର ପାଇଁ ମାନ୍‌ଙ୍କୁ ମିଳିଲାନି ମଞ୍ଜୁରି**

ସମାଲୋଚନା କରାଯାଇଛି । ବିରୋଧୀ ଶାସିତ ରାଜ୍ୟଙ୍କୁ କେନ୍ଦ୍ର ନିଶାଣ କରୁଥିବା ଅଭିଯୋଗ କରାଯାଇଛି । ଆପ୍ ନେତା କହିଛନ୍ତି ଯେ ଏପରି କଟକଣା ରାଜ୍ୟର ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି । ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ନିବେଶ, ଶିକ୍ଷା ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ବଢ଼ାଇବା ପାଇଁ ବିଦେଶ ଗସ୍ତ କରୁଥିବାବେଳେ ପଞ୍ଜାବକୁ ଅନୁମତି ନ ଦେବା ଚିନ୍ତାର ବିଷୟ ।

ସୂଚନା ଅନୁଯାୟୀ, ଆସନ୍ତା ମାସରେ ପଞ୍ଜାବରେ ନିବେଶକ ସମ୍ମିଳନୀ ହେବାକୁ ଯାଉଛି । ରାଜ୍ୟକୁ ନିବେଶ ଆଣିବା ନିମନ୍ତେ ଦୁଇ ୟୁରୋପୀୟ ଦେଶକୁ ମାନ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳ ଯିବାର ଥିଲା । ପ୍ରୋଟୋକଲ ଅନୁଯାୟୀ, କୌଣସି ଆନୁଷ୍ଠାନିକ ବିଦେଶ ଗସ୍ତ ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ କେନ୍ଦ୍ରଠାରୁ ରାଜନୈତିକ ଅନୁମୋଦନ ଆଣିବାର ନିୟମ ରହିଛି । ମାତ୍ର କେଉଁ କାରଣରୁ ମାନ୍‌ଙ୍କୁ ଅନୁମତି ଦିଆଯାଇ ନାହିଁ ତାହାର କୌଣସି ସୂଚନା ବିଦେଶ ବ୍ୟାପାର ବିଭାଗ ଦେଇ ନାହିଁ । ତୃତୀୟ ଥର ପାଇଁ ଏପରି ହୋଇଥିବାରୁ ଏହାକୁ ନେଇ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ବିବାଦ ଉଗ୍ର ହେବାରେ ଲାଗିଛି ।

# ଗୋଗୋଇଙ୍କ ପତ୍ନୀଙ୍କର ଆଇଏସ୍‌ଆଇ ସହ ସମ୍ପର୍କ ଅଛି: ଆସାମ ମୁଖ୍ୟମନ୍ତ୍ରୀ

ଗୌହାଟୀ,୮ ।୨(ଏଜେନ୍ସି): ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ପୁଣି ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ସାଂସଦ ଗୌରବ ଗୋଗୋଇଙ୍କ ପତ୍ନୀଙ୍କର ପାକିସ୍ତାନ ସହ ସମ୍ପର୍କ ରହିଛି । ଏହି ପ୍ରସଙ୍ଗ ଖୁବଶୀଘ୍ର ଅଧିକ ତଦନ୍ତ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ପଠାଯିବ । ଆସାମ ସରକାର ଗୌରବଙ୍କ ପତ୍ନୀ ଏଲିଜାବେଥ କୋଲବର୍ଣ୍ଣଙ୍କ ଓସିଆଇ/ ଭିସା ରଦ୍ଦ କରିବାକୁ ଦାବି କରିବେ । କାରଣ ସେ ଏବେ ଭାରତ ପାଇଁ ବିପଦ ସୃଷ୍ଟି କରିଛନ୍ତି । ହିମନ୍ତ ଅଭିଯୋଗ କରିଛନ୍ତି ଯେ, ଗୋଗୋଇଙ୍କ ପତ୍ନୀ ଏଲିଜାବେଥଙ୍କ ପାକିସ୍ତାନୀ ଏଜେଣ୍ଟ ଅଲି ତୌକିର ଶେଖଙ୍କ ସହ ଅତି ନିବିଡ଼ ସମ୍ପର୍କ ରହିଛି । ଏକ ପାକିସ୍ତାନୀ ସଂସ୍ଥା ଗୌରବଙ୍କ ପତ୍ନୀଙ୍କୁ ଚାକିରି ଦେଇଥିଲା ଓ ପରେ ତାଙ୍କୁ ଭାରତକୁ ସ୍ଥାନାନ୍ତର କରିଥିଲା । ଭାରତ ସମ୍ପର୍କରେ ଅନେକ ତଥ୍ୟ ସଂଗ୍ରହ କରି ପାକିସ୍ତାନୀ ନାଗରିକ ଅଲି ଶେଖଙ୍କୁ ରିପୋର୍ଟ କରିବା ନେଇ ଏଲିଜାବେଥଙ୍କ ବିରୋଧରେ ହିମନ୍ତ ଅଭିଯୋଗ କରିଛନ୍ତି । ଏହି କାମ ପାଇଁ ତୌକିର ଶେଖ ଏଲିଜାବେଥଙ୍କୁ ଦରମା ଦେଉଥିଲେ । ଗୌରବ ମଧ୍ୟ ଏହାର ଜବାବ ଦେଇ କହିଛନ୍ତି ଯେ, ଯଦି ମୋ ସ୍ତ୍ରୀ ଆଇଏସ୍‌ଆଇ ଏଜେଣ୍ଟ, ତାହାଲେ ମୁଁ ମଧ୍ୟ ଆରଏଡବ୍ଲ୍ୟୁ ଏଜେଣ୍ଟ । ହିମନ୍ତଙ୍କ ଅଭିଯୋଗ ସବୁ ମିଥ୍ୟା । ନିଜ ଉପରେ ଅଭିଯୋଗ ଆସୁଥିବା ବେଳେ ନଜର ହଟାଇବାକୁ ଏପରି କହୁଛନ୍ତି ବୋଲି ଗୌରବ କହିଛନ୍ତି ।


## ଏପଷ୍ଟିନ ଫାଇଲ ସହ ସମ୍ପର୍କ ନାହିଁ: ଦଲାଇ ଲାମାଙ୍କ କାର୍ଯ୍ୟାଳୟ

ଧର୍ମଶାଳା,୮ ।୨(ଏଜେନ୍ସି): ସାରା ବିଶ୍ୱରେ ଚର୍ଚ୍ଚା ଚାଲିଥିବା 'ଏପଷ୍ଟିନ ଫାଇଲ୍ସ' ଯୌନ କେଳଙ୍କାରୀ ମାମଲା ସହ ତିବତ୍ତୀୟ ବୌଦ୍ଧ ଧର୍ମଗୁରୁ ଦଲାଇ ଲାମାଙ୍କ ନାମକୁ ଯୋଡ଼ା ଯାଉଛି । ଗତ କିଛିଦିନ ହେବ ସାମାଜିକ ଗଣମାଧ୍ୟମରେ ଓ କିଛି ଗଣମାଧ୍ୟମ ରିପୋର୍ଟରେ ଦଲାଇ ଲାମାଙ୍କର ଆମେରିକୀୟ ଶିଶୁ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ସହ ସମ୍ପର୍କ ଥିବା ଦାବି କରାଯାଇଥିଲା । ଏହି ସମସ୍ତ ଦାବି ଉପରେ ଦଲାଇ ଲାମାଙ୍କ କାର୍ଯ୍ୟାଳୟ ଆନୁଷ୍ଠାନିକ ଭାବେ ଏକ ବିବୃତ୍ତି ଜାରି କରିଛି । ତାଙ୍କ କାର୍ଯ୍ୟାଳୟ ଏହି ଖବରକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛି । ଜାରି କରାଯାଇଥିବା ପ୍ରେସ ବିବୃତ୍ତିରେ କୁହାଯାଇଛି ଯେ, ଆମେ ସମ୍ପୂର୍ଣ୍ଣ ସ୍ୱଷ୍ଟତାର ସହ ନିଶ୍ଚିତ କରୁଛୁ ଯେ, ଦଲାଇ ଲାମା କେବେବି ଏପଷ୍ଟିନଙ୍କୁ ଭେଟିନାହାନ୍ତି । ସେ ନିଜ ପକ୍ଷରୁ କାହାକୁ ଏପଷ୍ଟିନଙ୍କୁ ଭେଟିବା ବା କଥାବାର୍ତ୍ତା କରିବା ପାଇଁ ଅଧିକାର ଦେଇନାହାନ୍ତି । ଏହି ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ତାଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି ।

### ଗଞ୍ଜେଇ ଚାଷ ଓ ଚାଲାଣ: ଶୀର୍ଷରେ ଓଡ଼ିଶା

# ୫ ବର୍ଷରେ ୧୦ ଲକ୍ଷ କିଲୋ ଜବତ

ଭୁବନେଶ୍ୱର,୮ ।୨(ସମିସ): ବେଆଇନ ଗଞ୍ଜେଇକୁ ରୋକିବାକୁ ପୁଲିସଠାରୁ ଆରମ୍ଭ କରି ବିଭିନ୍ନ ୱିଙ୍ଗ୍ ଧରପଗଡ଼ କରୁଛନ୍ତି। କେବଳ ଧରପଗଡ଼ କରୁନାହାନ୍ତି, ବରଂ ନିଶାମାଫିଆଙ୍କୁ ଗିରଫ କରି ସମ୍ପତ୍ତି ମଧ୍ୟ ଜବତ କରୁଛନ୍ତି। ତଥାପି, ରାଜ୍ୟରେ



ଗଞ୍ଜେଇ ଚାଷ ଓ ଚାଲାଣ ବଢ଼ିବାରେ ଲାଗିଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର ତଥ୍ୟ ସର୍ବଭାରତୀୟ ସ୍ତରରେ ଓଡ଼ିଶାକୁ ଲଜ୍ଜିତ କରିଛି।

ତଥ୍ୟ ଅନୁସାରେ, ଗତ ୫ବର୍ଷରେ ଓଡ଼ିଶାରୁ ସର୍ବାଧିକ ୧୦.୬ ଲକ୍ଷ କିଲୋ ଗଞ୍ଜେଇ ଜବତ ହୋଇଛି। ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଥିବା ଆନ୍ଧ୍ରପ୍ରଦେଶରୁ ୫.୫ ଲକ୍ଷ ଓ ସିକ୍କିମରୁ ସର୍ବନିମ୍ନ ୪ କିଲୋ ଗଞ୍ଜେଇ ଜବତ କରାଯାଇଛି। ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିବା ରାଜ୍ୟରୁ ଜବତ ଗଞ୍ଜେଇ ମଧ୍ୟରେ ୫ଲକ୍ଷ କିଲୋରୁ ଅଧିକ ଅନ୍ତର ରହିଛି। ଏହି ୫ବର୍ଷ ମଧ୍ୟରେ ଉତ୍ତରପ୍ରଦେଶରୁ ୨.୪ଲକ୍ଷ କିଲୋ, ଆସାମରୁ ୧.୯ଲକ୍ଷ କିଲୋ, ରାଜସ୍ଥାନ ଓ ମହାରାଷ୍ଟ୍ରରୁ ୧.୬ଲକ୍ଷ କିଲୋ, ପଶ୍ଚିମବଙ୍ଗରୁ ୧.୫ଲକ୍ଷ କିଲୋ, ମଧ୍ୟପ୍ରଦେଶରୁ

**■ ଜବତ ଯଦି ଏତେ; ଚାଷ ହେଉଛି କେତେ?**
**■ ପାଖାପାଖି ନାହାନ୍ତି ଅନ୍ୟ କୌଣସି ରାଜ୍ୟ**

୧.୨ଲକ୍ଷ କିଲୋ, ଦିଲ୍ଲୀରୁ ୭୮.୯ହଜାର କିଲୋ, କର୍ଣ୍ଣାଟକରୁ ୬୬.୩ ହଜାର କିଲୋ ଓ କେରଳରୁ ୫.୫ କିଲୋ ଗଞ୍ଜେଇ ଜବତ ହୋଇଛି।

ଗତବର୍ଷ ନଭେମ୍ବରରେ ଆନ୍ଧ୍ରପ୍ରଦେଶର ବିଜୟୱାଡାରୁ ୨୪୯ କିଲୋ ଗଞ୍ଜେଇ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଥିଲା ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ)। ତାହା ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଯାଉଥିଲା ବୋଲି ତଦନ୍ତ ବେଳେ ଜଣାପଡ଼ିଥିଲା। ଏହି ଘଟଣାରୁ ଅନୁମାନ କରାଯାଉଛି ଯେ ଗତ ୫ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରୁ ଜବତ ହୋଇଥିବା ୫.୫ଲକ୍ଷ କିଲୋ ଗଞ୍ଜେଇରେ ମଧ୍ୟ ସିଂହଭାଗ ଗଞ୍ଜେଇ ଓଡ଼ିଶାର। ଦୁଇଟିଯାକ ରାଜ୍ୟ ଲାଗି କରି ରହିଥିବାରୁ ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗଞ୍ଜେଇ ଚାଷ ହୋଇ ଆନ୍ଧ୍ରପ୍ରଦେଶ ଦେଇ ଚାଲାଣ ହେଉଥିବା କୁହାଯାଉଛି।

ରାଜ୍ୟ ଓ ଦେଶ ବାହାରେ ଓଡ଼ିଶା ଗଞ୍ଜେଇର ଚାହିଦା ରହିଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଅନେକ ସମୟରେ ରାଜ୍ୟ ଓ ଦେଶ ବାହାରୁ ଓଡ଼ିଶା ଗଞ୍ଜେଇ ଜବତ କରିଛି। ଏବେବି ରାଜ୍ୟର କୋରାପୁଟ, ମାଲକାନଗିରି, କନ୍ଧମାଳ, ଗଜପତି, ରାୟଗଡ଼ା ଆଦି ଜିଲ୍ଲାରେ ଗଞ୍ଜେଇ ଚାଷ ହେଉଛି। 'ଅପରେସନ ପ୍ରହାର' ମାଧ୍ୟମରେ ରାଜ୍ୟରେ ବେଆଇନ ଗଞ୍ଜେଇ କାରବାରକୁ ରୋକିବାକୁ ପୁଲିସ ଉଦ୍ୟମ କରୁଛି। ପାହାଡ଼ିଆ ଅଞ୍ଚଳରେ ହେଉଥିବା ଗଞ୍ଜେଇ ଚାଷକୁ ଡ୍ରୋନ୍ ସାହାଯ୍ୟରେ ଚିହ୍ନଟ କରାଯାଇ ସେଗୁଡ଼ିକୁ ନଷ୍ଟ କରାଯାଉଛି। ତଥାପି ଏଥିରେ ସମ୍ପୂର୍ଣ୍ଣ ଭାବେ ରୋକ୍ ଲାଗିପାରୁନାହିଁ।

ସେପଟେ, କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ମାଓବାଦୀଙ୍କ ମୂଳୋତ୍ପାଟନ ପାଇଁ ମାଓ ଅଧ୍ୟୁଷିତ ଜିଲ୍ଲାରେ ସ୍ୱତନ୍ତ୍ର ଅପରେସନ୍ ଚାଲିଛି। ଅନେକ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରୁଥିବା ବେଳେ ଆଉ କିଛି ପୁଲିସ ଗୁଳିରେ ପ୍ରାଣ ହରାଉଛନ୍ତି। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ମାଓମୁକ୍ତ ବୋଲି ଘୋଷଣା ମଧ୍ୟ କରାଯାଉଛି। ଠିକ୍ ସେତିକିବେଳେ ମାଓବାଦୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଉଥିବା ଗଞ୍ଜେଇ ଚାଷ କିନ୍ତୁ ଥମିବାର ନା ଧରୁନାହିଁ। ଦେଶ ବାହାରୁ ଆସୁଥିବା ମାରିଜୁଆନାକୁ ଧରିବାରେ ସଫଳ ହେଉଥିବା ବେଳେ ରାଜ୍ୟରେ ହେଉଥିବା ବେଆଇନ ଗଞ୍ଜେଇ ଚାଷକୁ ମୂଳପୋଛ କରିବାରେ ପୁଲିସର ପାରିବାପଣିଆ ପଦାରେ ପଡ଼ିଛି। ଏତେ ପରିମାଣର ଗଞ୍ଜେଇ ଜବତ ହେବା ପରେ କେତେ ପରିମାଣର ଚାଷ ହେଉଥିବ, ତାହା ସହଜରେ ଅନୁମେୟ।

### ପାରିବାରିକ କଳହର କରୁଣ ପରିଣତି

# ପୁଅକୁ ଛୁରି ଭୁସି ହତ୍ୟା କଲା ବାପା

କଙ୍କଡ଼ାହାଡ଼, ୮ ।୨(ସମିସ): ପାରିବାରିକ କଳହର କରୁଣ ପରିଣତି। ଜନ୍ମ କଲା ପୁଅକୁ ଛୁରି ଭୁସି ମାରିଦେଲା ବାପା। କଙ୍କଡ଼ାହାଡ଼ ଥାନା ମରୁଆବିଲ ପଞ୍ଚାୟତ କମ୍ପୁଲେଇ ଗ୍ରାମରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଗ୍ରାମର ବିଭୂତି ସାହୁ (୫୫)ଙ୍କ ପୁଅ କ୍ଷୀରୋଦ ସାହୁ (୨୨)। ହତ୍ୟାକାଣ୍ଡ ଘଟାଇ ବିଭୂତି ଫେରାର୍ ହୋଇଯାଇଛନ୍ତି।



ପରିବାରଲୋକଙ୍କ କହିବାନୁଯାୟୀ, ଶନିବାର କୌଣସି କାରଣକୁ ନେଇ ବାପ-ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ବିଭୂତି ନିଶାସକ୍ତ ଅବସ୍ଥାରେ ଘରେ ପାଟିତୁଣ୍ଡ କରିବା ସହ କ୍ଷୀରୋଦଙ୍କୁ ମାରିବା ପାଇଁ ଇଟା, ପଥର ପକାଇଥିଲେ। ଏ ସମ୍ପର୍କରେ କ୍ଷୀରୋଦ ରବିବାର ଅପରାହ୍ନ ୧ଟାରେ କଙ୍କଡ଼ାହାଡ଼ ଥାନାରେ ଲିଖିତ ଅଭିଯୋଗ କରି ଘରକୁ ଫେରିଥିଲେ। ଘରେ ପହଞ୍ଚିବା ମାତ୍ରେ ବିଭୂତି ତାଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ପରିବାରଲୋକେ କ୍ଷୀରୋଦଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସର ଅବହେଳାରୁ କ୍ଷୀରୋଦଙ୍କ ମୃତ୍ୟୁ ହୋଇଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି।

ଅନ୍ୟପଟେ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ, କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା ପ୍ରମୁଖ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଶ୍ରୀ ବେହେରା କହିଛନ୍ତି, ଗତକାଲି କମ୍ପୁଲେଇ ଗ୍ରାମର ଜଣେ ମହିଳା ପୁଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ କରିଥିଲେ। ପୁଅକୁ ତା' ବାପା ଆକ୍ରମଣ କରୁଥିବା ସେ କହିଥିଲେ। ରାତି ପ୍ରାୟ ୧୧ଟାରେ ପୁଲିସ ଗାଁରେ ପହଞ୍ଚିଲା ବେଳକୁ ସମସ୍ତେ ଶୋଇ ପଡ଼ିଥିବାରୁ ପୁଲିସ ଫେରିଆସିଥିଲା। ଆଜି କ୍ଷୀରୋଦଙ୍କ ଅଭିଯୋଗ ଆଧାରରେ ଅପରାହ୍ଣରେ ମାମଲା ରୁଜୁ କରାଯାଇଛି। ତେବେ କ୍ଷୀରୋଦ ଥାନାରୁ ଯାଇ ଘରେ ପହଞ୍ଚିବା ପରେ ବାପା ହତ୍ୟା କରିଥିବା ଥାନା ଅଧିକାରୀ କହିଛନ୍ତି। ମୃତଦେହ ଏହି କାମାକ୍ଷାନଗର ଉପଖଣ୍ଡ ହସ୍ପିଟାଲରେ ଥିବା ବେଳେ ବ୍ୟବଚ୍ଛେଦ ହୋଇ ନ ଥିବା ପୁଲିସ ସୂଚନା ଦେଇଛି।

### ସୁପ୍ରିମକୋର୍ଟଙ୍କ ଅନ୍ତରୀଣ ଜାମିନ

# ଛତିଶଗଡ଼ ବିଧାୟକଙ୍କୁ ନିଜ ରାଜ୍ୟ ମନା

ମାଲକାନଗିରି, ୭ ।୨(ସମିସ): ଛତିଶଗଡ଼ର ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ତଥା ବର୍ତ୍ତମାନର କୋଣ୍ଟା ବିଧାୟକ କବାସୀ ଲଖମାଙ୍କୁ ଛତିଶଗଡ଼ରେ ପ୍ରବେଶ ବାରଣ। ମଦ ଦୁର୍ନୀତି ମାମଲାରେ ଛନ୍ଦି ହୋଇପଡ଼ିଥିବା ଲଖମାଙ୍କ ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବା ସହ ଏହି ସର୍ତ୍ତ ରଖିଛନ୍ତି। ତେଣୁ, ଲାଖମା ପଡ଼ୋଶୀ ରାଜ୍ୟ ଓଡ଼ିଶାର ମାଲକାନଗିରି ଜିଲ୍ଲାକୁ ନିଜର ରହଣିସ୍ଥଳ ଭାବେ ବାଛି ନେଇଛନ୍ତି। ଗତକାଲି ଲାଖମା ମାଲକାନଗିରିରେ ପହଞ୍ଚିବା ପରେ ଜିଲ୍ଲା କଂଗ୍ରେସ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସର୍ବୋଚ୍ଚ ଅଦାଲତଙ୍କ ନିୟମ ପାଳନ କରିବା ସହ ଆଇନକୁ ସମ୍ମାନ ଜଣାଇ ସେ ଛତିଶଗଡ଼ରେ ନରହି ମାଲକାନଗିରିରେ ରହିବେ ବୋଲି କହିଥିଲେ। ଏହି ଅବସରରେ ସେ ବିଜେପି ସରକାର ଉପରେ ବର୍ଷିଥିଲେ। ସେ କହିଥିଲେ ଯେ ବିଜେପି ସରକାର



**ମାଲକାନଗିରିରେ ରହିବେ କବାସୀ ଲଖମା**

ତାଙ୍କ ବିରୋଧରେ ଷଡ଼୍‌ଯନ୍ତ୍ର କରି ତାଙ୍କୁ ୧୩ ମାସ ଅଯଥାରେ ଜେଲ୍‌ରେ ରଖିଥିଲା। କିନ୍ତୁ ତାଙ୍କୁ ବଦ୍‌ନାମ କରିବା ପାଇଁ ବିଜେପିର ସବୁ ଉଦ୍ୟମ ବିଫଳ ହେବ ବୋଲି ସେ କହିଥିଲେ। ଏହି ଅବସରରେ ସେ ମାଲକାନଗିରି ଜିଲ୍ଲା କଂଗ୍ରେସ ସହ ମିଶି କାର୍ଯ୍ୟ କରିବେ ବୋଲି କହିଥିଲେ। ସୂଚନାଯୋଗ୍ୟ, ଗତ ୪ ତାରିଖରେ ସୁପ୍ରିମ୍‌କୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି।

### ଚୌଦ୍ୱାର ଜେଲ୍‌ରେ କଏଦୀଙ୍କ ଗହଣା ଗାଏବ

# ଜେଲ୍ ଅଧୀକ୍ଷକଙ୍କ ବିରୋଧରେ ସଂଗୀନ ଅଭିଯୋଗ

ଚୌଦ୍ୱାର,୮ ।୨(ସମିସ): ଓଡ଼ିଶାର ସବୁଠାରୁ ବଡ଼ କାରାଗାର କୁହାଯାଉଥିବା ଚୌଦ୍ୱାର ମଣ୍ଡଳ କାରାଗାର ଏବେ ଅପରାଧୀଙ୍କ ପାଇଁ ନୁହେଁ, ବରଂ ନିଜ ପରିସରରେ ଘଟୁଥିବା ଅନିୟମିତତା ଓ ଅଧିକାରୀଙ୍କ ମଧ୍ୟରେ ଚାଲିଥିବା ବିବାଦ ପାଇଁ ଚର୍ଚ୍ଚାର ଶିରୋନାମା ପାଲଟିଛି। କେତେବେଳେ କଏଦୀର ଆତ୍ମହତ୍ୟା ତ ପୁଣି କେତେବେଳେ ସୁଉଚ୍ଚ ପାଚେରୀ ଡେଇଁ କଏଦୀ ଫେରାର ହେବା ଭଳି ଘଟଣା ଜେଲ୍ ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏବେ ଜଣେ ମହିଳା ବନ୍ଦୀଙ୍କ ସୁନା ଗହଣା ଗାଏବ ହୋଇଯିବା ଘଟଣା ଜେଲରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଜେଲ୍ ଭିତରେ ସିସିଟିଭି କ୍ୟାମେରା ସମ୍ମୁଖରେ ଜମା ରଖାଯାଇଥିବା ଗହଣା କୁଆଡ଼େ ଗଲା, ସେନେଇ ଜେଲ୍ ଅଧିକାରୀଙ୍କ ପାଖରେ କୌଣସି ସନ୍ତୋଷଜନକ ଉତ୍ତର ନ ଥିବା ବେଳେ ଏବେ ଅଧିକ୍ଷକ ଓ ଜେଲରଙ୍କ ମଧ୍ୟରେ ଆରମ୍ଭ ହୋଇଛି ଶୀତଳ ଯୁଦ୍ଧ।

ଘଟଣାରୁ ପ୍ରକାଶ ଯେ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର ଇତିଶ୍ରୀ ମହାନ୍ତି ନାମକ ଜଣେ ମହିଳା ଗତ ୨୦୨୫ ସେପ୍ଟେମ୍ବର ମାସରେ ଗିରଫ ହୋଇ ଚୌଦ୍ୱାର ଜେଲକୁ ଆସିଥିଲେ। ଜେଲରେ ପ୍ରବେଶ ସମୟରେ ନିୟମ ଅନୁଯାୟୀ ସେ ପିନ୍ଧିଥିବା ପ୍ରାୟ ୧୧ ଗ୍ରାମରୁ ଅଧିକ ଓଜନର ସୁନା କାନଫୁଲ, ମୁଦି ଓ ନାକଗୁଣାକୁ ଜେଲ୍ କର୍ମଚାରୀମାନେ ସିସିଟିଭି ସମ୍ମୁଖରେ ଜବତ କରି ଏକ ଖାମରେ ରଖିଥିଲେ। ଇତିଶ୍ରୀ ଦୀର୍ଘ ୩ ମାସ ଜେଲରେ ରହିବା ପରେ ଜାମିନ ପାଇ ମୁକୁଳିବା ସମୟରେ ଯେତେବେଳେ ନିଜର ଗହଣା ମାଗିଥିଲେ, ସେତେବେଳେ ଜେଲ୍ କର୍ତ୍ତୃପକ୍ଷ ଗହଣା ମିଳୁ ନ ଥିବା କହି ତାଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରାଇ ଶେଷରେ ଫେରାଇ ଦେଇଥିଲେ। ଏହି ଘଟଣା ପରେ ଇତିଶ୍ରୀ ବାରମ୍ବାର ଜେଲକୁ ଦୌଡ଼ିଥିଲେ ହେଁ ତାଙ୍କୁ କେବଳ ପ୍ରତିଶ୍ରୁତି ମିଳିଥିଲା, କିନ୍ତୁ ନିଜର କଷ୍ଟଅର୍ଜିତ ସୁନା ଗହଣା ଫେରି ପାଇ ନ ଥିଲେ। ଏହି ସମଗ୍ର ଘଟଣାରେ ଜେଲ୍ ଅଧିକ୍ଷକ ସୁଜିତ ରାଉଳଙ୍କ ଭୂମିକାକୁ ନେଇ ଏବେ ଗମ୍ଭୀର ଅଭିଯୋଗ ଉଠିଛି। ଇତିଶ୍ରୀଙ୍କ ଦାବି ଅନୁଯାୟୀ, ଗହଣା ଫେରାଇବା ପରିବର୍ତ୍ତେ ଅଧିକ୍ଷକ ତାଙ୍କୁ ପୂର୍ବତନ ଜେଲର୍ ସନ୍ତୋଷିନୀ ଦାସଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରିବାକୁ ପ୍ରବର୍ତ୍ତାଇଥିଲେ। ଯଦି ସେ ପୂର୍ବତନ ଜେଲରଙ୍କ ନାମରେ ଏତଲା ଦିଅନ୍ତି, ତେବେ ତାଙ୍କୁ କିଛି ଆର୍ଥିକ ସହାୟତା ମଧ୍ୟ ମିଳିବ ବୋଲି ପ୍ରଲୋଭନ ଦେଇଥିଲେ। ଏହି ଘଟଣା ଜେଲ୍ ପ୍ରଶାସନ ଭିତରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳକୁ ପଦାରେ ପକାଇ ଦେଇଛି। ଜଣେ ଉଚ୍ଚପଦସ୍ଥ ଅଧିକାରୀ କିଭଳି ନିଜ ସହକର୍ମୀଙ୍କୁ ଫସାଇବା ପାଇଁ ଜଣେ ସାଧାରଣ ମହିଳାଙ୍କୁ ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି, ତାହାକୁ ନେଇ ଚୌଦ୍ୱାର ଥାନାରେ ଇତିଶ୍ରୀ ଲିଖିତ ଏତଲା ଦେଇଛନ୍ତି।

ଅନ୍ୟପକ୍ଷରେ, ଅଧିକ୍ଷକ ଶ୍ରୀ ରାଉଳ ଏହି ସମସ୍ତ ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଗହଣା ହଜିବା ଏକ ସତ୍ୟ ଘଟଣା ହୋଇଥିଲେ ହେଁ ଏଥିପାଇଁ ପୂର୍ବତନ ଜେଲର ଦାୟୀ। ଜେଲ୍ ମାନୁଆଲ ଅନୁଯାୟୀ ବନ୍ଦୀମାନଙ୍କ ମୂଲ୍ୟବାନ ସମ୍ପତ୍ତିର ଦାୟିତ୍ୱ କେବଳ ଜେଲରଙ୍କର ଥାଏ ଏବଂ ବଦଳି ସମୟରେ ପୂର୍ବତନ ଜେଲର ଏହି ଗହଣାକୁ ରେଜିଷ୍ଟରରେ ହସ୍ତାନ୍ତର କରିନାହାନ୍ତି।

### +୨ ପରୀକ୍ଷା ପ୍ରସ୍ତୁତି

# କପି ରୋକିବାକୁ ଛାତ୍ରଛାତ୍ରୀଙ୍କ ହେବ 'ବଡି ଫ୍ରିସ୍କିଂ'

ଭୁବନେଶ୍ୱର, ୮ ।୨(ସମିସ): +୨ ପରୀକ୍ଷାରେ କପିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀଙ୍କୁ କଡ଼ାକଡ଼ି ଯାଞ୍ଚ କରାଯିବ। ପ୍ରବେଶପଥରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯିବ। କପି ଓ ଇଲେକଟ୍ରୋନିକ୍ସ ସାମଗ୍ରୀ ଯେପରି ପରୀକ୍ଷା କେନ୍ଦ୍ର ବା ହଲ୍ ଭିତରକୁ କେହି ନେଇ ନ ପାରିବେ, ସେଥିପାଇଁ ଶରୀର ଯାଞ୍ଚ ବା ବଡି ଫ୍ରିସ୍କିଂ କରାଯିବ। ଛାତ୍ରୀମାନଙ୍କୁ ସ୍ୱତନ୍ତ୍ର କୋଠରିରେ ବା କପଡ଼ାରେ ତିଆରି କକ୍ଷରେ କେବଳ ମହିଳା ପରୀକ୍ଷା ନିରୀକ୍ଷକ ଯାଞ୍ଚ କରିବେ। ଯାଞ୍ଚ ସମୟରେ ପରୀକ୍ଷାର୍ଥୀମାନେ ଏକା ସମୟରେ ଆସିଲେ ମଧ୍ୟ କାହା ପ୍ରତି କୋହଳ ମନୋଭାବ ପୋଷଣ କରାଯିବ ନାହିଁ। ମୋବାଇଲ୍ ଓ ଅନ୍ୟାନ୍ୟ ବୈଦ୍ୟୁତିକ ସାମଗ୍ରୀ ରୋକିବା ପାଇଁ ଦୁଇସ୍ତରୀୟ ଯାଞ୍ଚ କରାଯିବ। ପରୀକ୍ଷା ଆରମ୍ଭର ଅଧଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ପରୀକ୍ଷା ହଲ୍‌କୁ ପ୍ରବେଶ କରିବେ। ୧୫ମିନିଟ୍ ପୂର୍ବରୁ ନିଜ ସିଟ୍‌ରେ ବସିବେ। ପରୀକ୍ଷା ସହ ଜଡ଼ିତ ନଥିବା ବ୍ୟକ୍ତି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶନାମା ଜାରି ହୋଇଛି।

ଅନୁରୂପ ଭାବେ, ପରୀକ୍ଷା ସମୟରେ ସୁରକ୍ଷା ପାଇଁ ବ୍ୟାପକ ପୁଲିସ୍ ମୁତୟନ ହେବେ। ହବ୍‌ରେ ପ୍ରଶ୍ନପତ୍ର ସୁରକ୍ଷା ପାଇଁ ୨୪ ଘଣ୍ଟିଆ ବନ୍ଧୁକଧାରୀ ପୁଲିସ ରହିବେ। ସେହିପରି ହବ୍‌ରୁ ପ୍ରଶ୍ନପତ୍ର ବାହାରି ପରୀକ୍ଷା କେନ୍ଦ୍ରକୁ ପହଞ୍ଚାଇବା ସମୟରେ ମଧ୍ୟ ପୁଲିସ କଡ଼ା ସୁରକ୍ଷା ପ୍ରଦାନ କରିବ। କେବଳ ହବ୍ ନୁହେଁ, ପରୀକ୍ଷା କେନ୍ଦ୍ରର ନିରାପତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପୁଲିସ ମୁତୟନ

**■ ହବ୍ ଓ ପରୀକ୍ଷା କେନ୍ଦ୍ରରେ ପୁଲିସ ଦେବ କଡ଼ା ପହରା**
**■ ପରୀକ୍ଷା କେନ୍ଦ୍ରକୁ କେହି ନେଇ ପାରିବେନି ମୋବାଇଲ୍**
**■ ତଦାରଖ ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ**

ହେବେ। ସେହିପରି, ଉତ୍ତରଖାତାକୁ ମଧ୍ୟ କଡ଼ା ସୁରକ୍ଷାରେ ମୂଲ୍ୟାଙ୍କନ କେନ୍ଦ୍ରରେ ପହଞ୍ଚାଇବେ। ଜିଲ୍ଲା ପ୍ରସାଶନ ପକ୍ଷରୁ ପରୀକ୍ଷା ପର୍ଯ୍ୟବେକ୍ଷଣ ଓ ତଦାରଖ ପାଇଁ ପ୍ରତିନିଧି ନିଯୁକ୍ତ ହେବେ। ଏହାସହ ହବ୍ ଓ ପରୀକ୍ଷା କେନ୍ଦ୍ର ମଧ୍ୟରେ ସମନ୍ୱୟ ରଖିବା ପାଇଁ ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ମୁଖ୍ୟ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ଦିନ ସକାଳ ସାଢ଼େ ୮ ସୁଦ୍ଧା ପ୍ରଶ୍ନପତ୍ର ପ୍ୟାକେଟ୍ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ଜରୁରୀ ବୋଲି କୁହାଯାଇଛି।

ପରୀକ୍ଷା ଶେଷ ହେବା ପୂର୍ବରୁ ପ୍ରଶ୍ନପତ୍ର ଯେପରି ବାହାରକୁ ନ ଆସେ, ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ କେବଳ ପରୀକ୍ଷାର୍ଥୀ ନୁହନ୍ତି, କୌଣସି ଅଧିକାରୀ, ପର୍ଯ୍ୟବେକ୍ଷକ, ସ୍କ୍ୱାଡ୍ ସଦସ୍ୟ, ଜିଲ୍ଲା ପ୍ରଶାସନର କର୍ମଚାରୀ ମଧ୍ୟ ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ନେବାକୁ ବାରଣ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପୂର୍ବରୁ ନିଜ ମୋବାଇଲ୍ ଫୋନ୍‌କୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖରେ ଜମା କରିବେ କିମ୍ବା ନିଜ ଗାଡ଼ିରେ ରଖିବେ। ସୁପରିଣ୍ଟେଣ୍ଡେଣ୍ଟମାନେ ଜମା ହୋଇଥିବା ଫୋନ୍‌ର ତାଲିକା କରି ତାରିଖ ଅନୁସାରେ ରେକର୍ଡ ରଖିବାକୁ କୁହାଯାଇଛି। ସେହିପରି ପରୀକ୍ଷା ସରିବା ପୂର୍ବରୁ ପରୀକ୍ଷା କେନ୍ଦ୍ର ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ସାଙ୍ଗରେ ପ୍ରଶ୍ନପତ୍ର ବାହାରକୁ ନେବା ପାଇଁ ଅନୁମତି ଦିଆଯିବ ନାହିଁ। ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ସମ୍ପର୍କରେ ଶନିବାର ମୁଖ୍ୟ ସଚିବ ଅନୁ ଗର୍ଗ ସମୀକ୍ଷା କରିବା ସହ ପରୀକ୍ଷା ସୁପରିଚାଳନା ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଏସବୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଚଳିତବର୍ଷ ସମୁଦାୟ ୪ ଲକ୍ଷ ୧୬ ହଜାର ୬୨୩ ଜଣ ପରୀକ୍ଷାର୍ଥୀ ଯୁକ୍ତ ଦୁଇ ପରୀକ୍ଷା ଦେବେ।

# ଦେଶର ୧୦୦ ଦୁର୍ଘଟଣାପ୍ରବଣ ଅଞ୍ଚଳ ଭିତରେ ଗଞ୍ଜାମ

ବ୍ରହ୍ମପୁର/ଛତ୍ରପୁର, ୮ ।୨(ସମିସ): ସଡ଼କ ଦୁର୍ଘଟଣାରେ ଗଞ୍ଜାମ ଏକ ଅଲୋଡ଼ା ରେକର୍ଡ କରିଛି। ଦେଶର ୧୦୦ ଦୁର୍ଘଟଣାପ୍ରବଣ ଜିଲ୍ଲା ଭିତରେ ଗଞ୍ଜାମ ସ୍ଥାନ ପାଇଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟର ଏହି ତଥ୍ୟ ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ତଥ୍ୟ ଅନୁଯାୟୀ, କେବଳ ୨୦୨୫ ମସିହାରେ ଗଞ୍ଜାମ





ଜିଲ୍ଲାରେ ଘଟିଥିବା ମୋଟ ୯୨୫ଟି ସଡ଼କ ଦୁର୍ଘଟଣାରେ ୪୬୮ ଜଣଙ୍କ ଜୀବନ ଯାଇଛି। ସେହିପରି ୫୧୪ ଜଣ ଆହତ ହୋଇଛନ୍ତି। ପ୍ରାଣ ହରାଇଥିବା ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତି ଦୁର୍ଘଟଣା ସମୟରେ ହେଲମେଟ୍ ପିନ୍ଧି ନଥିଲେ ବୋଲି ସେଥିରେ ଉଲ୍ଲେଖ ରହିଛି। ଦେଶରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ପାଇଁ ସୁପ୍ରିମ୍‌କୋର୍ଟଙ୍କଠାରୁ ଆରମ୍ଭ କରି ରାଜ୍ୟଗୁଡ଼ିକ ବିଭିନ୍ନ ପଦକ୍ଷେପ ନେଉଥିଲେ ହେଁ ମୃତକଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। ଅପରପକ୍ଷେ, ଏହି ପରିସଂଖ୍ୟାନକୁ ନେଇ ଜିଲ୍ଲା ପ୍ରଶାସନର ମୁଣ୍ଡବିନ୍ଧା ଆରମ୍ଭ ହୋଇଛି। ଏହାକୁ ଗୁରୁତ୍ୱର ସହ ନେଇ ସଡ଼କ ସୁରକ୍ଷା ନିୟମର କଠୋର୍ ପାଳନ ପାଇଁ ଗଞ୍ଜାମ ଜିଲ୍ଲାର ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି

**■ ୨୦୨୫ରେ ୯୨୫ ଦୁର୍ଘଟଣା ନେଇଛି ୪୬୮ ଜୀବନ**
**■ ନିୟମ ଅନୁପାଳନ ପାଇଁ ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ**

ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ।

ଏକ ପତ୍ର ମାଧ୍ୟମରେ ସେ ଜଣାଇଛନ୍ତି ଯେ ଜିଲ୍ଲାର ଲୋକଙ୍କ କଲ୍ୟାଣ ପାଇଁ ସଡ଼କ ସୁରକ୍ଷା ପରି ମୌଳିକ ବିଷୟରେ ପ୍ରଥମେ ଆମେ ନିଜେ ଉଦାହରଣ ସୃଷ୍ଟି କରିବା ଆମର ନୈତିକ ଓ ପ୍ରଶାସନିକ ଦାୟିତ୍ୱ। ଏଣୁ କର୍ମଚାରୀମାନେ ଦୁଇଚକିଆ ଯାନରେ ଯାତ୍ରା କରୁଥିବା ବେଳେ ନିଜେ ଏବଂ ଆପଣଙ୍କ ସହଯାତ୍ରୀ ହେଲମେଟ୍ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ଚାରିଚକିଆ ଯାନ ଚଳାଇବା କିମ୍ବା ଯାତ୍ରା କରିବା ସମୟରେ ସିଟ୍‌ବେଲ୍ଟ ବାନ୍ଧନ୍ତୁ। ଗତିସୀମା, ଟ୍ରାଫିକ୍ ସିଗ୍ନାଲ୍ ଓ ସମସ୍ତ ସଡ଼କ ସୁରକ୍ଷା ନିୟମକୁ ଅନୁପାଳନ କରନ୍ତୁ। ଆପଣଙ୍କ ପରିବାର, ବନ୍ଧୁବର୍ଗ ଓ ସମୁଦାୟକୁ ପ୍ରତିଦିନ ସୁରକ୍ଷିତ ଯାତ୍ରା ଅବଲମ୍ବନ କରିବାକୁ ପ୍ରେରିତ କରନ୍ତୁ। ଏହା କେବଳ ନିୟମ ପାଳନର ପ୍ରସଙ୍ଗ ନୁହେଁ; ଏହା ଜୀବନ ସୁରକ୍ଷାର ପ୍ରଶ୍ନ। ସଡ଼କ ସୁରକ୍ଷା ସମ୍ପର୍କିତ ନିୟମାବଳୀର ଉଲଂଘନ କଲେ, ମୋଟର ଯାନ ଆଇନ ଅନୁସାରେ ଜରିମାନା, ଦଣ୍ଡ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଓ ଅନ୍ୟାନ୍ୟ ବୈଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ବିଭାଗ ମୁଖ୍ୟମାନେ ନିଜନିଜ କାର୍ଯ୍ୟାଳୟ ପରିସରରେ ଉକ୍ତ ନିର୍ଦ୍ଦେଶାବଳୀକୁ କଠୋରତାର ସହ ପାଳନ କରିବେ। ପ୍ରବେଶଦ୍ୱାର ଏବଂ ପାର୍କିଂସ୍ଥଳୀର ସିସିଟିଭି ରେକର୍ଡିଂଗୁଡ଼ିକୁ ସଂରକ୍ଷିତ ରଖିବେ। ଏଥିଦ୍ୱାରା ସମସ୍ତେ ସଚେତନ ହେବେ ଓ ଦୁର୍ଘଟଣା ଏଡ଼ାଇଯିବ ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

## କୋରାପୁଟ ଡିଏମ୍ଏଫ୍ ଟ୍ରଷ୍ଟ ବୋର୍ଡ ବୈଠକ

# ୧୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ



କୋରାପୁଟ,୮ ।୨(ସମିସ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ କୋରାପୁଟ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି।କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଉଲକା,କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ପ୍ରମୁଖ ଉପସ୍ଥିତ ଥିଲେ।ଦୁଇ ଆର୍ଥିକ ବର୍ଷ ପାଇଁ ପ୍ରକଳ୍ପ ଚୟନ ହୋଇଥିବା ବେଳେ ପ୍ରତ୍ୟେକ ପ୍ରକଳ୍ପ ଗୁଡିକୁ ନିରୀକ୍ଷଣ କରାଯାଇଥିଲା।୬୦୦ କୋଟି ଟଙ୍କାର ପ୍ରସ୍ତାବ ଆସିଥିଲା ,ନିରୀକ୍ଷଣ ପରେ ୧୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। ନୂଆ ମାର୍ଗଦର୍ଶିକା ପ୍ରକାରେ ସିଧାସଳଖ କ୍ଷତିଗ୍ରସ୍ତ ଅଂଚଳରେ ଅଗ୍ରାଧିକାର ଭିତ୍ତିରେ ପାଣ୍ଠି ବିନିଯୋଗ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ୱାସ୍ଥ୍ୟ,ଶିକ୍ଷା, ଗମନାଗମନ, ଭିତ୍ତିଭୂମି ଓ ଜୀବିକା ଉପରେ ଗୁରୁତ୍ୱ ଦିଆଯାଇଛି।ସମସ୍ତ ପ୍ରକଳ୍ପର ଗ୍ରାମସଭାରେ ଅନୁମୋଦନ ହୋଇଛି କି ନାହିଁ ତାହା ପୁଙ୍ଖାନୁପୁଙ୍ଖ ଭାବେ ନିରୀକ୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଯଥାଶୀଘ୍ର ଆର୍ଥିକ ଅନୁମୋଦନ କରି ପାଣ୍ଠି ବିନିଯୋଗ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, କୋରାପୁଟ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓ,ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଖଣି ଉପ ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗର ଏସଡିଓ ଅମୀୟ କୁମାର ନାୟକ,ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀକୃଷ୍ଣ ଶବର, ରାସ୍ତା ଓ ଗୃହ ନିର୍ମାଣ କୋରାପୁଟ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ବିଭାଗର ଏଡିପିଏଚଓ ଡାକ୍ତର ଶିବ ସାଇ ସ୍ୱରୂପ, ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ, ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଆମ୍ବାବାଲି ପଞ୍ଚାୟତ ସମିତି ସଭ୍ୟଇନ୍ଦୁ ବେଟକରୀ,ବିଜାଘାଟି ସରପଞ୍ଚ ପି ସିରିକା ପ୍ରମୁଖ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ।ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡିଏମଏଫ ସଂଯୋଜକ ହିମାଂଶୁ ଶତପଥି ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

● ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

# ସମାଜ ସଂସ୍କାର ମୂଲ୍ୟବୋଧ ହିଁ ପ୍ରକୃତ ଶିକ୍ଷା



ନନ୍ଦପୁର,୮।୨(ସମିସ): ନନ୍ଦପୁର ବ୍ଲକ କୁଲାବିର ପଞ୍ଚାୟତ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟବକ୍ତା ଭାବେ ସୁନାମଧନ୍ୟ କବି ବିଚିତ୍ରା ନନ୍ଦ ପଣ୍ଡା ଯୋଗଦେଇ ପାଠପଢା ସହ ନୀତି ଶିକ୍ଷା ଆଦର୍ଶ ସହ ସାମାଜିକ ସଂସ୍କାର ମୂଲ୍ୟବଧ ଶିକ୍ଷା ହିଁ ପ୍ରକୃତ ଶିକ୍ଷା ବୋଲି କହିଛନ୍ତି । ଏହି ଉତ୍ସବରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଭାରତ ମାତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି କାମେସ କାମୁଡି, ପୂର୍ବତନ ସରପଞ୍ଚ ରାମ କରିକୃଷ୍ଣ ପଡା ଲ, କୁଲା ବିର ସରଫଂଚ ଶୋଇତ ସମେଳି, ନନ୍ଦପୁର ବ୍ଲକ କଂଗ୍ରେସ ସଭାପତି ମଦନ ହାଡ ପୁଟି ଆ,ସମିତି ସଭ୍ୟା ରୁପାମ ଖିଲ, ଚାଟୁଆ ଗ୍ରାମ ପଞ୍ଚାୟତ ସରପଞ୍ଚ ମଣିମା ହନ୍ତାଳ ପ୍ରମୁଖ ଯୋଗ ଦେଇ ଥିଲେ । ଏହି ଅବସରରେ ବିଦ୍ୟାଳୟର ସମ୍ପାଦକ ଶତ୍ରୁଘ୍ନ ହିକାବାଡି, ପ୍ରଧାନ ଆଚାର୍ଯ୍ୟା , ଶ୍ରୀଧର ସୁତାର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା ସଭାପତି ଲୋକେଶ କାଟ କମ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିବା ବେଳେ ବିଦ୍ୟାଳୟ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତି ଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ ।ପରେ ବିଦ୍ୟାଳୟ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



କୁନ୍ଦୁରା,୮।୨(ସମିସ): କୁନ୍ଦୁରା ସ୍ଥିତ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟଠାରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଓଡିଶା ସରକାର ଓ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶରେ ଗତ ୨୭ ତାରିଖ ଠାରୁ ଆଠ ଦିନିଆ ତାଲିମ ପ୍ରଦାନ କରାଯାଉଥିଲା।ଏଥିରେ ୧୦୫ଜଣ ଛାତ୍ରୀ ସାମିଲ ଥିଲେ। ଆଜିର ଉଦଯାପନୀ ସଭାରେ ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରି ଛାତ୍ରୀ ମାନଙ୍କୁ ଆନାରକ୍ଷା ଶିବିରର ଉଦ୍ଦେଶ୍ୟ ସମ୍ବନ୍ଧରେ ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥି ଭାବେ ସିଡିପିଓ ଆରତୀ ମହାପାତ୍ର ଯୋଗଦେଇ ଛାତ୍ରୀ ମାନଙ୍କୁ ଆନରକ୍ଷା କୌଶଳ ଦ୍ୱାରା କିଭଳି ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ରୋକିବା ଏବଂ ନିଜ ଭିତରେ ଆତବିଶ୍ୱାସ ସୃଷ୍ଟି କରିବା ଭଳି ପ୍ରେରଣାପୂର୍ଣ୍ଣ ପରାମର୍ଶ ଦେଇଥିଲେ। ସନ୍ନମାନିତ ଅତିଥି ଭାବେ ବିଜୁ ପଟନାୟକ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷା ରିତାରାଣୀ କରଣ ଆଣାରକ୍ଷା କୌଶଳ ନାରୀ ମାନଙ୍କୁ କାହିଁକି ଆବଶ୍ୟକ ଏବଂ ନାରୀ ମାନେ ନିଜକୁ କିପରି ସୁରକ୍ଷା କରିପାରିବେ ସେଥିପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଥାନା ଏଏସଆଇ ସନାତନ ସୁନାନୀ, ମହାବିଦ୍ୟାଳୟ ପ୍ରତିଷ୍ଠାତା ପଞ୍ଚାନନ ଗୌଡ଼ ପ୍ରମୂଖ ମଞ୍ଚାସୀନ ଥିଲେ । ଅଧାପକ ରମେଶ ଚନ୍ଦ୍ର ଲେଙ୍କା, ଅଧାପିକା ଅଜିତା ପଣ୍ଡାଙ୍କ ସମେତ ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ତାଲିମ୍ ପ୍ରାପ୍ତ ପ୍ରଶିକ୍ଷିକା ପ୍ରେମିକା ଖୋସଲା ଏବଂ ସୁକଲଦେଇ ପରଜା ଛାତ୍ରୀ ମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ। କରାଟେ ଶିକ୍ଷକ ଦେବାଶିଷ ପାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ କୌଶଳ ଶିଖାଇ ଥିଲେ ଓ ଏହି ଆତ୍ମରକ୍ଷା ଶିବିରକୁ ସଂଯୋଜିକା ରଶ୍ମିତା ପ୍ରଧାନ ପରିଚାଳନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ମଲ୍ଟି ପରପୋଜ୍ ସ୍ପୋର୍ଟ୍‌ସ ଏକାଡେମୀର ମିନି ମାରାଥନ

ଉମରକୋଟ,୮।୨(ସମିସ): ଉମରକୋଟ ମଲ୍ଟି ପରପୋଜ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଆଜି ଏକ ମିନି ମାରାଥନ ଅନୁଷ୍ଠିତ ହୋଇଛି। ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ତଥା କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ସକାଳ ୮ଟା ରୁ ଅଧିକାରୀ ଗୁଡା ଓଭର ବ୍ରିଜ ଠାରୁ ଏହି ମାରାଥନ ବାହାରି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଉଦ୍‌ଯାପିତ ହୋଇଥିଲା। ଉମରକୋଟ ତହସିଲଦାର ମେଗବାନ ବାଗ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ଅନୁଷ୍ଠାନରୁ ୧୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ବିପିନ କୁମାର ବାଘ, ଏସଆଇ ଅକ୍ଷୟ କୁମାର ମିଶ୍ର, ବିଶ୍ୱରଞ୍ଜନ ପାଢ଼ୀ ଓ ନରେନ୍ଦ୍ର ଗୋଲାପୀଙ୍କ ପ୍ରତ୍ୟେକ୍ଷ ସହଯୋଗରେ ସମାପନ ହୋଇଥିଲା। ସେହିଭଳି ମେଡିକାଲ ଅଫିସର ପୂଜାରୀଗୁଡା ଡା.ଅଜୟ କୁମାର ପ୍ରଧାନ, ଡା.ପଦ୍ମିନୀ ସାହୁ, ଫାର୍ମାସିଷ୍ଟ ରଞ୍ଜନ କୁମାର ଜେନା, ଅଶୋକ କୁମାର ସାହୁ, ଗୁରୁକୃପା ଶିକ୍ଷାନୁଷ୍ଠାନ ସଭାପତି ମନୋଜ କୁମାର ପାଢ଼ୀ, କ୍ରୀଡା ଶିକ୍ଷକ




ବ୍ରଜବନ୍ଧୁ କାଣ୍ଡି, କିଶୋର ଚନ୍ଦ୍ର ସିଲ, ଜିଲା କ୍ରୀଡାସଙ୍ଘ ମହିଳା ସଂଯୋଜିକା ଇଂ.ଚନ୍ଦନା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ଏ ଠାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉମରକୋଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଯୋଗ ଦେଇ ପରିଚାଳନା ନିର୍ଦ୍ଦେଶକ ମଲ୍ଟି ପରପୋଜ ସ୍ପୋର୍ଟ୍ସ ଏକାଡେମୀ ଏମ. ବିଜୟ କୁମାରଙ୍କ ଉଦ୍ୟମକୁ ବେଶ ପ୍ରଶଂସା କରାଯାଇଥିଲା। ମିନି ମାରାଥନରେ ଅଂଶଗ୍ରହଣ କରିଥିବା ସମସ୍ତ ପୁରୁଷ ଓ ମହିଳା ବିଭାଗୀୟ କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରିଥିଲେ। ଉଭୟ ବିଭାଗରେ କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ୧୦ ଜଣଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା ଓ ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ କ୍ରୀଡ଼ାବିତଙ୍କୁ ୬୦୦୦ ଟଙ୍କା,ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କୃତୀ କ୍ରୀଡ଼ାବିତଙ୍କୁ ୪୦୦୦ ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ କ୍ରୀଡ଼ାବିତଙ୍କୁ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା ।

## ରାୟଗଡ଼ା ଜିଲ୍ଲା ବିଜେଡି ଯୁବ ସଭାପତି ହେଲେ ଧୀରେନ୍ଦ୍ର ପାଣିଗ୍ରାହୀ

ମୁନିଗୁଡ଼ା,୮ ।୨(ସମିସ): ରାୟଗଡ଼ା ଜିଲ୍ଲା ବିଜେଡି ଯୁବ ସଭାପତି ଭାବେ ମନୋନୀତ ହୋଇଛନ୍ତି ଧୀରେନ୍ଦ୍ର ପାଣିଗ୍ରାହୀ। ବିଜୁ ଜନତା ଦଳ ତରଫରୁ ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ କରିବା



ପାଇଁ ଏହି ଦାୟିତ୍ୱ ଶ୍ରୀ ପାଣିଗ୍ରାହୀଙ୍କୁ ମିଳିଛି। ଧୀରେନ୍ଦ୍ର ପୂର୍ବରୁ ଯୁବକ ମାନଙ୍କୁ ସଂଗଠିତ କରିବା ଓ ବିଜେଡି ଦଳର ପ୍ରତିଷ୍ଠିତ ଯୁବ ନେତା ଭାବେ କାର୍ଯ୍ୟ କରି ଜିଲ୍ଲାରେ ଦଳକୁ ସୁଦୃଢ କରିଥିଲେ। ରାୟଗଡ଼ା ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସାରକା, ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ, ମୁନିଗୁଡା ବ୍ଲକ ସଭାପତି ରତନ ଜୈନ,ଜିଲ୍ଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ସଂଗଠକ ପିଙ୍କୁ ପାତ୍ର, ବୃନ୍ଦାବନ ପାଢ଼ୀଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଶ୍ରୀ ପାଣିଗ୍ରାହୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଗୁପ୍ତେଶ୍ୱର ପୀଠ ପଲିଥିନ ମୁକ୍ତ ପାଇଁ ବୈଠକ

ବୈପାରୀଗୁଡ଼ା, ୮।୨(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୋଡା ଛକରେ ଫ୍ରେଣ୍ଡସ୍ ୟୁନିଟ୍ କ୍ଲବ୍ ଓ ଲକ୍ଷ୍ମଣ ନାୟକ ଯୁବ ସେନା ସଦସ୍ୟଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ପୀଠ ତଥା ଜୈବ ବିବିଧତା ଐତିହ୍ୟସ୍ଥଳୀ ଗୁପ୍ତେଶ୍ୱର ଶୈବପୀଠକୁ ପଲିଥିନ ମୁକ୍ତ ପାଇଁ ଆଲୋଚନା କରାଯାଇଛି । ଏନେଇ ଆସନ୍ତା କାଲି ବ୍ଲକ ପ୍ରଶାସନଙ୍କୁ ଏକ ଦାବି ପ୍ରଦାନ କରାଯିବ ବୋଲି ସୂଚନା ରହିଛି। ଆଗକୁ ପୀଠରେ ବହୁ ଆଡମ୍ବର ଭାବେ ଶବରାତ୍ରି ତଥା ଜାଗରେ ଯାତ୍ରା ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ହେଲେ ପୀଠକୁ ପଲିଥିନି ମୁକ୍ତ ପାଇଁ ବନ ବିଭାଗ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ସଚେତନ ମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି କିନ୍ତୁ ପୀଠରେ ପଲିଥିନି ମୁକ୍ତ ହୋଇପାରୁନାହିଁ । ଏଣୁ ଜାଗର ଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ପଲିଥିନ ମୁକ୍ତ ନିୟମ ଲାଗୁ କରିବା ସହ ସଚେତନ କାର୍ଯ୍ୟ ପାଇଁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ଜଣାପଡିଛି । ଏହି ବୈଠକରେ କାମାକ୍ଷା ପ୍ରସାଦ ମାଝୀ, ଅଭିମନ୍ୟୁ ରୋଗଡି , ଜଗନ୍ନାଥ ନାୟକ, ଭୀମସେନ ହରିଜନ, ଧନପତି ନାୟକ, ଏମ୍ ତେଜେଶ୍ୱର ରାଓ, ସନୁ ତେନ୍ତୁଳିପାଡିଆ, ଚକ୍ର ବୈରାଗୀ, ମଧୁସୂଦନ ରାଉତ, ଉମା ମହେଶ୍ୱର, ବିଜୟ ଖରା, ସନିଆ ସୁକ୍ରି ଓ ମାଧବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବୈପାରିଗୁଡ଼ା,୮।୨(ସମିସ): ବୈପାରିଗୁଡା ବୀରଖମ୍ବ ଶକ୍ତି ପୀଠର ଟେକବାଡ଼ ନିକଟରେ କଲେଜ ଅଧ୍ୟକ୍ଷଙ୍କ ପାଇଁ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ବୈପାରିଗୁଡା ସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ଜୁନିଅର କଲେଜର ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ୧୯୯୬ ମସିହାରେ ସ୍ଥାପିତ ହୋଇଥିବା ସହିଦ୍ ଲକ୍ଷ୍ମଣ ନାୟକ ଯୁକ୍ତ ଦୁଇ ମହାବିଦ୍ୟାଳୟରେ ପଢୁଥିବା ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଜି ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ କଲେଜ ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣାଙ୍କ ସହ କଲେଜର ଅଧାପକ ଓ ଅଧାପିକା ଯୋଗ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ମହାରଣାଙ୍କୁ ବାଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ଅଧାପକ ନିଜ ନିଜର ଅନୁଭୂତି ଜଣେଇ ଥିଲେ। ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଛାତ୍ର କ୍ଷୀରୋଦ କୁମାର ପାଇକ, ସୁରେନ୍ଦ୍ର ଖରା, ଭବାନୀ ମାଳି, ପି. ଅଶୋକ କୁମାର, ପୁରୁଷୋତ୍ତମ ତଲିଆ, କୈଳାସ ଗୋଲରୀ, ଅନିଲ୍ ପାତ୍ର, ଫିରୋଜ ଦୋରା, ଛାତ୍ରୀଙ୍କ ମଧ୍ୟରୁ ପ୍ରମୋଦିନୀ କର, କୃଷ୍ଣ ପ୍ରିୟା ଗୌଡ଼, ରଶ୍ମି ନାୟକ, ପୁଷ୍ପାଞ୍ଜଳି ପଟ୍ଟନାୟକ ଓ ପାର୍ବତୀ ପ୍ରମୁଖ ଯୋଗ ଦେଇଥିଲେ।

● ବାଇକ୍ ଧକ୍କାରେ ଯୁବକ ମୃତ

## ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ରାୟଗଡ଼ା, ୮।୨(ସମିସ): ରବିବାର ରାତି ୯ଟା ସମୟରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକ ହୋଇଛି। ମୃତକ ଜଣକ ହେଲେ ରାୟଗଡ଼ା ସଦର ବ୍ଲକ ପିତାମହଲ ପଞ୍ଚାୟତ ଅନ୍ତର୍ଗତ ଦିଶାରୀଗୁଡା ଗ୍ରାମର ସୁନୀଲ ହିମିରିକା (୪୦) । ପିତାମହଲ - ସିରିକଣା ମୁଖ୍ୟ ବାଇପାସ ରାସ୍ତାର ଦିଶାରୀଗୁଡା ଛକ ନିକଟରେ ସୁନୀଲ ରାସ୍ତା ଅତିକ୍ରମ କରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ସୁନୀଲକୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଗୁରୁତରଆହତହୋଇରକ୍ତାକ୍ତଅବସ୍ଥାରେସୁନୀଲମୃତ୍ୟୁବରଣକରିଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ୍‌ର ପାର୍ଟ ଗୁଡିକୁ ରାସ୍ତା ଉପରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ବାଇକ ଚାଳକ ଘଟଣା ସ୍ଥଳରୁ ବାଇକ୍ ନେଇ ଫେରାର ହୋଇଥିବା ଜଣାପଡିଛି। ଘଟଣା ସ୍ଥଳରେ ମୃତକଙ୍କ ପରିବାର ବର୍ଗ ଏବଂ ଗ୍ରାମବାସୀ ପହଞ୍ଚି କ୍ଷତିପୂରଣ ଦାବି କରି ରାସ୍ତା ରୋକ କରିଥିବା ବେଳେ ଶେଷଖାଲ ଥାନା ଅଧିକାରୀ ଏବଂ ପୋଲିସ କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛନ୍ତି। ପିତାମହଲ ଗ୍ରାମ ପଞ୍ଚାୟତ ସରପଞ୍ଚ ଟୁଟୁ ତାଡିଙ୍ଗି ପହଞ୍ଚି ଦୁର୍ଘଟଣା ଘଟାଇ ଥିବା ବାଇକ୍ ଚାଳକଙ୍କୁ ଧରିବା ପାଇଁ ପୁଲିସ ନିକଟରେ ଦାବି କରିଥିଲେ । ଏ ନେଇ ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ମେଡିକାଲରେ ପଚରା ଉଚୁରା କରିଥିବା ବେଳେ ଖବର ଲେଖାହେବା ସୁଦ୍ଧା ତାଙ୍କର ତଥ୍ୟ ମିଳି ନ ଥିବା ଜଣାପଡିଛି।

## ଶେଷ ହେଉନି ପକ୍କା ରାସ୍ତା, ଲୋକେ ହନ୍ତସନ୍ତ

ପୋଡ଼ାଗଡ଼,୮।୨(ସମିସ) : ଏବେ ବି ଅନେକ ଗ୍ରାମ ରହିଛି ଯେଉଁ ଗାଁକୁ ପକ୍କା ରାସ୍ତା ସପନ ପାଲଟିଛି। ଏପରି ଏକ ଗ୍ରାମ ରହିଛି ଯେଉଁ ଗାଁକୁ ଅଧା ପର୍ଯ୍ୟନ୍ତ ପକା ରାସ୍ତା ହେଇଛି । କିନ୍ତୁ ଗାଁ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। କିନ୍ତୁ ଗୁଗୁଲ ମ୍ୟାପରେ ରାସ୍ତା ପୁରା ଗ୍ରାମରେ ଥିବା, ବିଦ୍ୟାଳୟ ପର୍ଯ୍ୟନ୍ତ ପକ୍କା ରାସ୍ତା ଦେଖାଉଛି। ବାସ୍ତବରେ ରାସ୍ତାଟି ଗ୍ରାମରୁ ୨ କିମି ଆଗରେ ଅଟକି ଯାଇଛି। ରାସ୍ତା ନିର୍ମାଣ ହୋଇ ଦୀର୍ଘ ୨ ରୁ ୩ ବର୍ଷ ବିତଯାଇଥିଲେ ସୁଦ୍ଧା ଗ୍ରାମକୁ ପକ୍କା ରାସ୍ତା ପହଞ୍ଚି ପାରୁନାହିଁ। ଦଶମନ୍ତପୁର ବ୍ଲକ ଅଧିନସ୍ଥ ପିଣ୍ଡାପଦର ପଞ୍ଚାୟତ ଅନ୍ତର୍ଗତ ନାରଗଛ ଗ୍ରାମେଏଭଳି ଅବସ୍ଥା। ୨ ରୁ ୩ ବର୍ଷ ପୂର୍ବେ ଏନବିସିସି ନାମକ ଏକ ଠିକା ସଂସ୍ଥା ସୋରିଷ ପଦର ଛକରୁ ନାର ଗଛ ଗ୍ରାମକୁ ପକା ରାସ୍ତା ନିର୍ମାଣ କରିଥିଲା। କିନ୍ତୁ ନାର ଗଛ ଗ୍ରାମରେ ପହଞ୍ଚିବା ପୂର୍ବରୁ ହିଁ ରାସ୍ତା ଶେଷ କରି ଦେଇଛି। ଫଳରେ ଗ୍ରାମରେ ରାସ୍ତା ପହଞ୍ଚି ନଥିବାରୁ ଗ୍ରାମବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଗ୍ରାମରେ ଯଦି କାହାର ଦେହ ଖରାପ ହୁଏ, କିମ୍ବା ପ୍ରସୂତି ମହିଳାଙ୍କୁ ହସ୍ପିଟାଲ ନେବାକୁ ହୁଏ, ପ୍ରାୟ ୧ ରୁ ୨ କିମି ଭାରରେ ବୋହି ନେବାକୁ ପଡ଼ିଥାଏ ବଲି ଗ୍ରାମର ତାରା ମୁଦୁଲି, ତିରିନାଥ ମୁଦୁଲି, ଜୟଦାନ ମୁଦୁଲି, ଭାଗିରତି ଦିସାରି, କାର୍ତ୍ତିକ ଜାନି ପ୍ରମୁଖ କହିଛନ୍ତି। ଗ୍ରାମବାସୀ କହିଛନ୍ତ, ରାସ୍ତା ସମ୍ପୂର୍ଣ୍ଣ ହୋଇ ନଥିବା ବେଳେ କିପରି ଗୁଗୁଲ ମ୍ୟାପ୍‌ରେ ଦେଖାଉଛି। କଣ ପାଇଁ ଗାଁରେ ରାସ୍ତା ପହଞ୍ଚି ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥା ମଧ୍ୟରେ ସମନ୍ୱୟ ଅଭାବରୁ ରାସ୍ତା ଗ୍ରାମରେ ପହଞ୍ଚି ପାରୁ ନାହିଁ। ଏନେଇ ଜିଲ୍ଲା ପ୍ରଶାସନ ସହ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ କହିଛନ୍ତି।

## ଡେଙ୍ଗାଜାନିଗୁଡ଼ାରେ ସ୍ଥିତି ପରଖିଲେ ସାଂସଦ

# ଆନ୍ଦୋଳନ ପରେ ଚେତିଲା ପ୍ରଶାସନ

କୋରାପୁଟ/ପୋଡ଼ାଗଡ଼,୮।୨(ସମିସ): ନାଲ୍‌କୋ ରେଡମୋଡ ପଣ୍ଡ ଯୋଗୁଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ଦୀର୍ଘ ବର୍ଷରୁ ଦଶମନ୍ତପୁର ବ୍ଲକ ଡେଙ୍ଗାଜାନୀଗୁଡା ଗ୍ରାମବାସୀ କରି ଆସୁଥିବା ବେଳେ କୋରାପୁଟ ସାଂସଦ ସପ୍ତଗୀରି ଶଙ୍କର ଉଲ୍ଲାକା ରବିବାର ଡେଙ୍ଗାଜାନିଗୁଡ଼ା ଗସ୍ତ କରି ସ୍ଥିତି ପରଖିବା ସହ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଏ ବିଷୟରେ ସେ ସଂସଦରେ ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସାଂସଦଙ୍କ ସହ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ନିମାଇ ସରକାର, ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ, ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ ପ୍ରମୁଖ ଡେଙ୍ଗାଜାନିଗୁଡ଼ା ଗସ୍ତ କରି ଲୋକଙ୍କ ସହ ଆଲୋଚନା କରିଛନ୍ତି। ସୂଚନା ଥାଉକି ଡେଙ୍ଗାଜାନିଗୁଡ଼ା ଗ୍ରାମବାସୀ ନାଲକୋ ରେଡମୋଡ ପଣ୍ଡ ଯୋଗୁଁ କିଭଳି କ୍ଷତିଗ୍ରସ୍ତ ହେଉଛନ୍ତି, ସେମାନଙ୍କ ଚାଷ ଜମି ନଷ୍ଟ ହୋଇଛି ଓ ରାସାୟନିକ ପଦାର୍ଥ ଯୋଗୁଁ ପାନୀୟ ଜଳ ଦୂଷିତ ହେବା ସହ ଗ୍ରାମବାସୀ ଚର୍ମ, ଯକ୍ଷ୍ମା ରୋଗରେ



ଆକ୍ରାନ୍ତ ହେଉଥିବା ଏବଂ ଗୃହ ପାଳିତ ପ୍ରାଣୀ ସମ୍ପଦଙ୍କ ଜୀବନ ହାନି ହେଉଥିବା ଅଭିଯୋଗ କରି ଆସୁଥିଲେ। ଏଭଳି ଦୂଷିତ ପରିବେଶରେ ସେମାନେ ଗାଁରେ ରହିବା ବିପଦ ଜନକ ଦର୍ଶାଇ ସେମାନଙ୍କୁ ନାଲକୋ କର୍ତ୍ତୃପକ୍ଷ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରୁଥିଲେ। କିନ୍ତୁ,ଜିଲ୍ଲା ପ୍ରଶାସନ କିମ୍ବା ନାଲକୋ କର୍ତ୍ତୃପକ୍ଷ ଏଥିପ୍ରତି ଗୁରତ୍ୱ ଦେଉ ନଥିଲେ। ହେଲେ ୬ ତାରିଖ ଦିନ ପଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ନାଲକୋ ଜମିହରା ସଂଘ ଓ ଡେଙ୍ଗାଜାନିଗୁଡ଼ା ଗ୍ରାମବାସୀ ୧୦ ଦଫା ଦାବି ନେଇ ନାଲକୋ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଉଭୟଙ୍କ ନିଦ ଭାଙ୍ଗିଛି। ୭ ତାରିଖ ଦିନ ନାଲକୋ ଇଡି ଅମରେନ୍ଦ୍ର ମିଶ୍ର,ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଗ୍ରାମ ପରିଦର୍ଶନ କରି ଲୋକମାନଙ୍କ ସହ ଆଲୋଚନା କରିଥିଲେ। ନାଲକୋ ଇଡି ଇଂ ମିଶ୍ର ନଳକୂପ ପାଣିର ସ୍?ାଦ ଚାଖିଥିଲେ। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ମଧ୍ୟ ଉପସ୍ଥିତ ରହି ତୁରନ୍ତ ଲୋକଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି। ଆନ୍ଦୋଳନ ପରେ ନାଲକୋ ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲାପାଳ ନିଜେ ଉକ୍ତ ଗ୍ରାମକୁ ଯାଇ ନିଶ୍ଚିତ ଭାବେ ସ୍ଥିତି ଅନୁଧ୍ୟାନ କରିବେ ବୋଲି କଂଗ୍ରେସ ସଭାପତି ଶ୍ରୀ ତୁରୁକ ଆଶା ରଖିଛନ୍ତି। ଏହାର ସମାଧାନ ପାଇଁ ତୁରନ୍ତ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରାଯାଉ ବୋଲି ଦାବି ରଖିଛନ୍ତି। ନାଲକୋ ପ୍ରଭାବିତ ଗ୍ରାମ ଗୁଡିକରେ ସୁସ୍ଥ ପରିବେଶ ପ୍ରତି ଧ୍ୟାନ ଦିଆଯାଉ। ନଚେତ କଂଗ୍ରେସ ଦଳ ପୁନର୍ବାର ଆନ୍ଦୋଳନକୁ ଜୋରଦାର କରିବ ବୋଲି ଚେତାବନି ଦିଆଯାଇଛି।

# ଦିବ୍ୟାଙ୍ଗଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା



କୋରାପୁଟ,୮।୨(ସମିସ):

ସ୍ଥାନୀୟ ଟାଉନ୍ ହଲ ଠାରେ କୋରାପୁଟ ବ୍ଲକ ଏବଂ ପୌର ପରିଷଦ ତରଫରୁ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ସାସ୍କୃତିକ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଗତକାଲି ୨୮ କ୍ରୀଡ଼ା ଇଭେଣ୍ଟ ସ୍ଥାନୀୟ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ହୋଇଥିବା ବେଳେ ଆଜି ୧୨ ଗୋଟି ସାଂସ୍କୃତିକ ପ୍ରତିଯୋଗିତା ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବ୍ଲକ ଏବଂ ପୌରପରିଷଦର ଦୃଷ୍ଟି ବାଧିତ ବିଦ୍ୟାଳୟ, କୋରାପୁଟ, ମାନସ ବିଦ୍ୟାଳୟ, କୋରାପୁଟ, ସରକାରୀ ମହାବିଦ୍ୟାଳୟ, ଏବଂ ଏକତା ସଂସ୍ଥାରୁ ୧୪୭ ଜଣ କନିଷ୍ଠ ଏବଂ ବରିଷ୍ଠ ଦିବ୍ୟାଙ୍ଗମାନେ ସଂଗୀତ, ବୀଣା, ନାଚ, ବକ୍ତୃତା, ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରତିଯୋଗୀତା ଭାଗନେଇଥିଲେ ଏବଂ ସେମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ, କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝି ଯୋଗଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ପ୍ରମୋଦ କୁମାର ଡାକୁଆ, ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ପ୍ରେମଦାନୀ କିଣ୍ଡୋ, ପୌରପରିଷଦ ଗୋଷ୍ଠୀ ସଂଗଠିକା ସ୍ନିଗ୍ଧା ସାମଲ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ଶତପଥି ଯୋଗଦାନ କରିଥିଲେ। କନିଷ୍ଠ ସହାୟିକା ପିଙ୍କି ଅଡାରୀ, ଏପିଓ ସନ୍ତୋଷିନୀ ମହାପାତ୍ର, ଏଡିଇଓ ମନୋଜ କୁମାର ହିଆଲ, ପେସା ସଂଯୋଜିକା ମଞ୍ଜୁଳ ପାତ୍ର, ଡିଇଓ. ଡି. ରୋଜିକା, କାର୍ଯ୍ୟକ୍ରମ ସହାୟକ ୱାଇ ସୁନିଲ୍ କୁମାର, ନିତୀନ୍ କୁମାର ଭୁକ୍ତା, ବ୍ଲକ ତଥା ପୌରପାଳିକାର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଆଇନ ବସ୍ତି ଉଚ୍ଛେଦ ନେଇ ୪୭ ଜଣଙ୍କୁ ନୋଟିସ

## ବାଂଲାଦେଶୀ ରହୁଥିବା ଅଭିଯୋଗ ହୋଇଥିଲା



ଜୟପୁର, ୮।୨ (ସମିସ): କୋରାପୁଟ ଜିଲ୍ଲା ଜୟପୁର ତହସିଲର ଟାଙ୍କୁଆ ଗ୍ରାମପଞ୍ଚାୟତର ଜଗନ୍ନାଥପୁର ମୌଜାର ବାମୁଣି ଗାଁର ବାବା କୁପୁଲିର ସରକାରୀ ଜମିକୁ ଜବରଦଖଲ ସହିତ ଗୃହ ନିର୍ମାଣ ହୋଇଛି। ଭଡାରେ କିଛି ବଙ୍ଗଳାଦେଶୀ ଏଠାରେ ରହିବା ସହିତ ଫେରିବାଲା ଭାବେ ସହର ଏବଂ ଆଖପାଖରେ ବୁଲୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏଥିନେଇ ଜୟପୁର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଜୟପୁର -୧ର ରାଜସ୍ୱ ନିରୀକ୍ଷକ ସଦାଶିବ ହନ୍ତାଳ ଘଟଣାସ୍ଥଳକୁ ଯାଇ ତଦନ୍ତ ବେଳେ ଖାତା ନମ୍ବର ୪୫ ଏବଂ ପ୍ଲଟ ନମ୍ବର ୨୦୬ ରହିଥିବା ୧୨ ଏକର ୩୩ ଡେସିମିଲ ଜମିରୁ ପ୍ରାୟ ୬୦ରୁ ୭୦ ଡେସିମିଲ ସରକାରୀ ଜମିକୁ ଗତ କିଛି ବର୍ଷ ହେଲାଣି କିଛି ଲୋକ ଜବରଦଖଲ କରିଥିବା ସହିତ ଗୃହ ନିର୍ମାଣ କରି ରଖିଛନ୍ତି। ତେଣୁ ଆସନ୍ତା ୩୦ ଦିନ ମଧ୍ୟରେ ଉକ୍ତ ଜମିକୁ ଖାଲି କରିବାକୁ ୪୭ ଜଣ ଘର ମାଲିକଙ୍କୁ ନୋଟିସ ଜାରି କରାଯାଇଛି। ସରକାରୀ ନିର୍ଦ୍ଦେଶନାମାକୁ ଆସନ୍ତା ୩୦ ଦିନ ମଧ୍ୟରେ କାର୍ଯ୍ୟକାରୀ କରାନ ଗଲେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଯାଇଛି। ବାମୁଣି ଗାଁରେ ରହିଥିବା ଏହି ସରକାରୀ ଜମିକୁ ଜବରଦଖଲର କରାଯାଇ ଗୃହ ନିର୍ମାଣ କରି ଗତ ପ୍ରାୟ ୧୦ ବର୍ଷ ହେଲାଣି କିଛି ଲୋକ ରହୁଥିବା ବେଳେ କିଛି ଗୃହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ଉକ୍ତ ବସ୍ତିର ଗୃହକୁ କିଛି ବାହାର ରାଜ୍ୟର ଅପରଚିତ ଲୋକଙ୍କୁ ଭଡାରେ ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଅଞ୍ଚଳ ଏକ ନିଛାଟିଆ ଏବଂ ସାଧାରଣ ଲୋକଙ୍କ ଦୃଷ୍ଟି ଅନ୍ତୁଆଳରେ ରହିଥିବା ଯୋଗୁଁ ବାହାର ରାଜ୍ୟ ଏବଂ ବଙ୍ଗଳାଦେଶରୁ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବା ଲୋକମାନେ ଏଠାରେ ରହି ଫେରିବାଲା ଭାବେ ସାମଗ୍ରୀ ବିକ୍ରି କରିଥାନ୍ତି। ସେମାନଙ୍କ ଚାଲିଚଳଣ ସନ୍ଦେହ ଘେରରେ ବୋଲି ସ୍ଥାନୀୟ ବାସିନ୍ଦା ମାନେ ଅଭିଯୋଗ କରିଥିଲେ। ପୁଲିସ ଏବଂ ପ୍ରଶାସନ ପକ୍ଷରୁ ଯାଞ୍ଚ ମଧ କରାଯାଇଥିଲା। ଉକ୍ତ ଫେରିବାଲା ମାନେ ପଶ୍ଚିମ ବଙ୍ଗ ରାଜ୍ୟର ମୁର୍ସିଦାବାଦର ଜିଲ୍ଲାର ବାସିନ୍ଦା ବୋଲି କିଛି ସନ୍ଦେହଜନକ ପରିଚୟ ପତ୍ର ଦେଖାଇଥିଲେ। କିନ୍ତୁ ଆଇନଶୃଙ୍ଖଳା ବ୍ୟବସ୍ଥା ବିଗିଡିବାର ଆଶଙ୍କା ନେଇ ପୁଲିସ ପକ୍ଷରୁ ତୁରନ୍ତ ଜୟପୁର ସହର ଏବଂ ଆଖପାଖ ଅଞ୍ଚଳ ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଉକ୍ତ ଜମି ସରକାରଙ୍କ ହୋଇଥିବା ବେଳେ ଜବରଦଖଲକୁ ଉଚ୍ଛେଦ କରିବାକୁ ସ୍ଥାନୀୟ ବାସିନ୍ଦା ମାନେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟ ପକ୍ଷରେ ଜବରଦଖଲକାରୀ ମାନେ ଦୀର୍ଘ ବର୍ଷ ରହୁଥିବା ଏବଂ ଗରିବ ଶ୍ରେଣୀର ହୋଇଥିବାରୁ ଯୋଗୁଁ ଜମି ପ୍ରଦାନ ସହିତ ଆବାସ ଯୋଜନାରେ ସାମିଲ କରିବା ନେଇ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଯୁଗ୍ମ କୃଷି ନିର୍ଦ୍ଦେଶକଙ୍କ ମାଣ୍ଡିଆ ମଣ୍ଡି ପରିଦର୍ଶନ



ବୈପାରିଗୁଡ଼ା,୮।୨(ସମିସ): ବୈପାରିଗୁଡା ବ୍ଲକ ଦଶମନ୍ତପୁର ମାଣ୍ଡିଆ ମଣ୍ଡିକୁ ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ଦଳେଇ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା ଓ ବ୍ଲକ୍ ସ୍ତରର କୃଷି ବିଭାଗର ଅଧିକାରୀ, ୱାସନ୍ କର୍ମୀ ଟିଡିସିସି କର୍ମୀ ଓ ସିଓବାଏସଡି ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପରିଦର୍ଶନ ବେଳକୁ ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ଦଳେଇ ମଣ୍ଡିରେ ଉପସ୍ଥିତ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରି ମାଣ୍ଡିଆ କ୍ରୟ ସମ୍ପର୍କିତ ବିଭିନ୍ନ ଏଫଏକ୍ୟୁ (ପ୍ରଶ୍ନଉତ୍ତର) ଉପରେ ସ୍ପଷ୍ଟତା ପ୍ରଦାନ କରିଥିଲେ। କ୍ରୟ ଦର, ଗୁଣମାନ, ମାପ ତୋଳା ପ୍ରଣାଳୀ ଓ ପ୍ରକ୍ରିୟାଗତ ବିଷୟରେ ଚାଷୀମାନଙ୍କ ସନ୍ଦେହ ନିରାକରଣ କରାଯାଇଥିଲା। ଖରିଫ ବିପଣନ ଋତୁ ୨୦୨୫-୨୬ ପାଇଁ ବୈପାରିଗୁଡ଼ା ବ୍ଲକର ସବୁଜିମା ପ୍ରଡ୍ୟୁସର୍ସ କମ୍ପାନୀ ଲିମିଟେଡ୍ ମାଧ୍ୟମରେ ମାଣ୍ଡିଆ କ୍ରୟ ସଫଳତାର ସହିତ କରାଯାଇଥିଲା। ଏହି ଦିନ ୪୦ ଜଣ ଚାଷୀଙ୍କ ଠାରୁ ସମୁଦାୟ ୫୭୮ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି। ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ଦଳେଇ ମଣ୍ଡିରେ ମାପ ତୋଳା, ଗ୍ରେଡିଂ ଓ ଦଲିଲ ପ୍ରକ୍ରିୟା ନିରୀକ୍ଷଣ କରି କ୍ରୟପ୍ରକ୍ରିୟାରେ ସ୍ୱଚ୍ଛତା ଓ ସୁଚାରୁ ଚାଳନା ଉପରେ ଜୋର ଦେଇଥିଲେ। ସେ ସିୱାଇଏସଡି ଟିମ୍, କୃଷି ବିଭାଗ ଓ ସବୁଜିମା ପ୍ରଡ୍ୟୁସର୍ସ କମ୍ପାନୀଙ୍କ ଯୁଗ୍ମ ପ୍ରୟାସକୁ ସ୍ୱୀକୃତି ଦେଇ ଚାଷୀମାନଙ୍କୁ ମାଣ୍ଡିଆ ପରିପୋଷକ ଶସ୍ୟ ଚାଷ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ଚାଷୀମାନେ କ୍ରୟପ୍ରକ୍ରିୟା ପ୍ରତି ସନ୍ତୋଷ ପ୍ରକାଶ କରିଥଲେ।

# ଦିବ୍ୟାଙ୍ଗଙ୍କୁ ସହଯୋଗର ହାତ ବଢ଼ାଇଲେ ବିଧାୟକ



ସେମିଳିଗୁଡ଼ା,୮।୨(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ୍ ଚରାଙ୍ଗୁଲ ପଞ୍ଚାୟତ ଲେଞ୍ଜିଗୁଡ଼ାର ଜଣେ ଦୃଷ୍ଟିହୀନ ଯୁବକ ରାଜେନ୍ଦ୍ର ଖିଲଙ୍କୁ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ସହଯୋଗର ହାତ ବଢ଼ାଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉ କି ଦୃଷ୍ଟିହୀନ ଯୁବକ ରାଜେନ୍ଦ୍ର ଖିଲ୍ ସେମିଳିଗୁଡା ବ୍ଲକରେ ଆୟୋଜିତ କାର୍ଯକ୍ରମରେ ଯୋଗ ଦେଇ ବିଧାୟକଙ୍କ ଠାରୁ ପୁରସ୍କାର ପାଇଥିଲା। କାର୍ଯକ୍ରମ ପରେ ବିଧାୟକ କାଡାମ ରାଜେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଯୁବକ ଜଣକ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ରୋଗରେ ପୀଡିତ ଥିଲେ। ଏହି ଜାଣିବା ପରେ ବିଧାୟକ କାଡାମ ଉପସ୍ଥିତ ଡାକ୍ତରମାନଙ୍କୁ ତୁରନ୍ତ ଡକାଯାଇ ଉତ୍ତମ ଚିକିତ୍ସା ଯୋଗାଇବାକୁ ପରାମର୍ଶ ଦିଆଯାଇଥିଲା। ଚିକିତ୍ସା ପାଇଁ ଯାହା ଖର୍ଚ୍ଚ ହେବ ନିଜେ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ସେହିପରି ରାଜେନ୍ଦ୍ର ନିଜ ଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇବା ଏବଂ ଦୃଷ୍ଟିହୀନ ବିଦ୍ୟାଳୟରେ ତାଙ୍କୁ ଚାକିରି ସୁଯୋଗ ପ୍ରଦାନ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ବିଧାୟକ ରାମଚନ୍ଦ୍ର କାଡମଙ୍କ ଏହି ମାନବିକ ଓ ଦାୟିତ୍ୱଶୀଳ ପଦକ୍ଷେପ ଅଞ୍ଚଳବାସୀଙ୍କ ମନ ଜିତିନେଇଛି।

# ମାଘ ମଣ୍ଡେଇ ଯାତ୍ରା ଉଦ୍ଯାପିତ



କୋଷାଗୁମୁଡା,୮।୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ସଦର ଗ୍ରାମରେ ଶୁକ୍ରବାର ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା ସମ୍ପୂର୍ଣ୍ଣ ଯାକଜମକ ଏବଂ ବହୁ ଆଡମ୍ବରରେ ପାଳନ ଆରମ୍ଭ ହୋଇଯାଇଛି। ଆଜି ମାଘ ମଣ୍ଡେଇ ଯାତ୍ରାର ତୃତୀୟ ତଥା ଶେଷ ଦିନ ବନ୍ଧୁବାନ୍ଧବ ଘରବାହୁଡି ଛନ୍ତି। ତେବେ ରବିବାର ଶେଷ ଦିନ ଅବସରରେ ବାହାର ରାଜ୍ୟ ଏବଂ ଜିଲ୍ଲାରୁ ବିଭିନ୍ନ ଘରୋଇ ଉପକରଣ ଏବଂ ସାଜସଜ୍ଜା ଜିନିଷପତ୍ର ସାଧାରଣ ବଜାର ଠାରୁ ମଧ କମ ଦାମରେ ବିକ୍ରୀ କରୁଥିବା ବେଳେ ମହିଳାଙ୍କ ଭିଡ ଦେଖିବାକୁ ମିଳିଛି। ମିନା ବଜାରର ମଜା ଉଠାଇବା, ମଣ୍ଡେଇରେ ଲୋକନୃତ୍ୟ ଏବଂ ଆଦିବାସୀ ନାଟକ ଦେଖିବା ପାଇଁ ଅଞ୍ଚଳ ଏବଂ ପୋଡ଼ଶୀ ଛତିଶଗଡ଼ ରାଜ୍ୟର ଲୋକଙ୍କ ଭିଡ଼ ଜମିଥିଲା। ଶେଷ ଦିନରେ ପ୍ରାୟ ୭ହଜାରରୁ ଅଧିକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମାଘ ମଣ୍ଡେଇ ଯାତ୍ରାରେ ୫ଶହରୁ ଅଧିକ ଉଠାଦୋକାନ ସହ ସ୍ଥାନୀୟ ୪ ଦୋକାନରେ ଆନୁମାନିକ ୩ କୋଟି ଟଙ୍କାରୁ ଅଧିକ ବେପାର ହୋଇଥିବା ଜଣାପଡିଛି। ଏହି ମାଘ ମଣ୍ଡେଇ ଯାତ୍ରା ବର୍ଷକୁ ଗୋଟିଏ ଥର ହୁଏ। ଶୁକ୍ରବାର ଏବଂ ଶନିବାର ମୁଖ୍ୟ ଦେବାଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ସ୍ଥାନୀୟ ଗ୍ରାମର ମୁଖ୍ୟ ଦେବତା ରାଜ୍ ଚାଉଁରିଆଙ୍କ ଏହା ମଣ୍ଡେଇ ଯାତ୍ରା। ଆଦିବାସୀଙ୍କ ଏହି ମାଘ ମଣ୍ଡେଇ ଯାତ୍ରା ବର୍ଷକୁ ଥରେ ଅନୁଷ୍ଠିତ ହୋଇଥାଏ। ମଣ୍ଡେଇ ଯାତ୍ରା କଲେ ଅଞ୍ଚଳରେ ରୋଗ, ବ୍ୟାଧି ବ୍ୟାପେ ନାହିଁ ଓ ଚଳିତ ବର୍ଷର ଫସଲ ଭଲ ହୋଇଥାଏ ବୋଲି ଆଦିବାସୀ ପରମ୍ପରା ଅନୁସାରେ ବିଶ୍ୱାସ କରି ମାଘ ମଣ୍ଡେଇ ଯାତ୍ରା ପ୍ରାତ୍ୟେକ ବର୍ଷ ପାଳନ କରି ଆସୁଛନ୍ତି।

# ୩ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ସେକ୍ସନ ଅଫିସର ପଦୋନ୍ନତି

କୋରାପୁଟ,୮।୨(ସମିସ): କୋରାପୁଟ ଜିଲ୍ଲାର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ବରିଷ୍ଠ ରାଜସ୍ୱ ସହାୟକଙ୍କ ମଧ୍ୟରୁ ୧୩ ଜଣଙ୍କୁ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ସେକ୍ସନ ଅଫିସର ପଦବୀଙ୍କୁ ପଦୋନ୍ନତି ଦେଇଛନ୍ତି। ପତ୍ର ସଂଖ୍ୟା ୪୪୨ରେ ପ୍ରକାଶ କରିଥିବା ସେକ୍ସନ ଅଫିସରଙ୍କ ମଧ୍ୟରେ କୋରାପୁଟ ତହସିଲଦାରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ବରିଷ୍ଠ ରାଜସ୍ୱ ସହାୟକ ଏସ ଶ୍ରୀନିବାସ ରାଓଙ୍କୁ ସେକ୍ସନ ଅଫିସର ଭାବେ ପଦୋନ୍ନତି ଦେଇ ମାଛକୁଣ୍ଡ ତହସିଲ କାର୍ଯ୍ୟାଳୟକୁ ପଠା ଯାଇଥିବା ବେଳେ ବନ୍ଧୁଗାଁ ତହସିଲର ଏମ କାଳିପ୍ରସାଦ ପଟ୍ଟନାୟକଙ୍କୁ ସେହି କାର୍ଯ୍ୟାଳୟର ସେକ୍ସନ ଅଫିସର ଭାବେ ଏବଂ ପଟାଙ୍ଗୀ ବ୍ଲକର ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ,ବୈପାରୀଗୁଡା ବ୍ଲକର ମନୋଜ କୁମାର ବାରିକଙ୍କୁ ଜୟପୁର ବ୍ଲକ ,ପଦାର ବିନ୍ଦ ମିଶ୍ରଙ୍କୁ ବନ୍ଧୁଗାଁ ତହସିଲଦାରଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜିଆଣ୍ଡଏମ ବିଭାଗ , ବୈଜୟନ୍ତୀ ମାଳା ଖରାଙ୍କୁ ଜିପି ସେକ୍ସନରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବିଚାର ବିଭାଗୀୟ ବିଭାଗ ,ସବୁଜ ଶେଖର ପାଉଲଙ୍କୁ ନନ୍ଦପୁର ତହସିଲଦାରଙ୍କ କାର୍ଯ୍ୟାଳୟରୁ ସେହି ସ୍ଥାନରେ ପଦୋନ୍ନତି ଦିଆଯାଇଛି। ଜିତେନ୍ଦ୍ର କୁମାର ସାହୁଙ୍କୁ ଲମତାପୁଟ ବ୍ଲକରେ ହିଁ ପଦୋନ୍ନତି ଦିଆଯାଇଛି। ଅବନୀ କୁମାର ବରାଳଙ୍କୁ ନାରାୟଣ ପାଟଣା ବ୍ଲକରୁ ପଟାଙ୍ଗୀ ତହସିଲ କାର୍ଯ୍ୟାଳୟ ,ତାରିଣୀ ପ୍ରସାଦ ପଣ୍ଡାଙ୍କୁ କୋଟପାଡ଼ ଆଇସିଡ଼ିଏସ କାର୍ଯ୍ୟାଳୟରୁ କୋଟପାଡ଼ ତହସିଲ ,ଲମ୍ବୋଦର ପଟ୍ଟନାୟକଙ୍କୁ ବୋରିଗୁମ୍ମା ତହସିଲରେ ପଦୋର୍ନତି ଦିଆଯାଇ ସେହିସ୍ଥାନରେ ରଖାଯାଇଛି । ଭି ନାଗରାଜୁଙ୍କୁ ଲକ୍ଷ୍ମୀପୁର ବ୍ଲକରୁ ନାରାୟଣ ପାଟଣା ବ୍ଲକ ଏବଂ ତୁଳସୀ ଖିଲଙ୍କୁ ବୋରିଗୁମ୍ମା ଆଇସିଡ଼ିଏସ କାର୍ଯ୍ୟାଳୟରୁ କୋରାପୁଟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଦୋନ୍ନତି ଦିଆଯାଇଥିବା ଜଣାପଡିଛି।

● ଓଡ଼ିଆ ଅସ୍ମିତା ବାଟବଣା

# ଫଳକରେ ଓଡ଼ିଆ ବନାନ ଭୁଲ

ପୋଡ଼ାଗଡ଼, ୮।୨(ସମିସ): ଓଡ଼ିଆ ଅସ୍ମିତା ନାରା ଦେଇ ସରକାରକୁ ଆସିଲା ବିଜେପି। କିନ୍ତୁ ଅନେକ ସ୍ଥାନର ଫଳକରେ ବନାନ ଗୁଡ଼ିକ ଭୁଲ ଲେଖା ଯାଇଥିବା ନଜରକୁ ଆସିଛି। ଏପରି ଭୁଲ ଦେଖିବାକୁ ମିଳୁଛି କୋରାପୁଟରୁ ପୋଡ଼ାଗଡ ସଂଯୋଗ କରୁଥିବା ପିଡବ୍ଲୁଡି ରାସ୍ତାରେ। କୋରାପୁଟ ରାୟଗଡ଼ା ସଂଯୋଗ କରୁଥିବା ୩୨୬ ନଂ ଜାତୀୟ ରାଜପଥ କଡରେ ଥିବା ବାଗ୍ରା ଗୁଡା ଛକରୁ ପୋଡ଼ାଗଡ ଯିବାକୁ ହେଲେ ମୋହାଦେଇପୁଟ ମଇନାମଳ ଛକ ,ଏ ମାଲକାନଗିରି, ଆଡମୁଣ୍ଡା ପରଜାପୁକୀ ଗାଦିଆଗୁଡ଼ା ଦେଇ ପୋଡ଼ାଗଡକୁ ସଂଯୋଗ କରିଛି। ବାଗ୍ରାଗୁଡ଼ା ଛକରେ ଗାଦିଆଗୁଡା ଲେଖା ହେବା ଜାଗାରେ ଗାଡିଆ ଗୁଡା ଲେଖାଥିବା ଦେଖା ଦେଇଛି। ଏହାକୁ ଦେଖି ସ୍ଥାନୀୟ ଲୋକେ କହିଛନ୍ତି କି ଯଦି ଓଡ଼ିଆ ଲୋକଙ୍କୁ ଉକ୍ତ ଫଳକ ଲେଖିବା ନିମନ୍ତେ ଦେଇଥାନ୍ତେ, ତା'ହେଲେ ଫଳକରେ ଏପରି ଭୁଲ ହୋଇନଥାନ୍ତା । ଆଉ ମଧ ଗାଡିଆଗୁଡା ଫଳକରେ ଲେଖିଥିବାରୁ ଏହି ରାସ୍ତା ଦେଇ ଯାଉଥିବା ଲୋକ ଫଳକ ଭୁଲ ଥିବାରୁ ଅନ୍ୟ ଆଡ଼େ ଯାଇ ହଇରାଣ ହେଉଥିବା ଦେଖା ଦେଇଛି। ଫଳକରେ ଥିବା ଭୁଲ ଲେଖାକୁ ତୁରନ୍ତ ଠିକ୍ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ମହେନ୍ଦ୍ର ଅଧିକାରୀ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ

## ଜୟପୁର ନିର୍ବାଚନ ମଣ୍ଡଳୀର ୨ ଉପସଭାପତି, ୫ ସାଧାରଣ ସମ୍ପାଦକ, ୬ ସମ୍ପାଦକ



ଜୟପୁର, ୮।୨ (ସମିସ): କୋରାପୁଟ ଜିଲ୍ଲାର ନୂତନ ଜିଲ୍ଲା କର୍ମକର୍ତ୍ତାଙ୍କୁ ରାଜ୍ୟ ବିଜୁ ଜନତା ଦଳ ନିଯୁକ୍ତି ପ୍ରଦାନ କରିଛି। ଏହିପରି ଜିଲ୍ଲା ଆଇନଜୀବି ସଂଘର ପୂର୍ବତନ ସମ୍ପାଦକ ମହେନ୍ଦ୍ର କୁମାର ଅଧିକାରୀଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ନେଇ ଆଇନଜୀବୀ,ଯୁବ ଓ ଛାତ୍ର ମହଲଲେ ଖୁସି ପ୍ରକଟ କରାଯାଇଛି। ଉପସଭାପତି ଭାବେ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨ ଜଣ ବରିଷ୍ଠ ନେତା ଶିବ ପଟ୍ଟନାୟକ, କେ.ନାଗରାଜ ଦୋରା, ସାଧାରଣ ସମ୍ପାଦକ ଭାବେ ୫ ଜଣଙ୍କ ମଧ୍ୟରୁ ମାଧବ ରଥ, ରାଜେନ୍ଦ୍ର ରଥ, ସୁରେନ୍ଦ୍ର ତ୍ରିପାଠୀ, ଏ.ସନ୍ତୋଷ କୁମାର ଦୋରା, ୬ ଜଣ ସମ୍ପାଦକ ଭାବେ ପ୍ରମୋଦ ମାଝି, ବି.ସତୀଶ ତ୍ରିନାଥ ମୁଦୁଲି, ଈଶ୍ୱର ବାଗ, ରଘୁନାଥ ଷଡଙ୍ଗୀ, ପରକ୍ଷିତ ପଟ୍ଟନାୟକଙ୍କୁ ନିଯୁକ୍ତି କରାଯାଇଛି। ସମସ୍ତ ନବନିଯୁକ୍ତ କର୍ମକର୍ତ୍ତା ରାଜ୍ୟ ସଭାପତି ଶ୍ରୀ ପଟ୍ଟନାୟକ, ବରିଷ୍ଠ ନେତା ଭି.କେ. ପାଣ୍ଡିଆନ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଏବଂ ଜିଲ୍ଲା ସଭାପତି ଝିନ୍ନ ହିକକାକୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

# ଏନ୍‌ଏସ୍‌ଏସ୍‌ର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ଜୟପୁର,୮।୨(ସମିସ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ଦୁଇ ଓ ତିନି ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ. ବିବେକାନନ୍ଦ ସୁନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଯୁକ୍ତ୨ ଜାତୀୟ ସେବା ଯୋଜନା ଅଧିକାରୀ ସୀମା ମହାପାତ୍ର , ଯୁକ୍ତ ୩ ଶ୍ରେଣୀର ଜାତୀୟ ସେବା ଯୋଜନା ଅଧିକାରୀ ସୁନୀତା କୁମାରୀ ପ୍ରଧାନଙ୍କ ସମେତ ଅଧ୍ୟାପକ ଡ. ଉପାନନ୍ଦ ପାଣି, କାହ୍ନୁ ଚରଣ ବରଡ଼, ରାଜେନ୍ଦ୍ର ରଣା ,ବିଦ୍ୟାଧର ମାଳି, ସନ୍ତୋଷ କୁମାର ପଟ୍ଟନାୟକ, ଭୀମସେନ ସୁନା ,ଚନ୍ଦନ ସାହୁ, ସୂରଜ ପାତ୍ର ଏବଂ ଅଧ୍ୟାପିକା ଗାୟତ୍ରୀ ମହାପାତ୍ର, ହଳଧର ସମରଲିଆ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀ ସ୍ୱେଚ୍ଛାସେବୀ ଯୋଗଦେଇ ମହାବିଦ୍ୟାଳୟ ପରିସରରୁ ସଫେଇ କରିଥିଲେ। ଏଥିରେ ପଲିଥିନ, ପ୍ଲାଷ୍ଟିକ ଆଦି ବିଭିନ୍ନ ଅଳିଆ ଆବର୍ଜନାକୁ ସଫା କରିବା ସହ ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବା ଦିଗରେ ସ୍ୱେଚ୍ଛାସେବୀ ମାନେ ନିଜେ ସଚେତନ ହୋଇ ଅନ୍ୟମାନକୁ ସଚେତନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




କୁନ୍ଦୁରା,୮।୨(ସମିସ): ସ୍ଥାନୀୟ ଭେଜାହାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏମ୍‌ସି ସଭାପତି ସୋମନାଥ ଗୌଡ଼ ଏଥିରେ ଅଧକ୍ଷତା କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସଲିଳା ବେହେରା ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ମୁଖ୍ୟ ବକ୍ତା ଡଙ୍ଗରପାଉଁଶି ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ଭଞ୍ଜ ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଘାସି ଭତରା, ନାଏବ ସରପଞ୍ଚ ତୁଳାବତୀ ସରାବୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶିଶୁ ବାଟିକାର ଶିଶୁ ମାନଙ୍କ ନିମନ୍ତେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଶିଶୁ ମାନଙ୍କୁ ପ୍ରମାଣ ପତ୍ର ଦେଇ ଉତ୍ସାହିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ରଘୁନାଥ ପାଙ୍ଗି, ସିଆରସିସି ସଞ୍ଜୟ ସାମନ୍ତରାୟ, ଶିକ୍ଷକ ସଂଘ ଉପ ସଭାପତି ରାକେଶ ଚନ୍ଦ୍ର ଗୁରୁ, ସମ୍ପାଦକ କେ କ୍ରିଷ୍ଣା ମୋହନ ରାଓ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଦେଢ଼ ଶହରୁ ଅଧିକ ଅଭିଭାବକ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁମନ୍ତ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷକ ସୁକାନ୍ତ ସାହୁ, ଦୀନବନ୍ଧୁ କୁଷପାରିଆ, ରଞ୍ଜିତ କୁମାର ନାୟକ, ବିଭୂତି ଭୂଷଣ ମଲ୍ଲିକ, ଅର୍ଜୁନ ବେହେରା, ଏସ୍ ବିଜୟ କୁମାର, ଶିକ୍ଷୟିତ୍ରୀ ଦୀପ୍ତିପ୍ରଭା ସୁଆର, ଲିପିନା ପ୍ରଧାନ, କେଜିବିଭି କର୍ମଚାରୀ ମୀନା ହରିଜନ, ଯମୁନା ପାତ୍ର ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ପାରାବେଢ଼ାରେ ହିନ୍ଦୁ ସମ୍ମିଳନୀ

ଜୟପୁର, ୮।୨ (ସମିସ): ଜୟପୁର ପୌରାଞ୍ଚଳର ପାରାବେଢା ବସତିକୁ ନେଇ ଦଶହରା ପଡିଆ ଠାରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମଗ୍ର ହିନ୍ଦୁ ଧର୍ମ ମଧ୍ୟରେ ସମାନତାତା ରକ୍ଷା କରିବା ଓ ହିନ୍ଦୁ ମାନଙ୍କ ମଧ୍ୟରେ ଏକତା ଓ ଭାଇଚାରା ଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଥିଲା। ଏହି ଅବସରରେ ଆଜି ପୂର୍ବାହ୍ନରେ କଳସ ଯାତ୍ରାର ଶୁଭାରମ୍ଭ ହୋଇ ଗୀତା ନାମଯଜ୍ଞ ସହ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏକ ବୌଦ୍ଧିକ ସମାବେଶରେ ପଞ୍ଚ ପରିବର୍ତ୍ତନ ଓ ହିନ୍ଦୁତ୍ୱ ଜାଗରଣ




ଉପରେ ଡ.ସୀତାନାଥ ରାୟଗୁରୁ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜୟପୁର ରାଷ୍ଟ୍ରୀୟ ସ୍ୱୟଂ ସଂଘର ନଗର ସଂଘ ଚାଳକ ଡ. ନିରଞ୍ଜନ ମିଶ୍ର, ଜୟପୁର ନଗର କାର୍ଯ୍ୟବାହାକ ଡ ମନୋରଞ୍ଜନ ପ୍ରଧାନ, ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ସୁଧାଂଶୁ ପାଢ଼ୀ, ନଗର ସ୍ୱର ସଂଘ ଚାଳକ ପ୍ରେମାନନ୍ଦ ନାୟକ, ରବି ନାରାୟଣ ମହାପାତ୍ର, ରବୀନ୍ଦ୍ର ପାଢ଼ୀ, ଡ ସଦାଶିବ ତ୍ରିପାଠୀ, ସତ୍ୟବାଦୀ ମିଶ୍ର, ପୃଥ୍ୱୀ ରାଜ ଭୂୟାଁ, ନିରାକାର ଚୌଧୁରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥିରେ ପାରାବେଢ଼ା ଅଞ୍ଚଳର ଏକ ହଜାରରୁ ଉଜାର ହିନ୍ଦୁ ସମାଜର ଲୋକମାନେ ଯୋଗଦେଇ ଧର୍ମ ରକ୍ଷା କରିବା ପାଇଁ ଶପଥ ନେଇଥିଲେ।

# ବିପଦ୍‌ଜନକ ବାଉଁଶ ରାଣୀ ଖେଳ ଦେଖାଉଛି ନାବାଳିକା




ଉମରକୋଟ, ୮।୨ (ସମିସ): ଖେଳିବା, ବୁଲିବା, ଆଉ ପାଠ ପଢ଼ିବା ବୟସରେ ବିପଦଜନକ ବାଉଁଶ ରାଣୀ ଖେଳ ଦେଖେଇ ପେଟ ପାଇଁ ଦାନା ଯୋଗାଡ଼ କରୁଛନ୍ତି ନାବାଳିକା ଅନିତା। ମାତ୍ର ତେରବର୍ଷ ବୟସରେ ଦଉଡି ଉପରେ ଚାଲିବା ସହ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରି ଦର୍ଶକଙ୍କ ପାଖରୁ ତାଳି ମାଡ଼ ମିଳେ ସିନା, ତା ତୁଳନାରେ କିନ୍ତୁ ରୋଜଗାର ସେତିକି ହୁଏ ନାହିଁ। ସୀମିତ ରୋଜଗାର ଭିତରେ ଦୁଇ ବେଳା ପାଇଁ ରୁଟି, ପୋଷାକ ଏବଂ ଗୋଟିଏ ଜାଗାରୁ ଆଉ ଗୋଟିଏ ସ୍ଥାନକୁ ଯିବା ପାଇଁ ଗାଡ଼ି ଖର୍ଚ୍ଚ ଏବଂ ପୁଣି ଦେହ ପାଇଁ ଔଷଧ ଯୋଗାଡ଼ ହୋଇ ଯାଉଛି। ଏଭଳି ବାଉଁଶରାଣୀ

## 'ପେଟ ପାଇଁ ଦାନା ଯୋଗାଡ଼ କରିବାକୁ ପଡୁଛି'

ଖେଳ ଦେଖେଉଥିବା ଗୋଟିଏ ପରିବାର ଛତିଶଗଡ଼ର ରାଜ୍ୟର ବିଲାସପୁର ଅଞ୍ଚଳରୁ ଓଡ଼ିଶାର ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦ ଠାରେ ଆସି ପହଞ୍ଚିଛନ୍ତି। ପଡୋଶୀ ଛତିଶଗଡର ବିଲାସପୁର ଅଞ୍ଚଳରେ ସେମାନଙ୍କ ଘର। କିନ୍ତୁ ବାରବୁଲା ଜୀବନ ନେଇ ଗାଁ ରୁ ସହର ବୁଲନ୍ତି। ଦଉଡ଼ି ଉପରେ ନିଜ ଦେହକୁ ନିୟନ୍ତ୍ରଣରେ ରଖି ଚମତ୍କାର ଖେଳ ପ୍ରଦର୍ଶନ କରୁଥିବା ତେରବର୍ଷର ଝିଅଟି ଅନିତା କୁମାରୀ ନାଗ( ଛଦ୍ମନାମ) ଏବେ ପଞ୍ଚମ ଶ୍ରେଣୀର ଛାତ୍ରୀ। ଝିଅଟିର ମାଁ ଗୁଡିରାଜନୋଟ କହିଛନ୍ତି, ବାଉଁଶରାଣୀ ଖେଳ ସେମାନଙ୍କ ଜୀବିକା। ହେଲେ ମଧ ପାଠ ପ୍ରତି ତାଙ୍କର ଯଥେଷ୍ଟ ଆଗ୍ରହ ରହିଥିବା ଏବଂ ଆଗକୁ ପଢିବାକୁ ଚାହୁଁଥିବା ଝିଅଟି ପ୍ରକାଶ କରିଛି।

ସକାଳ
THE SAKALA

# ସମ୍ପାଦକୀୟ



ଏକ ଅତ୍ୟାଚାରୀ ସରକାର ବାଘଠାରୁ ମଧ୍ୟ ଭୟଙ୍କର।
-କନ୍‌ଫୁସିୟସ୍

## ଟିକା ଦ୍ୱନ୍ଦ୍ୱ

ଏକ ଯୁଗାନ୍ତକାରୀ ଘଟଣାକ୍ରମେ ଆମେରିକାରେ ଶିଶୁମାନଙ୍କୁ ଦିଆଯାଉଥିବା ଟିକା ସଂଖ୍ୟାରେ ଉଲ୍ଲେଖନୀୟ ହ୍ରାସ ପାଇବାକୁ ଯାଉଛି। ଯଦି ଏହା କେବଳ ପ୍ରଶାସନିକ, ବୈଦେଶିକ, ବାଣିଜ୍ୟିକ କିମ୍ବା ସାମରିକ ନିଷ୍ପତ୍ତି ହୋଇଥା'ନ୍ତା ତେବେ ଆଡ଼ବାୟା ଟ୍ରମ୍ପଙ୍କ ବାଚାଳାମି ବୋଲି ଅଣଦେଖା କରାଯାଇପାରିଥା'ନ୍ତା। କିନ୍ତୁ ଆମେରିକାର ସ୍ୱାସ୍ଥ୍ୟ ସଚିବାଳୟ, ଆମେରିକାର ରୋଗ ନିୟନ୍ତ୍ରଣ ଓ ପ୍ରତିଷେଧକ କେନ୍ଦ୍ର(ସିଡିସି) ପକ୍ଷରୁ ସମାନ ଜଳବାୟୁରେ ଥିବା ବିକଶିତ ଦେଶମାନଙ୍କରେ କିଭଳି ଟିକାକରଣ କରାଯାଉଛି ସେ ସମ୍ପର୍କରେ କରିଥିବା ଅନୁଧ୍ୟାନ ଆଧାରରେ ସେଠାକାର ଜାତୀୟ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶକ ରିପୋର୍ଟ ଦେବା ପରେ ଟ୍ରମ୍ପ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଟିକାର ଜନ୍ମଭୂମି ଭାବେ ବିଦିତ ଓ ସ୍ୱୀକୃତ ଆମେରିକାରେ ଟିକା ନିଷେଧ ପରେ ବିଶ୍ୱସ୍ତରରେ ଏହାର ପ୍ରଭାବ କିଭଳି ରହିବ ଏବଂ ଅନ୍ୟଦେଶମାନେ ଏହାକୁ ଅନୁସରଣ କରିବା ଉଚିତ କି ନୁହେଁ ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ଟ୍ରମ୍ପଙ୍କ ଯୁକ୍ତି ଅନୁଯାୟୀ ଟିକାକରଣ ପଛରେ ଏକ ବଡ଼ ଅଭିସନ୍ଧି ରହିଛି। ତେଣୁ ଆବଶ୍ୟକ ନଥାଇ ମଧ୍ୟ ଶିଶୁମାନଙ୍କୁ ଟିକା ଦିଆଯାଉଛି। ଆମେରିକାରେ ଶୈଶବରୁ ମେଦବହୁଳତା, ମଧୁମେହ, ବର୍ଣ୍ଣାନ୍ଧତା, ଦୃଷ୍ଟିଶକ୍ତି ଦୋଷ, ବିଶେଷକରି ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ଅଟିଜିମ୍ ପାଇଁ ଟ୍ରମ୍ପ ମାତ୍ରାଧିକ ଟିକାକରଣକୁ ଦାୟୀ କରିଛନ୍ତି। ଏହାପୂର୍ବରୁ ମଧ୍ୟ ଗର୍ଭବତୀଙ୍କ ପାଇଁ ପାରାସିଟାମଲ୍ ସେବନ କୁପ୍ରଭାବ ବିଷୟରେ ମତ ଦେଇ ଟ୍ରମ୍ପ ଚର୍ଚ୍ଚାକୁ ଆସିଥିଲେ। ଟ୍ରମ୍ପଙ୍କ ଏହି ସଦ୍ୟ ନିର୍ଦ୍ଦେଶ ପରେ ସେଠାରେ ଶିଶୁମାନଙ୍କୁ ଦିଆଯାଉଥିବା ଟିକା ସଂଖ୍ୟା ୧୭ରୁ ୧୧କୁ ହ୍ରାସ ପାଇବାକୁ ଯାଉଛି। ଏପରିକି ରୋଟାଭାଇରସ୍, ଇନ୍‌ଫ୍ଲୁଏନ୍‌ଜା, ମେନିନ୍‌ଗୋକୋକଲ, ହେପାଟାଇଟିସ୍ ଏ ଭଳି ରୋଗ ପ୍ରତିଷେଧକ ଟିକା ମଧ୍ୟ ସେଠାକାର ନବଜାତକମାନଙ୍କୁ ଦିଆଯିବ ନାହିଁ। ହେପାଟାଇଟିସ୍ ବି ପ୍ରତିଷେଧକ କେବଳ ଅଭିଭାବକଙ୍କ ନିଷ୍ପତ୍ତି ଓ ଡାକ୍ତରଙ୍କ ପରାମର୍ଶ ଉପରେ ଛାଡ଼ି ଦିଆଯାଇଛି। ସେହିଭଳି ଏଚ୍‌ପିଭି ଟିକାର ଦୁଇଟି ପାନ ବଦଳରେ ଗୋଟିଏ ଦିଆଯିବ।

ଟିକା ସହିତ ଅପବାଦ ବହୁପୂର୍ବରୁ ଯୋଡ଼ି ହୋଇରହିଛି। ବିଶେଷକରି ବିଭିନ୍ନ ସଂସ୍ଥା ଦ୍ୱାରା ବିକଶିତ କୋଭିଡ୍ ଟିକାର ପାର୍ଶ୍ୱପ୍ରଭାବ ନେଇ ଏବେ ଅଭିଯୋଗ, ବିବାଦ ଓ ବିତର୍କ ବଢ଼ିବାରେ ଲାଗିଛି। ଆୟୁର୍ବିଜ୍ଞାନର ନବଜାଗରଣ ଯୁଗରେ କେତେକ ସ୍ୱାଧୀନଚେତା ଭାରତୀୟ ଡାକ୍ତର ମଧ୍ୟ ଟିକା ସମେତ କର୍କଟ, ମଧୁମେହ, ରକ୍ତଚାପ ଔଷଧକୁ ଏକ ବଡ଼ ରାକେଟ୍‌ର ଯୋଜନାବଦ୍ଧ ଷଡ଼ଯନ୍ତ୍ର ଭାବେ ସାଂଘାତିକ ଅଭିଯୋଗ ଆଣିଛନ୍ତି, ଯାହାକୁ ପାରମ୍ପରିକ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଖଣ୍ଡନ କରୁଛନ୍ତି। ଉଲ୍ଲେଖନୀୟ ହେଲା ଉଭୟ ପକ୍ଷ ଦୃଢ଼ ପ୍ରମାଣନିଷ୍ଠ ଯୁକ୍ତି ଉପସ୍ଥାପନ କରୁଥିବାରୁ ତାହା ରୋଗୀ ଓ ଜନସାଧାରଣଙ୍କ ମଧ୍ୟରେ ବିଭ୍ରାନ୍ତି ଓ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ବିଶେଷକରି କ୍ରିକେଟ୍ ତାରକା ନବଜୋତ ସିଂହ ସିଦ୍ଧୁଙ୍କ ପତ୍ନୀଙ୍କ ମାମଲାରେ ଏହି ଦ୍ୱନ୍ଦ୍ୱକୁ ଆହୁରି ଜଟିଳ କରିଛି।

ସିଦ୍ଧୁଙ୍କ କର୍କଟ ରୋଗାକ୍ରାନ୍ତ ପତ୍ନୀଙ୍କ ସଂକ୍ରମଣ ଷ୍ଟେଜ୍ ୪ରେ ପହଞ୍ଚିସାରିଥିବା ଏଲୋପାଥି ଡାକ୍ତରମାନେ ରିପୋର୍ଟ ଦେଇସାରିଥିଲେ, ଯେଉଁଠାରେ କୌଣସି ଔଷଧ ଆଉ ପ୍ରଭାବଶାଳୀ ହୁଏ ନାହିଁ କି ବଞ୍ଚିବାର ଆଶା ନଥାଏ। କିନ୍ତୁ ସଂଯମ ଜୀବନଶୈଳୀ ଓ ଶୃଙ୍ଖଳିତ ଖାଦ୍ୟାଭ୍ୟାସ ଦ୍ୱାରା ବିନା କୌଣସି ଔଷଧରେ ସମ୍ପୂର୍ଣ୍ଣ ପ୍ରାକୃତିକ ଭାବରେ ସେ ଆରୋଗ୍ୟ ଲାଭ କରି ପୁନଃଜୀବନ ପାଇପାରିଲେ। ଏ କଥା ସିଦ୍ଧୁ ଗଣମାଧ୍ୟମରେ ଉପସ୍ଥାପନ କରିବା ପରେ ସ୍ୱାଭାବିକ ଭାବେ ଡାକ୍ତରୀ ସଂଘ ପ୍ରତିକ୍ରିୟାଶୀଳ ହୋଇପଡ଼ିଲେ। କାରଣ କର୍କଟ ନିଦାନ ଓ ଚିକିତ୍ସାରେ ବଡ଼ ବଡ଼ କର୍ପୋରେଟ୍ ଡାକ୍ତରଖାନା ଏବଂ ଔଷଧ ଓ କେମୋ ପ୍ରସ୍ତୁତିରେ ବଡ଼ ବଡ଼ ଔଷଧ ନିର୍ମାତାମାନେ ଯେଉଁଭଳି ବିପୁଳ ପରିମାଣର ମୁନାଫା କରିଚାଲିଛନ୍ତି ତାହାର ସଫଳ ଯାତ୍ରାରେ ସିଦ୍ଧୁ ସିଦ୍ଧାନ୍ତ ଏକ ପ୍ରତିବନ୍ଧକ ନିଶ୍ଚୟ। ଏହାଛଡ଼ା ସିଦ୍ଧୁଙ୍କ ପ୍ରଦର୍ଶିତ କର୍କଟମୁକ୍ତ ମାର୍ଗ ମଧ୍ୟ ଜନସ୍ୱାସ୍ଥ୍ୟ ପ୍ରତି ଆହ୍ୱାନ ସୃଷ୍ଟି କରିବା ନିଶ୍ଚିତ ଥିଲା। ତେଣୁ ମାତ୍ରାଧିକ ସରକାରୀ ଓ ବେସରକାରୀ ଚାପରେ ସିଦ୍ଧୁ ଅଗତ୍ୟା ଗଣମାଧ୍ୟମରେ ପୁଣି ନିଜକୁ ଉପସ୍ଥାପିତ କରି ଡାକ୍ତରୀ ପରାମର୍ଶକୁ ଅନୁସରଣ କରିଥିବା ସ୍ୱୀକାର କଲେ। ଏଥିରୁ ଔଷଧ ନିର୍ମାତାଙ୍କ ରାକେଟ୍, ଶାସନ ପ୍ରଶାସନ ସହିତ ମଧୁଚନ୍ଦ୍ରିକାର ପ୍ରଭାବ, ପରିସର ଓ ପ୍ରତିପତ୍ତି କେତେ ବ୍ୟାପକ ତାହା ସ୍ପଷ୍ଟ।

ଅନେକ ସ୍ୱାଧୀନଚେତା(ଯେଉଁମାନେ ଔଷଧ କମ୍ପାନୀ ଓ ସରକାରୀ ଚାକିରିର ଲୋଭକୁ ପରିହାର କରିପାରିଛନ୍ତି) ଡାକ୍ତରଙ୍କ କହିବା କଥା ହେଲା ଏଲୋପାଥି ଔଷଧ ରୋଗକୁ ସମୂଳେ ବିନାଶ କରିପାରେ ନାହିଁ। ଏହା କେବଳ ପ୍ରତିକ୍ରିୟାକୁ ହ୍ରାସ କରେ ଏବଂ ନିୟନ୍ତ୍ରଣରେ ରଖେ। ଏପରିକି ଆମେ ସାଧାରଣ ରୋଗ ପାଇଁ ଖାଉଥିବା ଏବଂ ମାମୁଲି ଭାବୁଥିବା ଔଷଧର ଯେ ଦୀର୍ଘକାଳୀନ ଗୁରୁତର ପାର୍ଶ୍ୱ ପ୍ରଭାବ ରହିଛି ସେ ବିଷୟରେ ସେମାନେ ଚେତାଇ ଦେଇଛନ୍ତି। ଅର୍ଥାତ୍ ଗୋଟିଏ ରୋଗର ଉପଶମ ପାଇଁ ଖାଉଥିବା ଔଷଧ ଅନ୍ୟ ରୋଗ କିଣି ଆଣିବା ଭଳି ପରିସ୍ଥିତି ଏବେ ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି, ଯାହାକୁ ଆମେରିକା ଭଳି ସର୍ବାଧିକ ଅତ୍ୟାଧୁନିକ ସଭ୍ୟ ଓ ସର୍ବଶକ୍ତିମାନ ରାଷ୍ଟ୍ରର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସରକାରୀ ଭାବେ ସ୍ୱୀକୃତ କରିଦେଇଛନ୍ତି। ତେଣୁ ସେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ପାଣ୍ଠି ଦେବା ବନ୍ଦ କରିଦେଇଥିବା ବେଳେ ଆନ୍ତର୍ଜାତିକ ଟିକାକରଣ ସହଯୋଗ(ଗାଭି)ରୁ ମଧ୍ୟ ଓହରି ଆସିଛନ୍ତି।

ଏ ସବୁ ଆଲୋଚନା, ବିବାଦ, ବିତର୍କ ସତ୍ତ୍ୱେ ଏହା ଅସ୍ୱୀକାର କରାଯାଇପାରିବ ନାହିଁ ଯେ ନିରନ୍ତର ଟିକାକରଣ ଫଳରେ ଭାରତ ଆଜି ପ୍ରାୟତଃ ପୋଲିଓମୁକ୍ତ ହୋଇପାରିଛି। ସେହିପରି ଟିକାକରଣର ସଫଳ ପ୍ରଭାବରେ ହଇଜା, ପ୍ଲେଗ୍, ବସନ୍ତ ରୋଗର ପ୍ରାଦୁର୍ଭାବରୁ ମାନବସଭ୍ୟତାକୁ ଅନେକାଂଶରେ ମୁକ୍ତି ମିଳିଛି। ଅପରପକ୍ଷରେ ଏପର୍ଯ୍ୟନ୍ତ ଟିକା ଆବିଷ୍କାର ହୋଇପାରି ନଥିବାରୁ ଯକ୍ଷ୍ମାରେ ବର୍ଷକୁ କୋଟିକୋଟି ଲୋକ ପ୍ରାଣ ହରାଉଛନ୍ତି। ୟୁଆଇପି ଯୋଜନା ଅଧୀନରେ ଏବେ ଓଡ଼ିଶାରେ ସରକାରୀ ଭାବେ ଶିଶୁମାନଙ୍କୁ ୧୨ଟି ଟିକାର ପ୍ରାୟ ୨୪ଟି ପାନ ଦିଆଯାଉଛି। ବେସରକାରୀ ଡାକ୍ତରଖାନାରେ ଜନ୍ମ ନେଉଥିବା ଶିଶୁଙ୍କୁ ଦିଆଯାଉଥିବା ଟିକା ସଂଖ୍ୟା ଏହାଠାରୁ ଆହୁରି ଅଧିକ। ତେଣୁ ଆମେରିକାର ଉପରୋକ୍ତ ନିଷ୍ପତ୍ତି ପରେ ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଭାରତର ନୀତି ନିର୍ଦ୍ଧାରକ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଟିକାକରଣ ସମ୍ପର୍କରେ ଗୁରୁତ୍ୱର ସହିତ ପୁନଃଚିନ୍ତନ କରିବାର ଏବଂ ଜନସାଧାରଣଙ୍କ ପାଇଁ ନିର୍ଭରଯୋଗ୍ୟ ମାର୍ଗଦର୍ଶିକା ଜାରି କରିବାର ଆବଶ୍ୟକ ରହିଛି।

## ଅଫିମଯୁଦ୍ଧ ବନାମ ତୈଳଯୁଦ୍ଧ

ଡାକ୍ତର ରାଜକିଶୋର ପଣ୍ଡା

ସଭ୍ୟତାର ଆରମ୍ଭରୁ ମଣିଷ ବିଭିନ୍ନ ପଦାର୍ଥକୁ କେନ୍ଦ୍ର କରି ସଂଘର୍ଷ କରି ଆସିଛି। ଆମେରିକାର ଗୃହଯୁଦ୍ଧ(ସୂତା ଓ କୃଷିଜାତ ଦ୍ରବ୍ୟ), ସୋଭିଏତ୍-ଫିନ୍‌ଲ୍ୟାଣ୍ଡ ଯୁଦ୍ଧ(ନିକେଲ), ଜର୍ମାନୀ-ରୁଷ ଯୁଦ୍ଧ(ଖାଦ୍ୟଦ୍ରବ୍ୟ ଓ ତୈଳ), ପଲାସୀ ଯୁଦ୍ଧ(ଭାରତର ମସଲା, ବସ୍ତ୍ର, ମୂଲ୍ୟବାନ ପଥର) ଠାରୁ ଆରମ୍ଭ କରି ସାମ୍ପ୍ରତିକ ସମୟର ଆମେରିକାର ଇରାକ ଓ ଲିବିୟା ଉପରେ ଆକ୍ରମଣ(ତୈଳ) ଆଦି ବିଶ୍ୱ ଯେତେସବୁ ଯୁଦ୍ଧର ଘନଘଟା ଦେଖିଛି ସେ ସବୁ ପଛରେ ରହିଛି ସାମଗ୍ରୀ। ଏପରିକି ମଣିଷ(କ୍ରୀତଦାସ) ମଧ୍ୟ ପଣ୍ୟ ହୋଇଛି ଏବଂ ଏହାକୁ ନେଇ ଯୁଦ୍ଧ ହୋଇଛି। ଏହି ଆଲୋଚନାକୁ କେବଳ ସେହି ଦୁଇଟି ସାମଗ୍ରୀ ଯୁଦ୍ଧ ପ୍ରସଙ୍ଗରେ ସୀମିତ ରଖିବା, ଯାହା ବିଶ୍ୱ ସାମାଜିକ, ଅର୍ଥନୀତି ଓ ଭୂରାଜନୀତି ଉପରେ ଦୀର୍ଘକାଳୀନ ପ୍ରଭାବ ବିସ୍ତାର କରିଛି।

ଊନବିଂଶ ଶତାବ୍ଦୀରେ ଗୋଟିଏ ପଟେ ପାଶ୍ଚାତ୍ୟ ସଭ୍ୟତା ଏବଂ ଅନ୍ୟପଟେ ଚୀନ ମଧ୍ୟରେ ଦୁଇଟି ନିର୍ଣ୍ଣାୟକ ଯୁଦ୍ଧ ସଂଘଟିତ ହୋଇଥିଲା। ଇତିହାସ ଏହାକୁ ପ୍ରଥମ ଓ ଦ୍ୱିତୀୟ 'ଅଫିମ ଯୁଦ୍ଧ' ଭାବରେ ନାମିତ କରିଛି। ଏହି ଯୁଦ୍ଧପଛର ମୁଖ୍ୟ କାରଣ ଥିଲା ଚୀନରେ ବିଦେଶୀ ବାଣିଜ୍ୟର ଏକଚାଟିଆ କାରବାର। ଚୀନରୁ ୟୁରୋପ୍‌କୁ ପ୍ରଚୁର ମାତ୍ରାରେ ପୋର୍ସିଲେନ୍, ରେଶମ, ଚା', ରବର, ସୋୟାବିନ୍ ଇତ୍ୟାଦି ରପ୍ତାନୀ ହେଉଥିଲା। ପ୍ରତିବଦଳରେ ଚୀନକୁ ୟୁରୋପରୁ ସେଭଳି କୌଣସି ବିଶେଷ ଦ୍ରବ୍ୟ ଆମଦାନୀ ହେଉ ନ ଥିଲା। ଫଳସ୍ୱରୂପ ଚୀନ ଓ ଇଂଲଣ୍ଡ ମଧ୍ୟରେ ବ୍ୟାବସାୟିକ ଅସନ୍ତୁଳନ ବଢ଼ିଚାଲିଲା। ଏହାଛଡ଼ା ଚୀନ୍‌ରେ ସେତେବେଳେ ପ୍ରଚଳିତ 'କ୍ୟୋତୋ' ପରମ୍ପରା(ଆଗନ୍ତୁକମାନେ ଚୀନ ସମ୍ରାଟଙ୍କ ଆଗରେ ମୁଣ୍ଡ ମୁଆଁଇ ନଅ ଥର ନମସ୍କାର କରି ତାଙ୍କୁ ଅଭିବାଦନ ଜଣାଇବାକୁ ବାଧ୍ୟ)କୁ ୟୁରୋପୀୟ ବ୍ୟବସାୟୀ ଓ ଧର୍ମଯାଜକମାନେ ମାନୁ ନ ଥିଲେ। ଏହିଭଳି ଭାବେ ଦୁଇ ଦେଶ ମଧ୍ୟରେ ବ୍ୟବସାୟିକ ଓ ଆତ୍ମାଭିମାନର ଅସନ୍ତୋଷ କୁହୁଳିବାରେ ଲାଗିଲା। ନିଅଣ୍ଟିଆ ବାଣିଜ୍ୟକୁ ସଜାଡ଼ିବା ସକାଶେ ବ୍ରିଟିଶ୍ ବ୍ୟବସାୟୀମାନେ ଚୀନରେ ଅଫିମ କାରବାର ଆରମ୍ଭ କଲେ। କୌଶଳକ୍ରମେ ବ୍ରିଟିଶରମାନେ ପ୍ରଥମେ ଚୀନାମାନଙ୍କୁ ମାଗଣାରେ ଅଫିମ ବାଣ୍ଟି ସେମାନଙ୍କୁ ନିଶାସକ୍ତ କରିଦେଲେ। ଏହାପରେ ଚୀନ୍‌ରେ ବିପୁଳ ପରିମାଣରେ ଅଫିମ ଅବାଧରେ ବିକ୍ରି ହୋଇଚାଲିଲା। ଉଲ୍ଲେଖନୀୟ ହେଲା ବ୍ରିଟିଶରମାନେ ଏହି ଅଫିମ ଭାରତରୁ ନେଇ ଚୀନ୍‌ରେ ବିକ୍ରି କରୁଥିଲେ। ୧୮୦୦ ରୁ ୧୮୩୫ ମସିହା ପର୍ଯ୍ୟନ୍ତ ଚୀନ୍‌କୁ ଭାରତରୁ ବ୍ରିଟିଶ ବ୍ୟବସାୟୀମାନଙ୍କ ଦ୍ୱାରା ପ୍ରଚୁର ପରିମାଣରେ ଅଫିମ ଚାଲାଣ ପରେ ଚୀନାମାନେ ବ୍ରିଟିଶରମାନଙ୍କ ପାଖରେ ଏକପ୍ରକାର ନିଶା-ଗୋଲାମ୍ ପାଲଟିଗଲେ।

ପରିସ୍ଥିତିକୁ ଉପଲବ୍ଧି କରି ୧୮୨୦ ମସିହାରେ ଚୀନ ସରକାର 'କ୍ୟାଣ୍ଟନ' ବନ୍ଦରରେ ଅଫିମ କାରବାର ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଲେ। କିନ୍ତୁ ଏହା ବିଶେଷ ଫଳପ୍ରଦ ହେଲା ନାହିଁ। କାରଣ ପ୍ରଥମତଃ ଚୀନର ଅସାଧୁ ଅଧିକାରୀମାନେ ବିପୁଳ ପରିମାଣର ଲାଞ୍ଚ ଗ୍ରହଣ କରି ଲୁଚାଛପାରେ ଅଫିମ ଆମଦାନୀ ଜାରି ରଖିଲେ। ଅପରପକ୍ଷରେ ଚୀନ୍ ବ୍ୟବସାୟୀମାନେ ରୌପ୍ୟ ମୁଦ୍ରାରେ ଅଫିମ କାରବାର କରିବାରୁ ପ୍ରଚୁର ପରିମାଣରେ ରୌପ୍ୟ ମୁଦ୍ରା ଚୀନ୍ ବାହାରକୁ ଚାଲିଗଲା। ପରିଶେଷରେ ଏହା ଏକ ଯୁଦ୍ଧକୁ ଜନ୍ମ ଦେଲା, ଯାହାକୁ ଇତିହାସ 'ପ୍ରଥମ ଅଫିମ ଯୁଦ୍ଧ' ନାମରେ ନାମିତ କଲା। ୧୮୩୯ ରୁ ୧୮୪୨ ମସିହା ପର୍ଯ୍ୟନ୍ତ ସଂଘଟିତ ଏହି ଯୁଦ୍ଧରେ ଅତ୍ୟାଧୁନିକ ନୌସେନାବାହିନୀ ଉପଯୋଗରେ ବ୍ରିଟିଶ୍ ସେନା ଚୀନକୁ ଶୋଚନୀୟ ଭାବରେ ପରାସ୍ତ କଲା। ଚୀନ୍‌ର ଜାତୀୟତାବାଦୀମାନେ ୧୮୩୯ ମସିହାକୁ ଦେଶର 'ଅପମାନ ଯୁଗ'(ହ୍ୟୁମିଲିଏସନ ଏଜ୍)ର ଆରମ୍ଭ ଭାବେ ନାମିତ କରିଥା'ନ୍ତି ଏବଂ ଏହିଠାରୁ ଆଧୁନିକ ଚୀନ ଇତିହାସର ସୃଷ୍ଟି ବୋଲି କୁହାଯାଏ।

ଦୁଇ ଗୋଷ୍ଠୀ ମଧ୍ୟରେ ସ୍ୱାକ୍ଷରିତ 'ନାନକିଙ୍ଗ୍ ଚୁକ୍ତି' ସହିତ ଏହି ଯୁଦ୍ଧର ପରିସମାପ୍ତି ଘଟିଲା। ଏହି ଚୁକ୍ତିରେ ପ୍ରମୁଖ ଥିଲା ହଂକଙ୍କୁ ବ୍ରିଟିଶରମାନଙ୍କୁ ହସ୍ତାନ୍ତର, କ୍ୟାଣ୍ଟନ ଓ ସାଂଘାଇ ସହିତ ଅନ୍ୟ ତିନିଗୋଟି ବନ୍ଦରରେ ଅବାଧ ବାଣିଜ୍ୟ ସକାଶେ ବ୍ରିଟିଶରମାନଙ୍କୁ ଅନୁମତି, ଚୀନ୍ ଦ୍ୱାରା ବ୍ରିଟିଶ୍‌କୁ ଯୁଦ୍ଧଜନିତ କ୍ଷତିପୂରଣ ପ୍ରଦାନ। ପରାଜୟ, ଅପମାନ ଓ ବିପୁଳ କ୍ଷୟକ୍ଷତିରେ ଜର୍ଜରିତ ଚୀନ୍‌ର ଦୁର୍ଦ୍ଦଶା ବୋଧେ ଏତିକିରେ ସରି ନଥିଲା। ଏହା ପରେ ପରେ ଡଚ୍, ଫରାସୀ ଓ ଦିନାମାର୍‌ମାନେ ଚୀନ୍‌ରେ ଉପନିବେଶ ସ୍ଥାପନ କରି ସାମାଜିକ ଓ ଅର୍ଥନୈତିକ ଶୋଷଣ ଆରମ୍ଭ କଲେ। 'ନାନକିଙ୍ଗ ଚୁକ୍ତି' ଅଫିମ ସମ୍ପର୍କରେ ନିରବ ରହିଥିବାରୁ ଚୀନ୍‌ରେ ଏହାର କାରବାର ଆହୁରି ବଢ଼ିଲା। ଏଥିରେ ଚୀନ୍‌ର ସାମାଜିକ-ଅର୍ଥନୀତି ରସାତଳଗାମୀ ହେଲା, ଯାହା ପରବର୍ତ୍ତୀ ଯୁଦ୍ଧ ପାଇଁ କ୍ଷେତ୍ର ପ୍ରସ୍ତୁତ କଲା।

ପାଶ୍ଚାତ୍ୟ ରାଷ୍ଟ୍ରମାନେ 'ନାନକିଙ୍ଗ' ଚୁକ୍ତିର ସମ୍ପ୍ରସାରଣ ଦାବି ଜାରି ରଖିଥିବା ବେଳେ 'ଆରୋ' ନାମକ ବ୍ରିଟିଶ ଜାହାଜକୁ ଚୀନାମାନେ ଜଳଦସ୍ୟୁ ସନ୍ଦେହରେ ୧୮୫୬ ମସିହାରେ ଜବତ କରିନେଲେ। କିନ୍ତୁ ବ୍ରିଟିଶରମାନେ ଚୀନ୍‌ର ଏତାଦୃଶ ଆଚରଣକୁ 'ନାନକିଙ୍ଗ ଚୁକ୍ତି'ର ଉଲ୍ଲଂଘନ ବୋଲି ଅଭିଯୋଗ କରି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ।

୧୮୫୬ରେ ଆରମ୍ଭ ହୋଇଥିବା ଏହି 'ଦ୍ୱିତୀୟ ଅଫିମ ଯୁଦ୍ଧ' ବା 'ଆରୋ ଯୁଦ୍ଧ'ରେ ଗୋଟିଏ ପଟେ ରହିଲେ ବ୍ରିଟେନ, ରୁଷ, ଆମେରିକା, ଫ୍ରାନ୍ସ୍ ଓ ବ୍ରିଟିଶ ଶାସିତ ଭାରତ ଏବଂ ଅନ୍ୟପଟେ ଏକାକୀ ରହିଲା ଚୀନ। ଫରାସୀ ମିସ୍‌ନାରୀ 'ଅଗଷ୍ଟ ଚାପଡ଼ିଲେନ୍'ଙ୍କୁ ଚୀନ୍‌ରେ ହତ୍ୟା କରାଯାଇଥିବା ଅଭିଯୋଗରେ ଫ୍ରାନ୍ସ ଏହି ଯୁଦ୍ଧରେ ଭାଗ ନେଇଥିଲା। ୧୮୬୦ ମସିହାରେ ମିଳିତ ଶକ୍ତି ଆଗରେ ଚୀନ୍ ପରାସ୍ତ ହେବା ସହିତ ସ୍ୱାକ୍ଷରିତ ହେଲା 'ତିଆନଜିନ ଚୁକ୍ତି' ଓ 'ଆଇଗୁନ୍ ଚୁକ୍ତି'। 'ତିଆନଜିନ୍ ଚୁକ୍ତି' ଅନୁଯାୟୀ ଚୀନ୍ ଆହୁରି ଏଗାରଟି ବନ୍ଦର ବାଣିଜ୍ୟ କାରବାର ନିମନ୍ତେ ପାଶ୍ଚାତ୍ୟ ରାଷ୍ଟ୍ର ପାଇଁ ଉନ୍ମୁକ୍ତ କଲା। 'ଆଇଗୁନ ଚୁକ୍ତି' ଅନୁଯାୟୀ ରୁଷ ଓ ଚୀନ ମଧ୍ୟରେ ବିବାଦୀୟ ଭାବରେ ସୀମା ନିର୍ଦ୍ଧାରଣ ହେଲା। ଏହାପରେ ଚୀନ୍ ବାଧ୍ୟ ହେଲା ଅଫିମ କାରବାରକୁ ଆଇନତଃ ସ୍ୱୀକୃତି ଦେବା ପାଇଁ। ପ୍ରାୟ ଏକଶତାବ୍ଦୀ ପରେ ଏହି ଅଫିମ ଯୁଦ୍ଧ ଜନ୍ମ ଦେଲା ସମ୍ପ୍ରତି ବିଶ୍ୱରେ ଦେଖାଦେଇଥିବା ତୈଳଯୁଦ୍ଧକୁ।

୮ ଜୁନ୍ ୧୯୭୪ ମସିହାରେ ଆମେରିକା ଓ ସାଉଦି ଆରବ ନେତୃତ୍ୱରେ 'ଓପେକ୍'(ତୈଳ ଉତ୍ପାଦକ ଦେଶ ସଗଠନ) ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା 'ପେଟ୍ରୋଡଲାର ଚୁକ୍ତି'। ଏହି ଚୁକ୍ତିର ସର୍ତ୍ତାବଳୀ ଅନୁସାରେ 'ଓପେକ୍' ଉତ୍ପାଦିତ ଅଶୋଧିତ ତୈଳକୁ କେବଳ ଆମେରିକୀୟ ଡଲାର ବିନିମୟରେ ବିକିବ ଏବଂ ମୁନାଫାକୁ ଆମେରିକାର ଟ୍ରେଜେରୀ ବଣ୍ଡରେ ନିବେଶ କରିବ। ପ୍ରତିବଦଳରେ ଆମେରିକା 'ଓପେକ୍'କୁ ପ୍ରତିରକ୍ଷା ଓ ସାମରିକ ସହାୟତା ଯୋଗାଇଦେବ। ଏହି ଚୁକ୍ତି ଯୋଗୁଁ ଡଲାର ଅଭୂତପୂର୍ବ ଶକ୍ତିଶାଳୀ ହେବା ସହିତ ଯୁକ୍ତରାଷ୍ଟ୍ର ଆମେରିକା ହେଲା ପୃଥିବୀର ସର୍ବଶକ୍ତିମାନ ରାଷ୍ଟ୍ର। ଯେଉଁ ରାଷ୍ଟ୍ର ପେଟ୍ରୋଡଲାରରେ ତୈଳ କାରବାର ପାଇଁ ଅରାଜି ହେଲା ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଜରିଆରେ ସେହି ଦେଶର ଶାସନ ଭାର ନିଜ ଅଧୀନକୁ ନେଇ ଆସିଲା। ଇରାକ୍, ଲିବିୟା ଓ ଭେନେଜୁଏଲାର ସ୍ଥିତି ଏହାର କେତେକ ଉଦାହରଣ। ୫୦ ବର୍ଷ ପାଇଁ ହୋଇଥିବା 'ପେଟ୍ରୋଡଲାର ଚୁକ୍ତି' ଇତିମଧ୍ୟରେ ପୂରିଯାଇଛି। ତେଣୁ 'ଓପେକ୍' ନିଜର ଆବଶ୍ୟକତା ଓ ସୁବିଧା ମୁତାବକ ଯେକୌଣସି ମୁଦ୍ରାରେ ତୈଳ କାରବାର କରିପାରିବ। ଏହାର ସୁଯୋଗ ନେବାକୁ ଚୀନ୍ ସର୍ବାଦୌ ପ୍ରସ୍ତୁତ ହୋଇସାରିଛି ଏବଂ ଅଫିମ ଯୁଦ୍ଧର ପ୍ରତିଶୋଧ ପାଇଁ ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ ବିଶ୍ୱକୁ କଡ଼ା ଆହ୍ୱାନ ଦେଇଛି।

ଏବେ ତୈଳଯୁଦ୍ଧର ଗୋଟିଏ ପଟେ ରହିଛି ଆମେରିକା ଏବଂ ଅନ୍ୟପଟେ ଚୀନ୍। ଗତ କିଛିବର୍ଷ ଧରି ଚୀନ୍ ବିପୁଳ ପରିମାଣର ତୈଳ ଗଚ୍ଛିତ କରି ରଖୁଛି। ଏହିକ୍ରମରେ ବିଶ୍ୱର ସର୍ବାଧିକ ତୈଳଭଣ୍ଡାର ଭେନେଜୁଏଲାର ନବେ ପ୍ରତିଶତରୁ ଅଧିକ ଅଶୋଧିତ ତୈଳ ଚାଇନା କିଣି ନେଉଛି। ୨୦୨୫ ରେ ଚୀନ୍ ଦେଢ଼ ଶହ ନିୟୁତ ବ୍ୟାରେଲ ତେଲ ଆମଦାନୀ କରିଛି ଏବଂ ଏଥିପାଇଁ ବ୍ୟୟ କରିଛି ଦଶ ବିଲିଅନ ଡଲାର। ଚୀନ୍‌ର ଏହି ଚାଲ୍ ପଛରେ ରହିଛି ଦୁଇଟି ଲକ୍ଷ୍ୟ। ପ୍ରଥମତଃ, ବିପୁଳ ପରିମାଣରେ ତୈଳ ମହଜୁଦ୍ କରି ରଖିସାରିବା ପରେ ଚୀନ୍ ନିଜ ମୁଦ୍ରା(ୟାନ)ରେ ବିକ୍ରି ଆରମ୍ଭ କରିବ। ଏହାଜରିଆରେ 'ପେଟ୍ରୋଡଲାର' କ୍ରମଶଃ ଦୁର୍ବଳ ହୋଇ ତୈଳ-କୂଟନୀତିରେ ଆମେରିକାର ଆଧିପତ୍ୟ ହ୍ରାସ ପାଇବ। ଏପରିକି ମଧ୍ୟପ୍ରାଚ୍ୟକୁ ଆମେରିକା ସମ୍ପୂର୍ଣ୍ଣ ରୂପେ କବ୍‌ଜା କରିବା ପୂର୍ବରୁ ଚୀନ ନିଜର ଆବଶ୍ୟକତା ପୂରଣ ପାଇଁ ଗଚ୍ଛିତ ତୈଳକୁ ବିନିଯୋଗ କରିପାରିବ।

ଚୀନର ଦ୍ୱିତୀୟ ଲକ୍ଷ୍ୟ ହେଉଛି ଊନବିଂଶ ଶତାବ୍ଦୀରେ ଯେଭଳି ଭାବେ ଚୀନାମାନଙ୍କୁ ନିଶାସକ୍ତ କରି ଚୀନ୍‌ର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ତଳିତଳାନ୍ତ କରାଯାଇଥିଲା ସେହିକୌଶଳ ଏବେ ଆମେରିକା ବିରୋଧରେ ପ୍ରୟୋଗ କରିବା। ତେଣୁ ଏବେ ଭେନେଜୁଏଲା ଓ ମେକ୍ସିକୋ ଜରିଆରେ ଚୀନ୍ ବିପୁଳ ପରିମାଣରେ ଫେଣ୍ଟାନିଲ୍(ଅଫିମଠାରୁ ଆହୁରି ଶକ୍ତିଶାଳୀ) ଆମେରିକାକୁ ଚୋରାରେ ରପ୍ତାନି କରିଚାଲିଛି। ପେଟ୍ରୋଡଲାର ଦୁର୍ବଳ ହେବାର ଆଶଙ୍କା ସହିତ ସହିତ ସେଠାକାର ଯୁବବର୍ଗଙ୍କ ମଧ୍ୟରେ ଫେଣ୍ଟାନିଲ୍ ଆସକ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଏହିଧାରା ଜାରି ରହିଲେ ଆମେରିକାର ଅର୍ଥନୀତି ଭୁଶୁଡ଼ିବା ଅବଶ୍ୟାମ୍ଭାବୀ। ଯଦିଓ ଜୋ ବାଇଡେନ ଓ ସି. ଜିନ ପିଙ୍ଗଙ୍କ ମଧ୍ୟରେ ଫେଣ୍ଟାନିଲକୁ ନେଇ କେତେକ ଆଲୋଚନା ହୋଇଥିଲା, ସେଥିରୁ କିଛିଫଳପ୍ରଦ ନିଷ୍କର୍ଷ ବାହାରି ପାରିନାହିଁ।

ଅତୀତରେ ପାଶ୍ଚାତ୍ୟ ଶକ୍ତିମାନେ ଅନୁନ୍ନତ ଏସୀୟ ଶକ୍ତିମାନଙ୍କୁ କଳେବଳେକୌଶଳେ ପଦାନତ କରିପାରିଥିଲେ। କିନ୍ତୁ ବର୍ତ୍ତମାନ ଏହା ସମ୍ଭବ ନୁହେଁ, ବିଶେଷ କରି ଏସିଆର ଅନ୍ୟତମ ମହାଶକ୍ତି ଚୀନ ପ୍ରସଙ୍ଗରେ।

(ଓଡ଼ିଶା ସ୍ୱାସ୍ଥ୍ୟ ସେବା)
ଭୁବନେଶ୍ୱର, ମୋ: ୮୧୪୪୦୪୨୯୯୭

## ଗାନ୍ଧୀ: ଏକ କାଳଜୟୀ ଚେତନାର ମହାଭାଷ୍ୟ

ମାନସ କୁମାର କର

ଇତିହାସର ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡରେ କିଛି ବ୍ୟକ୍ତିତ୍ୱ ଜନ୍ମ ନିଅନ୍ତି, ଯେଉଁମାନେ କେବଳ ସମୟକୁ ପ୍ରଭାବିତ କରନ୍ତି ନାହିଁ, ବରଂ ସମୟର ଗତିପଥକୁ ବଦଳାଇ ଦିଅନ୍ତି। ମୋହନଦାସ କରମଚାନ୍ଦ ଗାନ୍ଧୀ ସେହିଭଳି ଏକ ଅନନ୍ୟ ସତ୍ତା। ଗାନ୍ଧୀ କେବଳ ରକ୍ତମାଂସର ଏକ ଶରୀର ନଥିଲେ, ସେ ଥିଲେ ଏକ ଶାଶ୍ୱତ ଚେତନା। ଏମିତି ଏକ ଚେତନା, ଯାହା ଭାରତୀୟ ସଂସ୍କୃତିର ମୂଳଦୁଆରୁ ଜନ୍ମ ନେଇ ସମଗ୍ର ବିଶ୍ୱକୁ ମାନବିକତାର ନୂତନ ପାଠ ପଢ଼ାଇଥିଲେ। ଆଜିର ହିଂସାଜର୍ଜରିତ, ସ୍ୱାର୍ଥପର ଓ ବସ୍ତୁବାଦୀ ଦୁନିଆରେ 'ଗାନ୍ଧୀ' ଶବ୍ଦଟି ଏକ ପ୍ରାସଙ୍ଗିକତାର ମନ୍ତ୍ର ଭଳି ଶୁଭେ।

ଗାନ୍ଧୀଙ୍କ ଚେତନାର ଶିଖର ଥିଲା 'ଅହିଂସା'। ସାଧାରଣତଃ 'ଅହିଂସା'କୁ କେବଳ କାହାକୁ ଆଘାତ ନଦେବା ବୋଲି ବୁଝାଯାଏ। କିନ୍ତୁ ଗାନ୍ଧୀଙ୍କ ପାଇଁ ଏହା ଥିଲା ଏକ ସକ୍ରିୟ ଶକ୍ତି। ସେ ବୁଝାଇଥିଲେ ଯେ, ପ୍ରତିଶୋଧ ନେବା ପାଇଁ ସାହସ ଦରକାର ନାହିଁ। କିନ୍ତୁ କ୍ଷମା କରିବା ପାଇଁ ଅପରିମିତ ମନୋବଳ ଆବଶ୍ୟକ। ଗାନ୍ଧୀଙ୍କ 'ଅହିଂସା' ଦୁର୍ବଳର ଅସ୍ତ୍ର ନୁହେଁ, ବରଂ ବୀରର ପରିଚୟ। ସେ କହିଥିଲେ, 'ହିଂସା ଦ୍ୱାରା ପ୍ରାପ୍ତ ବିଜୟ କ୍ଷଣସ୍ଥାୟୀ, କାରଣ ତାହା ଘୃଣାର ମଞ୍ଜି ରୋପଣ କରେ।' ଆଜି ଯେତେବେଳେ ପରମାଣୁ ଅସ୍ତ୍ରର ଛାୟାରେ ବିଶ୍ୱ ଥରହର, ସେତେବେଳେ ଗାନ୍ଧୀଙ୍କ ସେହି ଅହିଂସା ଚେତନା ହିଁ ମାନବ ସଭ୍ୟତାର ଶେଷ ଆଶାବାଡ଼ି ଭଳି ପ୍ରତୀୟମାନ ହୁଏ।

ଗାନ୍ଧୀଙ୍କ ଜୀବନର ଅନ୍ୟ ଏକ ଦିଗ ହେଉଛି 'ସତ୍ୟ'। ତାଙ୍କ ପାଇଁ 'ସତ୍ୟ' କୌଣସି ଧାର୍ମିକ କର୍ମକାଣ୍ଡ ନଥିଲା, ବରଂ ଥିଲା ଜୀବନର ପରମ ଲକ୍ଷ୍ୟ। ସେ ନିଜକୁ ଏକ ପରୀକ୍ଷାଗାର ଭାବେ ବ୍ୟବହାର କରୁଥିଲେ। ତାଙ୍କର ଆତ୍ମଜୀବନୀ 'ସତ୍ୟର ପ୍ରୟୋଗ' ପଢ଼ିଲେ ଜଣାପଡ଼େ ଯେ, ସେ ନିଜଭିତରେ ଥିବା ସାଧାରଣ ମଣିଷଟିକୁ କିଭଳି କଠୋର ଅନୁଶାସନ ମଧ୍ୟରେ ମହାତ୍ମା କରି ଗଢ଼ିଥିଲେ। ସେ 'ସ୍ୱରାଜ'ର କଳ୍ପନା କରିଥିଲେ। କିନ୍ତୁ ତାଙ୍କ ପାଇଁ 'ସ୍ୱରାଜ'ର ଅର୍ଥ କେବଳ ଇଂରେଜ ଶାସନରୁ ମୁକ୍ତି ନଥିଲା; ତାଙ୍କ ପାଇଁ ଏହା ଥିଲା 'ନିଜ ଉପରେ ନିଜର ଶାସନ'। ଯଦି ଜଣେ ବ୍ୟକ୍ତି ନିଜର ଇନ୍ଦ୍ରିୟ ଓ ଚିନ୍ତାଧାରାକୁ ନିୟନ୍ତ୍ରଣ କରିପାରିବ ନାହିଁ, ତେବେ ସେ ପ୍ରକୃତ ସ୍ୱାଧୀନତା ପାଇବାକୁ ଅଯୋଗ୍ୟ ବୋଲି ସେ ମନେ କରୁଥିଲେ।

ଗାନ୍ଧୀଙ୍କ 'ଗ୍ରାମ୍ୟ ସ୍ୱରାଜ' ଓ 'ସ୍ୱଦେଶୀ' ଚିନ୍ତାଧାରା ଆଜିର 'ଗ୍ଲୋବାଲାଇଜେସନ' ଯୁଗରେ ଅଧିକ ପ୍ରାସଙ୍ଗିକ। ସେ କହିଥିଲେ, 'ପୃଥିବୀ ମଣିଷର ଆବଶ୍ୟକତା ପୂରଣ କରିବାକୁ ସକ୍ଷମ, କିନ୍ତୁ ତା'ର ଲୋଭ ପାଇଁ ନୁହେଁ।' ଏହି ଗୋଟିଏ ଧାଡ଼ି ଆଜିର ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ ଯଥେଷ୍ଟ। ଗାନ୍ଧୀ ବୃହତ ଶିଳ୍ପ ଅପେକ୍ଷା କୁଟୀର ଶିଳ୍ପ ଏବଂ ଗାଁର ବିକାଶ ଉପରେ ଗୁରୁତ୍ୱ ଦେଉଥିଲେ। ସେ ଚାହୁଁଥିଲେ ଯେଉଁଠି ଶ୍ରମିକର ହାତ ଶକ୍ତ ହେଉ, ମେସିନର ଶବ୍ଦରେ ମଣିଷର ଅସ୍ତିତ୍ୱ ହଜି ନଯାଉ। ଚରଖା କେବଳ ଏକ ସୂତା କଟା ଯନ୍ତ୍ର ନଥିଲା, ତାହା ଥିଲା ଶ୍ରମର ମର୍ଯ୍ୟାଦା ଏବଂ ସ୍ୱାବଲମ୍ବନଶୀଳତାର ପରିଭାଷା। ସାମାଜିକ କ୍ଷେତ୍ରରେ ଗାନ୍ଧୀ ଏକ ବିରାଟ ବିପ୍ଳବ ଆଣିଥିଲେ। ଅସ୍ପୃଶ୍ୟତା ନିବାରଣଠାରୁ ଆରମ୍ଭ କରି ନାରୀ ଶିକ୍ଷା ପର୍ଯ୍ୟନ୍ତ ସେ ପ୍ରତିଟି ପାରମ୍ପରିକ କୁସଂସ୍କାର ବିରୁଦ୍ଧରେ ଛିଡ଼ା ହୋଇଥିଲେ। ସମାଜର ଅନ୍ତିମ ସୀମାରେ ଛିଡ଼ା ହୋଇଥିବା ବ୍ୟକ୍ତିଟିର ଆଖିରୁ ଲୁହ ପୋଛିବା ହିଁ ତାଙ୍କର ପ୍ରକୃତ ରାଜନୀତି ଥିଲା। ତାଙ୍କର 'ଅନ୍ତ୍ୟୋଦୟ' ଚିନ୍ତାଧାରା ଅର୍ଥାତ୍ ସବୁଠାରୁ ପଛରେ ଥିବା ବ୍ୟକ୍ତିର ଉଦୟ ଆଜି ବି ଶାସନ ବ୍ୟବସ୍ଥାରେ ଏକ ଆଦର୍ଶ ହୋଇ ରହିଛି। ଗାନ୍ଧୀଙ୍କ ଚେତନା କେବଳ ଭାରତ ପାଇଁ ସୀମିତ ନଥିଲା। ଗାନ୍ଧୀଙ୍କ ପ୍ରଭାବ ଭୌଗୋଳିକ ସୀମାକୁ ମଧ୍ୟ ଅତିକ୍ରମ କରିଥିଲା। ମାର୍ଟିନ ଲୁଥର କିଙ୍ଗ ଜୁନିୟରଙ୍କ ନାଗରିକ ଅଧିକାର ଆନ୍ଦୋଳନ ହେଉ ଅବା ନେଲସନ ମାଣ୍ଡେଲାଙ୍କ ବର୍ଣ୍ଣବୈଷମ୍ୟ ବିରୋଧୀ ସଂଗ୍ରାମ, ଗାନ୍ଧୀବାଦ ହିଁ ଥିଲା ସେମାନଙ୍କର ପ୍ରେରଣା। ତାଙ୍କର ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ ତେନେ କହିୟେ...' ମଧ୍ୟରେ ସେହି ମାନବବାଦୀ ଦର୍ଶନ ଲୁଚି ରହିଛି, ଯିଏ ପରର ଦୁଃଖକୁ ନିଜର ମନେକରେ।

ଆଜିର ସମୟରେ ଆମେ ହୁଏତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ପୂଜା କରୁଛୁ, କିନ୍ତୁ ତାଙ୍କ ବିଚାରକୁ ଭୁଲିଯାଉଛୁ। ଗାନ୍ଧୀ ଜଣେ ବ୍ୟକ୍ତି ଭାବେ ଶାରୀରିକ ସ୍ତରରେ ବିଦାୟ ନେଇଥାଇ ପାରନ୍ତି, କିନ୍ତୁ ଚେତନା ଭାବେ ସେ ଅମର। ଯେପର୍ଯ୍ୟନ୍ତ ଦୁନିଆରେ ଅନ୍ୟାୟ ପ୍ରତି ଅସନ୍ତୋଷ ରହିଥିବ, ସେପର୍ଯ୍ୟନ୍ତ 'ସତ୍ୟାଗ୍ରହ' ପ୍ରାସଙ୍ଗିକ ରହିବ। ଯେପର୍ଯ୍ୟନ୍ତ ଘୃଣା ଓ ହିଂସା ରହିଥିବ, ସେପର୍ଯ୍ୟନ୍ତ 'ଅହିଂସା' ପ୍ରାସଙ୍ଗିକ ରହିବ। ଆଜି ଆମେ ହୁଏତ ଗାନ୍ଧୀଙ୍କୁ ମୁଦ୍ରା କିମ୍ବା କାନ୍ଥର ଫଟୋଚିତ୍ରରେ ସୀମିତ କରିଦେଇଛୁ। କିନ୍ତୁ ତାଙ୍କ ବିଚାରର ଅଗ୍ନି ଶିଖା ଆଜି ବି ଅନିର୍ବାଣ। ଯେପର୍ଯ୍ୟନ୍ତ ଦୁନିଆରେ ଅସହିଷ୍ଣୁତା ରହିଥିବ, ସେପର୍ଯ୍ୟନ୍ତ ଗାନ୍ଧୀ ପ୍ରାସଙ୍ଗିକ ରହିବେ। ତାଙ୍କୁ କେବଳ ଶ୍ରଦ୍ଧାଞ୍ଜଳି ଦେବା ଯଥେଷ୍ଟ ନୁହେଁ, ବରଂ ତାଙ୍କୁ ଆଚରଣରେ ଧାରଣ କରିବା ହିଁ ହେବ ଶ୍ରେଷ୍ଠ ପୂଜା। ଗାନ୍ଧୀ ଏକ ଅତୀତ ନୁହନ୍ତି, ସେ ହେଉଛନ୍ତି ଆମ ଭବିଷ୍ୟତର ମାନଚିତ୍ର।

କୋଣାର୍କ(କୋଣାର୍କ), ମୋ: ୭୩୮୧୩୮୨୨୧୦

## ଆମ ବୃକ୍ଷଲତା ଆମ ଜୀବନ

### ବେଲ
(Bael or Stone Apple- Aegle marmelos)

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ବେଲ ଭାରତୀୟ ଉପମହାଦେଶ ଏବଂ ଦକ୍ଷିଣ-ପୂର୍ବ ଏସିଆର ଏକ ମୂଳଜାତ ବୃକ୍ଷ। ଏହା ଓଡ଼ିଶା ଏବଂ ପୂର୍ବ ଭାରତୀୟ ରାଜ୍ୟରେ ଜଙ୍ଗଲୀ ଭାବରେ ବଢ଼ିଥାଏ। ଉତ୍ତରପ୍ରଦେଶ, ହିମାଳୟ ପାଦଦେଶ, ଡେକାନ୍ ମାଳଭୂମି ଏବଂ ଇଣ୍ଡୋ-ଗାଙ୍ଗେଟିକ ପ୍ଲେନ ବା ଭାରତ-ଗାଙ୍ଗେୟ ସମତଳ ଭୂମିରେ ମଧ୍ୟ ଚାଷ କରାଯାଏ।

ବେଲ ଏକ ମଧ୍ୟମ ଧରଣର ପର୍ଣ୍ଣମୋଚୀ ବୃକ୍ଷ, ଯାହା ୧୦ ମିଟରରୁ ଅଧିକ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଛାଲି ମସୃଣ, ଫିକା ମାଟିଆ କିମ୍ବା ଧୂସର ରଙ୍ଗର, ସୂକ୍ଷ୍ମ ଭାବରେ ଫାଟି ଫାଟି ଥାଏ। କଟା ଅଂଶରୁ ପତଳା ରସ କିମ୍ବା ଅଠା ବାହାରେ। ପତ୍ରଟି ଯୌଗିକ, ତ୍ରିପର୍ଣ୍ଣୀ, ବିକଳ୍ପ। ପ୍ରତ୍ୟେକ ପତ୍ର ସୂକ୍ଷ୍ମ ଅଗ୍ରଭାଗ ଓ ଗୋଲାକାର ଧାର ବିଶିଷ୍ଟ। ଫୁଲଗୁଡ଼ିକ ଫିକା ସବୁଜ କିମ୍ବା ହଳଦିଆ, ମଧୁର ସୁଗନ୍ଧଯୁକ୍ତ, ଉଭୟଲିଙ୍ଗୀ, ଡାଳ ଓ ପତ୍ର ଅକ୍ଷରେ ଗୁଚ୍ଛରେ ଝୁଲି ରହିଥାଏ। ଫଳ ଆକାରରେ ବଡ଼, ଗୋଲାକାର କିମ୍ବା ସାମାନ୍ୟ ନାସପାତି ଆକୃତିର ଏବଂ ଏକ ଘନ କଠିନ ଆବରଣ ଧାରଣ କରିଥାଏ। କାଠୀୟ ଖୋଳଟି ମସୃଣ, ସବୁଜ, ଧୂସର ରଙ୍ଗର ଏବଂ ସମ୍ପୂର୍ଣ୍ଣ ପାଚିଯିବା ପରେ ହଳଦିଆ କିମ୍ବା ବାଦାମୀ ରଙ୍ଗ ଧାରଣ କରେ। ଫଳ ଭିତରେ ପଲ୍ପ ସହିତ ଅନେକ ଚେପଟା-ଆୟତାକାର ବିହନ ଥାଏ। ଫଳଟି ଗଛରେ ପାଚିବାକୁ ବହୁତ ସମୟ ଲାଗେ। ଭିତରେ ସୁସ୍ୱାଦ ସୁଗନ୍ଧିତ, ମିଠା ଓ ସୁଖଦ ତନ୍ତୁମୟ ହଳଦିଆ ପଲ୍ପ ଭରି ହୋଇ ରହିଥାଏ। ଏଥିରେ ଅନେକ ଲୋମଶ ବିହନ ଏକ ପତଳା ମ୍ୟୁସିଲେଜ ବା ଅଠାଳିଆ ତରଳ ପଦାର୍ଥରେ ଆବଦ୍ଧ ହୋଇଥାଏ।

ବେଲର ସମସ୍ତ ଅଂଶ ବିଭିନ୍ନ ରୋଗର ଚିକିତ୍ସା ପାଇଁ ପାରମ୍ପରିକ ଔଷଧରେ ବ୍ୟବହୃତ ହୁଏ। ଏଥିରେ ଡାଇରିଆ ପ୍ରତିରୋଧୀ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିଭାଇରାଲ୍, ରେଡିଓପ୍ରୋଟେକ୍ଟିଭ୍, ଆଣ୍ଟିକ୍ୟାନ୍ସର, କେମୋପ୍ରିଭେଣ୍ଟିଭ୍, ଆଣ୍ଟିପାଇରେଟିକ୍, ଅଲସର ହିଲିଂ, ଆଣ୍ଟିଜେନୋଟକ୍ସିକ, ଡାଇୟୁରେଟିକ୍, ଆଣ୍ଟିଫର୍ଟିଲିଟି ଏବଂ ପ୍ରଦାହ ପ୍ରତିରୋଧକ ଗୁଣ ଅଛି। ଫଳଟି ଭିଟାମିନ୍ ସିରେ ଭରପୂର ଥାଏ। ଫଳଗୁଡ଼ିକୁ ଗଛରୁ ତାଜା ଖାଇହେବ କିମ୍ବା ଶୁଖାଇ ପରେ କ୍ୟାଣ୍ଡି, ଟଫି, ପଲ୍ପ ପାଉଡର ଭଳି ପ୍ରସ୍ତୁତ କରି ଖିଆଯାଇପାରିବ। ତାଜା ପାଚିଲା ବେଲ ରସକୁ ଛାଣି ଗୁଡ଼ ବା ଚିନି, ଗୋଲମରିଚ ସହିତ ମିଶାଇ ପାନୀୟ ତିଆରି କରି ସେବନ କରାଯାଏ, ଯାହାକୁ ବେଲ ପଣା କୁହାଯାଏ।

ବେଲ ଗଛରେ ଏଜେଲାଇନ୍, ଏଗେଲ୍ ମାର୍ମେଲୋସିନ୍, ଫୁରୋକୋମାରିନ୍, ଜାଣ୍ଟୋଟକ୍ସୋଲ୍ ଓ ଆଲୋଇମ୍ପେରେଟୋରିନ୍‌ର ମିଥାଇଲ୍ ଏଷ୍ଟର୍, ଫ୍ଲାଭୋନଏଡ୍ସ, ରୁଟିନ୍ ଓ ମାର୍ମେସିନ୍, ଅନେକ ଅତ୍ୟାବଶ୍ୟକୀୟ ତେଲ ରହିଥାଏ। ଏହାର ଆଲକାଲଏଡ୍ ମଧ୍ୟରେ ଫାର୍ଗାରିନ୍, ଆଇସୋପେଣ୍ଟେନାଇଲହାଲଫୋର୍ଡିନଲ୍, ମିଥାଇଲହାଫୋର୍ଡିନଲ୍ ଥାଏ। ଏହା ଅକ୍ସାଲିକ୍, ଟାର୍ଟାରିକ, ମାଲିକ୍ ଓ ଆସ୍କର୍ବିକ୍ ଏସିଡ୍ ସମେତ ବିଭିନ୍ନ ଜୈବିକ ଅମ୍ଳରେ ଭରପୂର ଥାଏ। ଏହାର ବିହନ ତେଲରେ ସାଧାରଣ ଫ୍ୟାଟି ଏସିଡ୍ ବା ସ୍ନେହସାର ଅମ୍ଳ ସହିତ ଅନ୍ୟାନ୍ୟ ଅନେକ ଉପାଦାନ ଥାଏ।

ବେଲ ଗଛଗୁଡ଼ିକ ସାଧାରଣତଃ ହିନ୍ଦୁ ମନ୍ଦିର ଏବଂ ଘର ବଗିଚା ନିକଟରେ ଦେଖାଯାଇଥାଏ। ସଂସ୍କୃତରେ ଋଗବେଦରେ ଶ୍ରୀସୂକ୍ତରେ ବେଲର ଧାର୍ମିକ ଗୁରୁତ୍ୱର ପ୍ରାରମ୍ଭିକ ପ୍ରମାଣ ଦେଖାଯାଏ, ଯାହା ଏହି ଗଛକୁ ଧନ ଏବଂ ସମୃଦ୍ଧିର ଦେବୀ ଲକ୍ଷ୍ମୀଙ୍କ ବାସସ୍ଥାନ ଭାବରେ ପୂଜା କରେ। ବେଲ ଗଛକୁ ଦେବୀ ସତୀଙ୍କ ଅବତାର ଭାବେ ମଧ୍ୟ ବିବେଚନା କରାଯାଏ। ଭଗବାନ ଶିବ ବେଲ ଗଛକୁ ଭଲ ପାଆନ୍ତି। ସେ ବିଲ୍ୱଦଣ୍ଡ ନାମରେ ପରିଚିତ ଉପାଧି ପାଇଛନ୍ତି। ଏହାର ପତ୍ର ଓ ଫଳ ଶିବଙ୍କ ପୂଜାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ତ୍ରିପତ୍ରକୁ ଶିବଙ୍କ ତ୍ରିଶୂଳ ଓ ତ୍ରିନେତ୍ରର ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ନେପାଳର ନେୱାର ସଂସ୍କୃତିର ଲୋକଙ୍କ ଦ୍ୱାରା 'ବେଲ ବିବାହ' ନାମରେ ଜଣାଶୁଣା ଝିଅମାନଙ୍କ ପାଇଁ ଏକ ପ୍ରଜନନ ରୀତିର ଅଂଶ। ଝିଅମାନଙ୍କୁ ବେଲ ଫଳ ସହିତ 'ବିବାହ' କରାଯାଏ; ଯେପର୍ଯ୍ୟନ୍ତ ଫଳକୁ ସୁରକ୍ଷିତ ରଖାଯାଏ ସେପର୍ଯ୍ୟନ୍ତ ଝିଅଟି କେବେ ବିଧବା ହେବ ନାହିଁ, ଏପରିକି ତାଙ୍କ ମାନବ ସ୍ୱାମୀ ମୃତ୍ୟୁବରଣ କଲା ପରେ ମଧ୍ୟ ବୋଲି ବିଶ୍ୱାସ ରହିଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୧୨ରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନର ଧର୍ମଘଟ

# ଧର୍ମଘଟକୁ ସମର୍ଥନ ଘୋଷଣା କଲା ରାଜ୍ୟ କଂଗ୍ରେସ

ଭୁବନେଶ୍ୱର, ୮।୨(ସମିସ): ଆସନ୍ତା ୧୨ ତାରିଖ (ଗୁରୁବାର) ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମର୍ଥନ କରିଛି। ଏହି ମର୍ମରେ ପିସିସି ସଭାପତି ଭକ୍ତଚରଣ ଦାସ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି, 'ଡପା' ସରକାର ଅମଳରୁ ଚାଲି ଆସିଥିବା କଲ୍ୟାଣକର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କେନ୍ଦ୍ର ସରକାର ଉଚ୍ଛେଦ କରି ଭିବି ଜି-ରାମ-ଜି ପରି ଶ୍ରମିବିରୋଧୀ ଯୋଜନା ଆରମ୍ଭ କରିଛନ୍ତି। ଏହା ବିରୋଧରେ କଂଗ୍ରେସ ଦଳ ପକ୍ଷରୁ ଦେଶବ୍ୟାପୀ ନିରନ୍ତର ଧର୍ମଘଟ, ବିକ୍ଷୋଭ, ଅନଶନ ଚାଲି ଆସିଛି। ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଯଥା ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମଏସ, ସିଆଇଟିୟୁ, ଏଆଇଟିୟୁସି, ଏଆଇସିସିଟିୟୁ, ବିୟୁସିସି, ୟୁଟିୟୁସି, ଏଲ୍‌ପିଏଫ୍ ଓ ସେୱା ସମେତ ବିଭିନ୍ନ ବ୍ୟାଙ୍କ, ବୀମା, ରାଜ୍ୟ ଓ କେନ୍ଦ୍ର କର୍ମଚାରୀ ସଂଗଠନ ପରି ୫୦ରୁ ଅଧିକ ସ୍ୱାଧୀନ ମହାସଂଘ ଆହ୍ୱାନରେ ମନରେଗା ଉଚ୍ଛେଦ ବିରୋଧରେ ଓ ଶ୍ରମିକ-ବିରୋଧୀ ୪ ଶ୍ରମ-କୋଡ୍ ବାତିଲ ଦାବିରେ ଦେଶବ୍ୟାପୀ ଧର୍ମଘଟ କରାଯାଉଥିବାରୁ କଂଗ୍ରେସ ଏହାକୁ ସମର୍ଥନ କରୁଛି।

ସୂଚନାଯୋଗ୍ୟ, ପିସିସିର ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ ସମସ୍ତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଜ୍ୟର ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ମାଗଣା ବିଜୁଳି ଦେବା ଓ ଚାଷୀଙ୍କ ପାଇଁ ବିଜୁଳି ଦେୟ ସମ୍ପୂର୍ଣ୍ଣ ଛାଡ଼ କରିବା ଦାବିରେ ଗତ ଦୁଇମାସ ହେଲା ରାଜ୍ୟବ୍ୟାପୀ ଆନ୍ଦୋଳନ ହୋଇଆସୁଛି। ବିହନ, ସାର ଓ ଧାନସଂଗ୍ରହରେ ଅବ୍ୟବସ୍ଥା କରି ରାଜ୍ୟ ସରକାର ଚାଷୀକୁଳକୁ ଚରମ ଦୁର୍ଦ୍ଦିନକୁ ଠେଲି ଦେଇଛନ୍ତି। ମନରେଗା, ବିଜୁଳି ଓ ଚାଷୀଙ୍କ ସମସ୍ୟା ପ୍ରସଙ୍ଗକୁ ୧୨ ତାରିଖର ଧର୍ମଘଟରେ ଉପରୋକ୍ତ ସଂଗଠନମାନେ ଗୁରୁତ୍ୱ ଦେଉଥିବାରୁ ଓଡ଼ିଶା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଉଛି ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି। ଶ୍ରମିକ, ସାଧାରଣ ଉପଭୋକ୍ତା ଓ ଚାଷୀମାନଙ୍କର ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶାରେ କଂଗ୍ରେସର ତୃଣମୂଳସ୍ତର ଯାଏ ନେତା ଓ କର୍ମୀ ଏହି ଧର୍ମଘଟକୁ ସମର୍ଥନ କରିବା ପାଇଁ ପିସିସି ପକ୍ଷରୁ ଡିସିସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ଦାସ କହିଛନ୍ତି।

ସୂଚନାଯୋଗ୍ୟ, ଆଇଏନଟିୟୁସି ସର୍ବଭାରତୀୟ ଉପସଭାପତି, ଓଡ଼ିଶା ରାଜ୍ୟ ଶାଖା ସଭାପତି ତଥା ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଶନିବାର କଂଗ୍ରେସ ଭବନରେ ପିସିସି ସଭାପତି ଶ୍ରୀ ଦାସଙ୍କୁ ସାକ୍ଷାତ କରି ଧର୍ମଘଟ ବିଷୟରେ ଅବଗତ କରାଇବା ସହ ଦଳର ସମର୍ଥନ ଲୋଡ଼ିଥିଲେ। ଏହାପରେ ପିସିସି ଏହି ଆନ୍ଦୋଳକୁ ସମର୍ଥନ ଘୋଷଣା କରିଛି।

# ପୁଣି ଓଏସ୍‌ଏସ୍‌ଏସ୍‌ସି ୱେବସାଇଟ୍ ଅଚଳ

## ବୈଷୟିକ ସହାୟତା ପାଇଁ ଫୋନ୍ ଉଠାଉନାହାନ୍ତି କର୍ମଚାରୀ

ଭୁବନେଶ୍ୱର, ୮।୨ (ସମିସ): ସୁଧୁରୁନି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ୱେବସାଇଟ୍ ଅବସ୍ଥା। ପୂର୍ବରୁ ଧିମା ଚାଲୁଥିବା ବେଳେ ଆବେଦନ ଅବଧିକୁ ୧୫ଦିନ ବୃଦ୍ଧି କରାଯାଇଛି। ମାତ୍ର ଏଯାଏଁ ବୈଷୟିକ ତ୍ରୁଟି ସୁଧାରିବାରେ କର୍ତ୍ତୃପକ୍ଷ ବିଫଳ ହେଉଛନ୍ତି। ନୂତନ ପଞ୍ଜିକରଣ ସମ୍ଭବ ହେଉ ନ ଥିବା ବେଳେ ପଞ୍ଜିକରଣ କରିଥିବା ଛାତ୍ରଛାତ୍ରୀ ମଧ୍ୟ ଆବେଦନ କରିପାରୁନାହାନ୍ତି। ସବୁଠୁ ସମ୍ବେଦନଶୀଳ ପ୍ରସଙ୍ଗ ହେଲା, ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ବୈଷୟିକ ସହାୟତା ପାଇଁ ଦିଆଯାଇଥିବା ନମ୍ବରରେ କେହି ଫୋନ୍ ଉଠାଉନାହାନ୍ତି। ଫଳରେ ଆବେଦନ କରିବା ନେଇ ପୁଣିଥରେ ଛାତ୍ରଛାତ୍ରୀମାନେ ଆଶଙ୍କାରେ ପଡ଼ିଛନ୍ତି।

ପ୍ରାୟ ୩ଦିନ ନୂତନ ପଞ୍ଜୀକରଣ ପାଇଁ ଉଭୟ ମୋବାଇଲ୍ ନମ୍ବର ଓ ମେଲ୍ ଆଇଡିକୁ ସମାନ ଓଟିପି ଆସୁଛି। ତାହା ଦାଖଲ କରିବା ପରେ ଅବୈଧ ବୋଲି ୱେବସାଇଟ୍‌ରେ ଦର୍ଶାଉଛି। ଫଳରେ ନୂତନ ପଞ୍ଜୀକରଣ ସମ୍ଭବ ହେଉନାହିଁ। ଅପରପକ୍ଷରେ, ପୂର୍ବରୁ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀମାନେ ଆବେଦନ କରିବା ପାଇଁ ଅଗ୍ରସର ହେଉଛନ୍ତି। ସମସ୍ତ ତଥ୍ୟ ଦାଖଲ କରି ସବମିଟ୍ ମାରିବା ପରେ ୱେବସାଇଟ୍ ସମ୍ପୂର୍ଣ୍ଣ କ୍ରାସ ହୋଇଯାଉଛି। ବ୍ୟାପକ ବୈଷୟିକ ତ୍ରୁଟି ଲାଗି ରହିଥିବା ବେଳେ ଓଏସ୍‌ଏସ୍‌ଏସ୍‌ସି କର୍ମଚାରୀମାନେ ବେଫିକର ହୋଇ ବସିଛନ୍ତି। ସ୍ଥାୟୀ ସମାଧାନ କରିବାରେ ଅକ୍ଷମ କର୍ତ୍ତୃପକ୍ଷ ୱେବସାଇଟ୍‌ରେ ଉପଲବ୍ଧ ଫୋନ୍ ନମ୍ବରରେ କଲ୍ କଲେ ମଧ୍ୟ ଉଠାଉ ନାହାନ୍ତି। ଫଳରେ ଆବେଦନ କରିପାରିବା ନେଇ ଆଶାୟୀମାନେ ଆଶା ଓ ଆଶଙ୍କାରେ ରହିଛନ୍ତି। ବାରମ୍ବାର ୱେବସାଇଟ୍ ତ୍ରୁଟି ହେଉଥିବାବେଳେ ସରକାର କାହିଁକି ପଦକ୍ଷେପ ନେଉନାହାନ୍ତି ବୋଲି ଆଶାୟୀମାନେ ପ୍ରଶ୍ନ କରୁଛନ୍ତି।

# ବିଜେଡିରୁ ନିଲମ୍ବିତ ହେଲେ କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା

ଭୁବନେଶ୍ୱର, ୮।୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅଧ୍ୟକ୍ଷା ସରୋଜିନୀ ତରାଇ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଏନେଇ ରାଜ୍ୟ ବିଜେଡି ମୁଖ୍ୟାଳୟ ଉପ-ସଭାପତି ପ୍ରତାପ ଜେନାଙ୍କ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସରୋଜିନୀଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ନେଇ ସେ ବିଜ୍ଞପ୍ତିରେ ଦର୍ଶାଯାଇଛି।


**AFFIDAVIT**

By virtue of an affidavit sworn before **Notary Public Bhubaneswar, on dated 06.02.2026, I Jhunu Lata Senapati** resident At/Po-Konark, Adhula, Dist-Puri, Odisha, Pin-752111, declare that I have changed the name of my Daughter from **Sushree Amrita Senapati to Parbeen Senapati**. Henceforth, she will be known as **Parbeen Senapati** for all purposes.

**Jhunu Lata Senapati**

**AFFIDAVIT**
**Change of Name (Minor)**

By virtue of an affidavit sworn before The Notary Public, Titilagarh, on dated-07/02/2026. I, **Pratima Tandi** (applicant name), W/o Dilip Ghivela, permanent & current resident of AT: Pitapara, Bitabandh, PO: Malisira, PS: Titilagarh, Dist: Balangir, State: Odisha, PN: 767037 declare that I have changed my minor daughter's name from **Priyanka Ghivela to Pritika Ghivela.** Henceforth, I shall be known as **Pritika Ghivela** (new name) for all future purposes.

**Pratima Tandi**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଠୁନାହିଁ ଧାନ...

ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ପଡ଼ି ରହିଛି। ଫଳତଃ ରାଜ୍ୟର ମିଲରମାନେ ନୂଆ ଧାନ ଉଠାଇବାକୁ ବିଶେଷ ଆଗ୍ରହ ପ୍ରକାଶ କରୁ ନାହାନ୍ତି ବୋଲି ସେ କହିଛନ୍ତି। ଏହାସହିତ କିଛି ଦିନ ପୂର୍ବରୁ ସଂଘ ଆନ୍ଦୋଳନକୁ ଓହ୍ଲାଇବା ଓ ସରକାର ସେମାନଙ୍କ ଦାବି ପୂରଣ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲେ ମଧ୍ୟ ସରକାର ନିଜର ପ୍ରତିଶ୍ରୁତି ପୂରଣ କରିବାକୁ ଭୁଲିଯାଇଥିବା ଅଭିଯୋଗ ହୋଇଛି।

ମିଲର-ସରକାରଙ୍କ ପ୍ରାୟୋଜିତ ନାଟକ ଯୋଗୁଁ କ୍ଷତିଗ୍ରସ୍ତ ଚାଷୀ ଆନ୍ଦୋଳନକୁ ଓହ୍ଲାଉଛନ୍ତି । ମାତ୍ର ଏହି ଆନ୍ଦୋଳନ ସରକାରଙ୍କୁ ହଜମ ହେଉନାହିଁ । ଖୋଦ୍ ଉପମୁଖ୍ୟମନ୍ତ୍ରୀ ଚାଷୀମାନେ 'ନୌଟଙ୍କୀ' କରୁଛନ୍ତି ବୋଲି କହିଲେ, ଆଉ ଜଣେ ମନ୍ତ୍ରୀ ଚାଷୀଙ୍କୁ 'ଆନ୍ଦୋଳନଜୀବୀ' ଆକ୍ଷେପ କଲେ । ଏବେ ସମବାୟ ମନ୍ତ୍ରୀ ଧାନ ବିକ୍ରି ପାଇଁ ମଣ୍ଡିରେ ବସିଥିବା ଚାଷୀଙ୍କୁ 'ଫେକ୍ ଚାଷୀ' ଆକ୍ଷେପ କଟା ଘା'ରେ ଚୂନ ମାରିବା ପରି ହୋଇଛି । ରବିବାର ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଧିମା ଧାନ କିଣା ବ୍ୟବସ୍ଥାକୁ ସ୍ୱୀକାର କରିଥିଲେ ମଧ୍ୟ ଏଥିପାଇଁ ଚାଷୀଙ୍କୁ ଦାୟୀ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଧାନକିଣା ପ୍ରକ୍ରିୟା ସଠିକ୍ ଭାବେ ଚାଲିଛି। ସରକାରଙ୍କୁ ବଦ୍‌ନାମ କରିବାକୁ କିଛି ଫେକ୍ ଚାଷୀ ଚେଷ୍ଟା କରୁଛନ୍ତି। ସେଥିରେ ସେମାନେ ସଫଳ ହେବେନି। ଯେଉଁମାନେ ଆନ୍ଦୋଳନ କରୁଛନ୍ତି ସେମାନେ ଚାଷୀ ନୁହନ୍ତି। ଅନାବାଦୀ ଗୋଚର ଭଳି ଅନେକ ସ୍ଥାନରେ ଚାଷ ହୋଇଛି। ସେମାନଙ୍କୁ ନୋଟିସ୍ ହୋଇଛି, ନ ଚେତିଲେ କାର୍ଯ୍ୟାନୁଷ୍ଠାନ ହେବ। ବଡ଼ ଚାଷୀମାନେ ଏହି ବିରୋଧ କରୁଛନ୍ତି। ଗତ ବର୍ଷ ୫ ଶହ କ୍ୱିଣ୍ଟାଲ ଧାନ ସେମାନେ ବିକ୍ରି କରିଥିଲେ, ଏଥର କ୍ୟାପ୍ସ ହୋଇଥିବାରୁ ଅସୁବିଧାରେ ପଡୁଛନ୍ତି। ଅନ୍ୟପଟେ ମିଲରଙ୍କ ପାଖରେ ଜାଗା ନ ଥିବାରୁ ଧାନ କିଣା ପ୍ରକ୍ରିୟା ଧିରେ ହେଉଛି ବୋଲି ମନ୍ତ୍ରୀ କହିବା ସହ ଯାହାଙ୍କର ଟୋକନ ଲାପ୍ସ ହେଉଛି, ଆଉ ୧୫ ଦିନ ଟୋକାନ ଅବଧି ବୃଦ୍ଧି କରିବାକୁ ଜିଲ୍ଲାପାଳଙ୍କୁ କୁହାଯାଇଥିବା ସେ କହିଛନ୍ତି।

### ବିକ୍ରମ ପଣ୍ଡା...

ନେବାକୁ ଡାକ୍ତର ପରାମର୍ଶ ଦେବା ସହିତ ୭ ଦିନ ପରେ ପୁଣି ସ୍ୱାସ୍ଥ୍ୟ ପରୀକ୍ଷା ପରେ ପରବର୍ତ୍ତୀ ଚିକିତ୍ସା କରାଯିବ ବୋଲି କହିଥିଲେ। ପରେ ବିକ୍ରମଙ୍କୁ ପୁଣି ଥରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ନିଆଯାଇଥିଲା। ମାତ୍ର କିଛି ସମୟ ପରେ ପୁଣି ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ। ଯନ୍ତ୍ରଣାରେ ଛଟପଟ ବିକ୍ରମ ଆଜି ଦିନତମାମ ଖାଦ୍ୟ ଗ୍ରହଣ କରିନଥିଲେ। ଫଳରେ, ବିକ୍ରମଙ୍କୁ ସନ୍ଧ୍ୟାରେ ପୁଣିଥରେ ଏମ୍‌କେସିଜି ମେଡିକାଲକୁ ନେବାକୁ ଜେଲ୍‌ର ଡାକ୍ତର ପରାମର୍ଶ ଦେଇଥିଲେ। ଆଜି ବିକ୍ରମଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ମେଡିକାଲକୁ ଅଣାଯାଇଥିବା ବେଳେ ତାଙ୍କୁ ଦେଖିବାକୁ ତାଙ୍କ ବାପା, ପତ୍ନୀ, ଭଉଣୀ ଓ ସାନପୁଅ ସମେତ ବହୁ କର୍ପୋରେଟର ଓ ସମର୍ଥକ ପହଞ୍ଚିଥିଲେ।

### ବାଇକ୍ ଦୁର୍ଘଟଣାରେ...

ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ଠାବ କରିବାକୁ ଚେଷ୍ଟା ଚଳାଇଛି।

ସୂଚନାନୁଯାୟୀ, ଅଜା-ଆଈ ଓ ନାତି ଆଜି ସକାଳେ ମୋହନଙ୍କ ଘର ଧରାଖିମନକୁ ବୁଲି ଆସିଥିଲେ। ସଂଧ୍ୟାରେ ସେମାନେ ଫେରିବାକୁ ଚାହିଁବାରୁ ମୋହନ ତାଙ୍କୁ ଏକ ବାଇକ୍‌ରେ ଗାଁକୁ ଛାଡ଼ିବାକୁ ନେଇଥିଲେ। ଏହି ସମୟରେ ପଣ୍ଡରେନ୍ ଗାଁ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ କ୍ଷୀର ଓ ନାତି ଦେବାଶିଷଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବା ସହ ଗୁରୁତର କୁନି ଓ ମୋହନଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଗୋଟିଏ ପରିବାରର ତିନିତିନିଜଣଙ୍କ ମୃତ୍ୟୁକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି।

### ରୋଗୀ ସମେତ...

ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି।

ସୂଚନାନୁସାରେ, ଚିକିଟି ବ୍ଲକ ପାତିସୁନାପୁର ଗାଁର ଏକ ପକ୍ଷାଘାତ ରୋଗୀ ବ୍ରହ୍ମପୁର ବଡ଼ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ସମ୍ପର୍କୀୟ ଅଧିକ ଚିକିତ୍ସା ପାଇଁ ଶନିବାର ବିଳମ୍ବିତ ରାତିରେ ଏକ ସ୍କର୍ପିଓ ଯୋଗେ ଏମ୍‌କେସିଜିରୁ ଆନ୍ଧ୍ରର ବିଶାଖାପାଟଣା ଏମ୍ସ ମେଡିକାଲ ନେଉଥିଲେ। ହେଲେ ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲା ଟେକିଲି ନନ୍ଦିଗାଁ ନିକଟରେ ଦୁର୍ଘଟଣା ଘଟିଥିଲା। ଫଳରେ ପକ୍ଷାଘାତ ରୋଗୀଙ୍କ ଡାଲିଆଙ୍କ ସମେତ ତାଙ୍କ ଭାଉଜ ଚନ୍ଦମଣିଙ୍କ ପ୍ରାଣହାନୀ ଘଟିଥିଲା। ଅନ୍ୟ ୫ଜଣ ଗୁରୁତର ହୋଇଥିଲେ। ଗୁରୁତରଙ୍କ ଭିତରୁ ୪ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିବା ବେଳେ ଆଉ ଜଣକୁ ବିଶାଖାପାଟଣା ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ, ଡବ୍ଲୁ. ନୀଳାଦ୍ରି, ଡି. ରାମାରାଓ, ବି. ଚନ୍ଦ୍ରମଣି, ପି. ଏଙ୍କଟେସ ଏବଂ ଜଣେ ଶିଶୁ।

### ଦମ୍ପତିଙ୍କ ସମେତ...

ବରିଗୁଡ଼ା ଗ୍ରାମ ଛକ ନିକଟରେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଏକ ବାଇକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଉକ୍ତ ବାଇକ୍‌ରେ ଚିନ୍ତାଙ୍କ ସମେତ ୩ଜଣ କୁମୁଡୁପାଡୁ ଗ୍ରାମକୁ ଫେରୁଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ଚିନ୍ତା ଓ ଅନିତାଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାସହ ଅନିତାଙ୍କ ଦୁଇ ପୁଅଙ୍କ ସମେତ ସ୍ୱାମୀ ଆପ୍ପା ରାଓ ଏବଂ ଅନ୍ୟ ବାଇକ୍‌ରେ ଥିବା ୨ଜଣ ଗୁରୁତର ଆହତ ହୋଇଥିଲେ। ସୁଙ୍କି ଥାନା ପୁଲିସ ଗୁରୁତରମାନଙ୍କୁ ଉଦ୍ଧାର କରି ଦୁଇଜଣଙ୍କୁ ସହିଦ ଲକ୍ଷ୍ମଣ ନାୟକ କଲେଜ ଓ ହସ୍ପିଟାଲ ଏବଂ ଅନ୍ୟ ୩ଜଣଙ୍କୁ ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆପ୍ପା ରାଓଙ୍କ ମୃତ୍ୟୁ ଘଟିଛି।

### ଭାରତରେ ମିଳୁଛି...

ଏହି ର୍ୟାକେଟର କାମ କରିବାର ଶୈଳୀ ପୂରା ଭିନ୍ନ ହୋଇଥାଏ। ପ୍ରଥମେ ଗାଁରେ ୨୫ରୁ ୪୦ ବର୍ଷରୁ ଯୁବକଙ୍କୁ ଖୋଜାଯାଏ, ଯେଉଁମାନେ ପରିବାରଠାରୁ ଅଲଗା ରୁହନ୍ତି କିମ୍ବା ଆର୍ଥିକ ଅଭାବରେ ରହୁଛନ୍ତି। ସେମାନଙ୍କୁ ଭାରତରେ ହୋଟେଲରେ ଚାକିରି ଦେବା ବାହାନାରେ ବିମାନ ଯୋ।।ଗେ ଦିଲ୍ଲୀ, ହାଇଦରାବାଦ କିମ୍ବା ବେଙ୍ଗାଲୁରୁ ଅଣାଯାଏ। ଏହାପରେ କିଡନୀ ବାହାର କରିବାର ୬ ମାସ ପରେ ସେମାନଙ୍କୁ ପୁଣି ନେପାଳ ପଠାଇ ଦିଆଯାଏ। କାଠମାଣ୍ଡୁ କୋର୍ଟରେ ଦାଖଲ ହୋଇଥିବା ଚାର୍ଜସିଟ୍ ଅନୁଯାୟୀ, ଗିରଫ ହୋଇଥିବା ୫ ଜଣ ନେପାଳୀ ତସ୍କରଙ୍କ କିଡନୀ ମଧ୍ୟ ପୂର୍ବରୁ ବାହାର କରାଯାଇ ସାରିଛି। ଏହି ର୍ୟାକେଟରେ ଦିଲ୍ଲୀର କିଛି ହସ୍ପିଟାଲ ଓ କୋଲକାତାର ନାମୀଦାମୀ ମେଡିକାଲ ସଂସ୍ଥାର ନାମ ସାମ୍ନାକୁ ଆସିଛି। ଦିଲ୍ଲୀର ତିଳକ ନଗର ସ୍ଥିତ ଏକ ଲ୍ୟାବ୍‌ରେ ସମସ୍ତ ଟେଷ୍ଟ କରାଯାଉଥିଲା। ଏହି କିଡ଼ନୀ କାରବାରରେ ଗ୍ରାହକଙ୍କ ପାଇଁ ୩୫ରୁ ୪୦ ଲକ୍ଷ ଖର୍ଚ୍ଚ ହୋଇଥାଏ। କିଡନୀ ଦେଉଥିବା ବ୍ୟକ୍ତିଙ୍କୁ ୪ରୁ ୫ ଲକ୍ଷ ଟଙ୍କା ମିଳେ। ର୍ୟାକେଟ ପରିଚାଳକଙ୍କୁ ପାଇଁ ୨୫ ଟଙ୍କା ମିଳିଥାଏ। ସେହିପରି ସୀମାରୁ ଦିଲ୍ଲୀ ଆଣିବା ଖର୍ଚ୍ଚ ୧ରୁ ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ।

# ପୋଲ ତଳୁ ହୋମ୍‌ଗାର୍ଡଙ୍କ ସହ ୨ ଶବ ଉଦ୍ଧାର

ନନ୍ଦପୁର, ୮।୨(ସମିସ): ନନ୍ଦପୁର ଥାନା ଖିଲୁଆ ପେଟିଆବେଡ଼ା ବ୍ରିଜ୍ ତଳୁ ଜଣେ ହୋମ୍‌ଗାର୍ଡଙ୍କ ସମେତ ଦୁଇଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଦ୍ୱୟ ହେଲେ, ହୋମଗାର୍ଡ ଭଗବାନ ଖରା ଓ ହିକିମପୁଟ ପଞ୍ଚାୟତ ସଦର ଗ୍ରାମ ହିକିମପୁଟର ଉଗ୍ରସେନ ପାଙ୍ଗି। ପେଟିଆ ବେଡ଼ା ବ୍ରିଜ୍ ତଳୁ ଆଜି ସକାଳେ ଦୁହିଁଙ୍କ ଶବ ଜବତ ହୋଇଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଦୁହିଁଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଛି। ଦୁହିଁଙ୍କ ମୃତ୍ୟୁ ପଛରେ ଦୁର୍ଘଟଣା ନା ଅନ୍ୟ କୌଣସି କାରଣ ରହିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏଥିରେ ସ୍ପଷ୍ଟତା ଆସିବ ବୋଲି ପୁଲିସ କହିଛି।



ସୂଚନାନୁସାରେ, ହିକିମପୁଟର ଉଗ୍ରସେନ ପାଙ୍ଗି ଗତକାଲି ସଂଧ୍ୟାରେ ନିଜ ବାଇକ୍‌ରେ ଦାମନଯୋଡ଼ିରୁ ଘରକୁ ଫେରୁଥିଲେ। ତାଙ୍କ ସହ ନନ୍ଦପୁର ଥାନାରେ କାର୍ଯ୍ୟରତ ହୋମଗାର୍ଡ ଭଗବାନ ଖରା ଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମାନେ ଘରେ ନପହଞ୍ଚିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସକାଳ ହେବା କ୍ଷଣି ଦୁଇ ପରିବାରଲୋକ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ନନ୍ଦପୁର ଥାନାରେ ଏତଲା ଦେଇଥିଲେ। ଥାନାଧିକାରୀ ତ୍ରିନାଥ ତୋଟାପାଡ଼ିଆ ଏହାକୁ ଗୁରୁତ୍ୱର ସହ ନେଇ ଖୋଜାଖୋଜି ଆରମ୍ଭ କରିଥିଲେ। ନନ୍ଦପୁରଠାରୁ ହିକିମପୁଟ ପର୍ଯ୍ୟନ୍ତ ରହିଥିବା ସମସ୍ତ ନାଳ, ପୋଲ ସହ ବ୍ରିଜ୍ ତଳେ ଖୋଜାଖୋଜି କରିଥିଲେ। ପେଟିଆବେଡା ବ୍ରିଜ୍ ତଳେ କିଛି ଭାସୁଥିବା ଦେଖି ସନ୍ଦେହ ହେବାରୁ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପୋଲ ତଳୁ ପାଣି ଭିତରୁ ହୋମ୍‌ଗାର୍ଡ ଭଗବାନ ଓ ଉଗ୍ରସେନଙ୍କ ଶବ ଉଦ୍ଧାର କରିଥିଲେ। ଘଟଣାସ୍ଥଳରୁ ଉଗ୍ରସେନଙ୍କ ବାଇକ୍ ମଧ୍ୟ ଜବତ ହୋଇଥିଲା। ଖବର ପାଇ ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏହି ଘଟଣାକୁ ନେଇ ଏସଡିପିଓ ଶ୍ରୀ ମଲ୍ଲିକ ଦୁଃଖ ପ୍ରକାଶ କରିଛନ୍ତି। ଦୁଇ ମୃତକଙ୍କ ପରିବାରକୁ ରେଡକ୍ରସ୍ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଆଦିବାସୀ ସଂଘ ସଭାପତି ଭଗବାନ ପେଟିଆ ଓ ଉପସଭାପତି ଜୟରାମ ଭୋଇ ଦାବି କରିଛନ୍ତି। ତେବେ ଦୁର୍ଘଟଣା ଯୋଗୁଁ ଦୁହିଁଙ୍କ ମୃତ୍ୟୁ ଘଟିଛି ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି।

# ଜୁନାଗଡ଼ ଓ ଭବାନୀପାଟଣାର ଇଂରାଜୀ ବନାନ ସଂଶୋଧନ ଦାବି

ଭୁବନେଶ୍ୱର, ୮।୨(ସମିସ): ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ୍ ସଂଶୋଧନ କରିବାକୁ ରାଜ୍ୟ ସରକାର ଏକ ଡ୍ରାଫ୍ଟ ଲିଷ୍ଟ ପ୍ରସ୍ତୁତ କରିବା ପରେ ବିଭିନ୍ନ ସ୍ଥାନରେ ଇଂରାଜୀ ବନାନ ପରିବର୍ତ୍ତନ କରିବାକୁ ଦାବି ହେଉଛି। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନର ନାମ ପରିବର୍ତ୍ତନ କରିବାକୁ ଗବେଷକ ଡ଼. ଲୋକେଶ ଦୁର୍ଗା ସରକାରଙ୍କ ପାଖରେ ଦାବି କରିଛନ୍ତି। କଳାହାଣ୍ଡି ଜିଲ୍ଲାର ଜୁନାଗଡ଼, ଧର୍ମଗଡ଼ ଓ ଲାଞ୍ଜିଗଡ଼ର ଇଂରାଜୀ ବନାନ୍‌କୁ ପରିବର୍ତ୍ତନ କରି ଜିଏଆର୍‌ଏଚ୍ (ଗର୍) ବଦଳରେ ଜିଏଡି (ଗଡ଼) କରିବାକୁ ଦାବି କରିଛନ୍ତି। ସେହିପରି ଓଡ଼ିଆ ବନାନରେ ଭବାନୀପାଟଣା କୁହାଯାଉଥିଲେ ମଧ୍ୟ ଇଂରାଜୀ ବନାନରେ ଭବାନୀପାଟଣା ଲେଖାଯାଉଛି। ଇଂରାଜୀରେ ଜଇପାଟଣା ଲେଖା ଯାଉଥିବା ବେଳେ ତାକୁ ସଂଶୋଧନ କରି ଜୟପାଟଣା କରିବାକୁ ମଧ୍ୟ ସେ ଦାବି କରିଛନ୍ତି। ଇଂରାଜୀ ବନାନ ସଂଶୋଧନ ପ୍ରକ୍ରିୟାରେ ଏହି ସ୍ଥାନଗୁଡ଼ିକ ସାମିଲ କରିବା ପାଇଁ ଶ୍ରୀ ଦୁର୍ଗା ଦାବି କରିଛନ୍ତି।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, GANJAM**
**DISTRICT PROGRAMME MANAGEMENT UNIT**
Tender No. 1317 Date 30.01.2026
**TENDER CALL NOTICE**
10001/26/2526

Sealed Tenders are invited from the interested firms /agencies / Organization for supply of Non-Pneumatic Anti Shock Garment (NASG) to the office of under signed, last date for closing of bid is 19.02.2026 at 5.00PM. Detail term and conditions are available in the district website (https://ganjam.odisha.gov.in/)The bidding documents complete in all respect should reach the District Programme Management Unit, O/O- CDM&PHO, DHH, Ganjam on or before 19.02.2026 through Speed Post /Reg.Post/ courier and super scribed as "BID DOCUMENTS FOR TENDER CALL NOTICE NO._______.The bids will be opened on 20.02.2026 at 11 A.M. The Undersigned reserves the right to cancel or accept any Tender fully or partially without assigning any reason there-of.

OIPR-10001/10041/1/25-26/0001 **Chief District Medical & Public Health Officer, Ganjam**

**OFFICE OF THE DEPUTY DIRECTOR, NANDANKANAN ZOOLOGICAL PARK**
P.O.-BARANG, DIST-KHURDA, PIN-754005
PHONE NO- 9437022023
Email: deputydirector.kanan@gmail.com
Web: www.nandankanan.org
8001/22/2526
NANDANKANAN CONSERVE | EDUCATE | INSPIRE

**TENDER NOTICE**

Notice No. 07 /NKZP/2026-27 Date: 06.02.2026

The **Nandankanan Zoological Park Authority, Bhubaneswar** invites Tender in sealed cover from reputed distributor/ stockists / firms for Supply of Veterinary Medicine, drug, surgical equipments and other accessories for the period of one financial year, 2026-27 for use in Zoo Veterinary Hospital for treatment of Zoo animals. The detailed terms and conditions along with tender documents shall be available at the website: **www.nandankanan.org** from **09.02.2026** onwards. The last date of submission of bid is **20.02.2026 at 05.00 PM** and date of opening of Bid will be on **21.02.2026 at 11.00 AM.**

**Deputy Director**
**Nandankanan Zoological Park**
OIPR-8001/8070/1/25-26/0022

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, VanivriharChhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com., CIN: U40101OR1995SGC003963
OHPC
32001/41/2526

**NOTICE INVITING TENDER No.UIHEP-44/ 2025-26 DATED.03.02.2026**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from registered Contractors / Firms / Agencies / Manpower Service Provider meeting eligibility criteria only for execution of the following work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Engagement of 01 (One) No. of Ward Attendant & 02 (Two) Nos. of Hospital Attendant at UIP Hospital and 03 (Three) Nos. of Office Attendant at UIHEP, Mukhiguda for a period of 01 (One) year | 4,720/- (inclusive ofGST) | 11,800/- | From 09.02.2026 to 21.02.2026 up to 12:00Hrs. | 21.02.2026 (up to 13:00Hrs) | 21.02.2026 at 16:00 Hrs. |

For details of the tender documents, terms and conditions please visit our website www.ohpcltd.com

C&P Head
UIHEP, Mukhiguda
OIPR-32001/32136/1/25-26/0035

**INVITATION FOR BIDS (IFB)** 25001/44/2526
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI – 34 OF 2025-26**
(06752) 251276 Fax - (06752) 251276 E-mail – eerwsspuri@gmail.com

The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Construction of office building for RWSS Sub-Division, Puri in Puri District. |
|---|---|---|
| 1. | No. of works: | 01 (ONE) |
| 2. | Estimated Cost: | Rs **69.80** lakhs (app.) |
| 3. | Time for completion: | 9 (Nine) Months |
| 4. | Cost of bidding document: | Rs.10,000/- |
| 5. | Class of Contractors eligible: | **B & A** |
| 6. | Availability of bids on-line: | From 11.00 hour of **12.02.2026** to 17.00 hours of **26.02.2026** |
| 7. | Last date and time for seeking clarification: | 17.00 hours of **23.02.2026** |
| 8. | Date & time of opening of technical bids: | On dt **27.02.2026** at 11.30 Hours in the office of the Superintending Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | To be decided. |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the web site.

Sd/-
Superintending Engineer,
RWS&S Division, Puri
OIPR-25001/25017/1/25-26/0001

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯
ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨
ଇ-ମେଲ୍: cmrecovery_bbsr@mahabank.co.in

**ଦଖଲ ନୋଟିସ୍**
[ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ସହ-ଆବେଦନକାରୀ/ ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ବରଗଡ଼ ଶାଖା /** **ଋଣଗ୍ରହୀତା: ଶ୍ରୀମତୀ ସୁବନ୍ତୀ ମେହେର, ସ୍ୱାମୀ:** କାର୍ତ୍ତିକ ମେହେର, ଦେଉଳପଦର, ବ୍ରାହ୍ମଣୀ, ମେଣ୍ଡା, ସୁବର୍ଣ୍ଣପୁର, ଓଡ଼ିଶା, ପିନ୍-୭୬୭୦୧୬ | ନିର୍ମାଣ ହୋଇଥିବା / ନିର୍ମାଣ ହେବାକୁ ଥିବା ଗଣପତି ଭିଲ୍ଲା ଆପାର୍ଟମେଣ୍ଟ ବିଲ୍ଡିଂ ପ୍ରୋଜେକ୍ଟସ୍ୱସୋଆଇଟିର ବାସୋପଯୋଗୀ ଫ୍ଲାଟ/ଆପାର୍ଟମେଣ୍ଟ ନଂ.: ୧୦୯, ପରିମିତ କ୍ଷେତ୍ର: ୧୨୦୧ ବର୍ଗଫୁଟ (କାର୍ପେଟ) ଏବଂ ୧୪୧୩ ବର୍ଗଫୁଟ (ବିଲ୍ଟ ଅପ), ଏସ୍ ନଂ./ଜିଏଚି ନଂ./ସିଟିଏସ୍ ନଂ./ଫ୍ଲାଟ୍ ନଂ.: ୧୦୯, ବି ବ୍ଲକର ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୯, ପ୍ଲଟ ନଂ.: ୭, ସା: ବରଗଡ଼, ଜିଲ୍ଲା: ବରଗଡ଼ ଏବଂ ଏସ୍‌ଆରଓ: ବରଗଡ଼ ଏବଂ ଏହାର ଉପିପାର୍ଶ୍ୱରେ- ପୂର୍ବ: ଫ୍ଲାଟ୍ ନଂ. ୧୧୦, ପଶ୍ଚିମ: ରାସ୍ତା, ଉତ୍ତର: କରିଡ଼ର, ଦକ୍ଷିଣ: ଏନ୍‌ଏଚ୍-୬ ରାସ୍ତା ସହିତ ପରିମିତ କ୍ଷେତ୍ର: ଏକର୦.୦୬ଡିସିମିଲିରେ ନିର୍ମାଣ ହୋଇଥିବା / ହେବାକୁ ଥିବା ବିଲ୍ଡିଂ ଏବଂ ଷ୍ଟ୍ରକ୍‌ଚର୍ସ / ବାସୋପଯୋଗୀ ବ୍ଲକ୍ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍ସଚର୍ **(ସାଙ୍କେତିକ ଦଖଲ)।** | ୨୮.୧୧.୨୦୨୫ ସୁଦ୍ଧା ଟ.୧୪,୦୫,୧୩୧.୮୩ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୮.୧୧.୨୦୨୫ / ୦୫.୦୨.୨୦୨୬ |
| **ଝାରସୁଗୁଡ଼ା ଶାଖା /** ଋଣଗ୍ରହୀତା/ସହ-ଆବେଦନକାରୀ/ ଜାମିନ୍‌ଦାରମାନେ: ୧) ମେସର୍ସ ଅଫସାନା ଅହମ୍ମଦ, ଏହାକୁ ପ୍ରତିନିଧିତ୍ୱ କରୁଥିବା ସ୍ୱତ୍ୱାଧିକାରୀ: ଅଫସାନା ଅହମ୍ମଦ, ସ୍ୱାମୀ: ମହମ୍ମଦ ଇମତିଆଜ୍, ୨) ମହମ୍ମଦ ଇମତିଆଜ୍, ଉଭୟଙ୍କ ଠିକଣା- ସା: ମଙ୍ଗଳ ବଜାର, ସରୋଗୀ କଲୋନୀ, କୋଇଲା ଗୋଦାମ, ଝାରସୁଗୁଡ଼ା, ଓଡ଼ିଶା, ପିନ୍-୭୬୮୨୦୧ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ/ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନଂ. ୬, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ ଝାରସୁଗୁଡ଼ା, ସବ୍-ଡିଷ୍ଟ୍ରିକ୍ଟ ଝାରସୁଗୁଡ଼ା, ସିଟିଏସ୍/ସର୍ଭେ/ପ୍ଲଟ୍ ନଂ.: ୨୪୪୭, ଖାତା ନଂ.: ୯୨୯/୩୦୪୮, ପରିମିତ କ୍ଷେତ୍ର: ଏକର୦.୦୫୯ଡିସିମିଲି ଏବଂ ସମ୍ପତ୍ତିର ଉପିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୨୪୪୩, ପଶ୍ଚିମ: ପ୍ଲଟ୍ ନଂ. ୨୪୪୮, ଉତ୍ତର: ପ୍ଲଟ୍ ନଂ. ୨୩୮୩, ୩୧୮୬ ଏବଂ ୨୪୪୫, ଦକ୍ଷିଣ: ପ୍ଲଟ୍ ନଂ. ୨୪୪୭(ଅଂଶ) ସହିତ ସେଠାରେ ନିର୍ମାଣ ହୋଇଥିବା / ହେବାକୁ ଥିବା ବିଲ୍ଡିଂ ଏବଂ ଷ୍ଟ୍ରକ୍‌ଚର୍ସ / ବାସୋପଯୋଗୀ ବ୍ଲକ୍ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍ସଚର୍ **(ସାଙ୍କେତିକ ଦଖଲ)।** | ୨୪.୦୬.୨୦୨୫ ସୁଦ୍ଧା ଟ.୫୬,୪୩,୧୨୬.୭୭ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୪.୦୬.୨୦୨୫ / ୦୪.୦୨.୨୦୨୬ |
| **ଜଗତସିଂହପୁର ଶାଖା /** ଋଣଗ୍ରହୀତା/ସହ-ଆବେଦନକାରୀ/ ଜାମିନ୍‌ଦାରମାନେ: ୧) ଶ୍ରୀମତୀ ନିବେଦିତା ଭଟ୍ଟାଚାର୍ଯ୍ୟ, ସ୍ୱାମୀ: ଶ୍ରୀ ସାଧନ ଭଟ୍ଟାଚାର୍ଯ୍ୟ, ୨) ଶ୍ରୀ ସାଧନ ଭଟ୍ଟାଚାର୍ଯ୍ୟ, ପିତା: ବିଶ୍ୱନାଥ ଭଟ୍ଟାଚାର୍ଯ୍ୟ, ଉଭୟଙ୍କ ଠିକଣା- ସା: ଇମାମ ନଗର, ପୋ: ଜଗତପୁର, ଭୈରପୁର, ଥାନା: ଜଗତପୁର, କଟକ, ଓଡ଼ିଶା, ପିନ୍-୭୫୪୨୦୦, ୩) ମେସର୍ସ ମାତୃକୃପା ଇଞ୍ଜିନିୟରିଂ, ଏହାକୁ ପ୍ରତିନିଧିତ୍ୱ କରୁଥିବା ସ୍ୱତ୍ୱାଧିକାରୀ: ଶ୍ରୀମତୀ ନିବେଦିତା ଭଟ୍ଟାଚାର୍ଯ୍ୟ, ସା: ଦୁର୍ଗା ମଣ୍ଡପ ନିକଟ, ଜଗତପୁର ଗୋଲେଇ ଛକ, ଜଗତପୁର, କଟକ-୭୫୪୦୨୧ | ଶ୍ରୀମତୀ ନିବେଦିତା ଭଟ୍ଟାଚାର୍ଯ୍ୟଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ/ମୌଜା: ଇମାମ ନଗର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: କଟକ, ସବ୍-ଡିଷ୍ଟ୍ରିକ୍ଟ: ସାଲେପୁର, ପରିମିତ କ୍ଷେତ୍ର: ୧୦୦୦ ବର୍ଗଫୁଟ ଏବଂ ସିଟିଏସ୍/ସର୍ଭେ ନଂ./ଖାତା ନଂ.: ୪୦୩/୮୬୩, ପ୍ଲଟ୍ ନଂ.: ୧୪/୧୫୦୮, କିସମ: ଘରବାରି, ସମ୍ପତ୍ତିର ଉପିପାର୍ଶ୍ୱରେ- ପୂର୍ବ: ଶ୍ରୀ ଅମ୍ଳାନ ସାମଲଙ୍କ ଜମି, ପଶ୍ଚିମ: ମନୋରଞ୍ଜନ ବେହେରାଙ୍କ ଜମି, ଉତ୍ତର: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଦକ୍ଷିଣ: ରାସ୍ତା ସହିତ ପରିମିତ ୧୦୦୦ ବର୍ଗଫୁଟରେ ନିର୍ମାଣ ହୋଇଥିବା / ହେବାକୁ ଥିବା ବିଲ୍ଡିଂ ଏବଂ ଷ୍ଟ୍ରକ୍‌ଚର୍ସ / ବାସୋପଯୋଗୀ ବ୍ଲକ୍ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍ସଚର୍ **(ସାଙ୍କେତିକ ଦଖଲ)।** | ୨୯.୧୦.୨୦୨୫ ସୁଦ୍ଧା ଟ.୩୭,୬୭,୩୧୦.୭୦ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୯.୧୦.୨୦୨୫ / ୦୩.୦୨.୨୦୨୬ |
| **ସମ୍ବଲପୁର ଶାଖା /** ଋଣଗ୍ରହୀତା/ସହ-ଆବେଦନକାରୀ/ ଜାମିନ୍‌ଦାରମାନେ: ୧) ଶ୍ରୀ ମନୋଜ କୁମାର ଛନ୍ଦ, ପିତା: ଶ୍ରୀ ଅଯୋଧ୍ୟା ଛନ୍ଦ, ୨) ଶ୍ରୀ ଅଯୋଧ୍ୟା ଛନ୍ଦ, ପିତା: ୰ ପରମେଶ୍ୱର ଛନ୍ଦ, ୩) ଶ୍ରୀ ସରୋଜ ଛନ୍ଦ, ପିତା: ଶ୍ରୀ ଅଯୋଧ୍ୟା ଛନ୍ଦ, ୪) ଶ୍ରୀମତୀ ଶକୁନ୍ତଳା ଛନ୍ଦ, ସମସ୍ତଙ୍କ ଠିକଣା- ସା/ପୋ: ବଦୁଆପାଲି, ଥାନା: ଧମା, ଧମା ରୋଡ୍, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୧୧୭, ୫) ଶ୍ରୀମତୀ ରୁକୁଣୀ ଖେତି, ପିତା: ଶ୍ରୀ ଅଯୋଧ୍ୟା ଛନ୍ଦ, ସା: ପୁତାପଡା, ପୋ: ସାଲେସିଂହ, ଧମା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୧୧୭ | ଜମି ଏବଂ ସେଠାରେ ନିର୍ମିତ ଗୃହର ସମସ୍ତ ଅଂଶବିଶେଷ ଯାହାର ସମୁଦାୟ ପରିମିତ କ୍ଷେତ୍ର: ଏକର୧୨.୫୦ ଡିସିମିଲି, ଖାତା ନଂ. ୫, ଯାହାକି ବିଭିନ୍ନ କିସମର ଛଅଟି ପ୍ଲଟ୍‌କୁ ନେଇ ଗଠିତ, ପ୍ଲଟ୍ ନଂ.: ୨୭୭, କ୍ଷେତ୍ର: ଏକର୦.୧୪୦ ଡିସିମିଲି, ପ୍ଲଟ୍ ନଂ.: ୨୭୯, କ୍ଷେତ୍ର: ଏକର୦.୫୧୦ ଡିସିମିଲି, ପ୍ଲଟ୍ ନଂ.: ୧୩୩୧, କ୍ଷେତ୍ର: ଏକର୧୦.୫୪୦ ଡିସିମିଲି, ଯାହାର କିସମ କୃଷି, ପ୍ଲଟ୍ ନଂ.: ୧୩୨୯, କ୍ଷେତ୍ର: ଏକର୦.୧୧୦ ଡିସିମିଲି, ଯାହାର କିସମ ପଥର ଟଟାଣ, ଅଣ ଚକ ପ୍ଲଟ୍ ନଂ.: ୨୭୮, କ୍ଷେତ୍ର: ଏକର୧.୧୭୦ ଡିସିମିଲି, ଯାହାର କିସମ ଘରବାରି ଏବଂ ପ୍ଲଟ୍ ନଂ.: ୪୬୬, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଯାହାର କିସମ ଘର, ମୌଜା: ବଦୁଆପାଲି, ନଂ. ୧୬, ତହସିଲ: ମାନେଶ୍ୱର, ନଂ. ୩୦୬, ଜିଲ୍ଲା: ସମ୍ବଲପୁର, ଓଡ଼ିଶା ସହିତ ସେଠାରେ ନିର୍ମାଣ ହୋଇଥିବା / ହେବାକୁ ଥିବା ବିଲ୍ଡିଂ ଏବଂ ଷ୍ଟ୍ରକ୍‌ଚର୍ସ / ବାସୋପଯୋଗୀ ବ୍ଲକ୍ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍ସଚର୍ **(ସାଙ୍କେତିକ ଦଖଲ)।** | ୦୬.୧୦.୨୦୨୫ ସୁଦ୍ଧା ଟ.୩୦,୫୮,୪୭୨.୨୬ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୬.୧୦.୨୦୨୫ / ୦୫.୦୨.୨୦୨୬ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୭.୦୨.୨୦୨୬
 କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## ଟେଣ୍ଡର ହେଉନି

# ସଲାସୁତୁରାରେ ଚାଲିଛି ଗୁଣୁପୁର ପୌର ପରିମଳ ବ୍ୟବସ୍ଥା



### ଉପଜିଲ୍ଲାପାଳଙ୍କୁ ଭାଜପାର ଦାବିପତ୍ର

ଗୁଣୁପୁର, ୮।୨( ସମିସ): ପୌରପରିଷଦ ଉପାଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ଙ୍କ ମିଳିତ ସହଯୋଗରେ ଦୁର୍ନୀତି ଚାଲିଥିବା ଅଭିଯୋଗ ହୋଇଛି। ଖଜି ଭାଜପା ରାଷ୍ଟ୍ରୀୟ ସଦସ୍ୟ ୱାଇ ଗଣପତି ଓ କର୍ମୀ ମାନେ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପଙ୍କୁ ଦୃଷ୍ଟି ଆକର୍ଷଣ କରିବା ସହ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପୌର ପରିଷଦରେ ବିସ୍ତାରିତ ବ୍ୟାପକ ଅନିୟମିତତା ଏବଂ ବ୍ୟାପକ ଦୁର୍ନୀତି ପ୍ରତି ଧ୍ୟାନ ଆକର୍ଷଣ କରିବା ପାଇଁ ନିବେଦନ କରିଥିଲେ। ଉପାଧ୍ୟକ୍ଷ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ଙ୍କ ପତ୍ୟେକ୍ଷ ମିଳିତରେ ପ୍ରତିଷ୍ଠିତ ସରକାରୀ ପ୍ରକ୍ରିୟାକୁ ଉଲ୍ଲଂଘନ କରି ଅନେକ କାର୍ଯ୍ୟକଳାପ ଚାଲିଛି। ୨୦୧୧ ମସିହାରୁ ଗୁଣୁପୁର ସହରର ଜନସଂଖ୍ୟା ପ୍ରାୟ ୪,୦୦୦ ବୃଦ୍ଧି ପାଇଥିବାବେଳେ ପରିମଳ ବଜେଟ୍‌କୁ କୌଣସି ଯୁକ୍ତିଯୁକ୍ତ ଯଥାର୍ଥତା ବିନା ଅନୁପଯୁକ୍ତ ଭାବରେ ବୃଦ୍ଧି କରାଯାଇଛି। ୨୦୧୮ ମସିହାରେ ୫୫ ଲକ୍ଷ (ପାଖାପାଖି) ବୃଦ୍ଧି କରାଯାଇଛି। ୨୦୨୧ ମସିହାରେ ଅର୍ଥ ବୃଦ୍ଧି ପାଇ ୯୫ ଲକ୍ଷ, ୨୦୨୩ ମସିହାରେ ୧.୬୦ କୋଟି, ୨୦୨୪ ମସିହାରେ ୨.୩୫ କୋଟି ପାଖାପାଖି ଅର୍ଥ ବୃଦ୍ଧି ପାଇଛି। ଦୁଇ ବର୍ଷ ଧରି କୌଣସି ଟେଣ୍ଡର ନିମନ୍ତ୍ରଣ କରାଯାଇ ନାହିଁ। ଯେହେତୁ ଉପାଧ୍ୟକ୍ଷ ନିଜେ ସବ୍-ଲିଜ୍ (ଅଣ-ଆନୁଷ୍ଠାନିକ) ଆକାରରେ ପରିମଳ ପରିଚାଳନା କରୁଛନ୍ତି। ସେ ବର୍ଷକୁ ବର୍ଷ ଖର୍ଚ୍ଚ ବି କରୁଛନ୍ତି। ଚୁକ୍ତି ସ୍ୱାକ୍ଷର କରିଥିବା କଣ୍ଟ୍ରାକ୍ଟର ଗୁଣୁପୁରରେ ରୁହନ୍ତି ନାହିଁ । ଉପାଧ୍ୟକ୍ଷ ନିଜେ ଧମକ ଦେଇ ପରିମଳ ଚୁକ୍ତିନାମା ଗ୍ରହଣ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହାୟତାରେ ବହୁ ପରିମାଣରେ ଟଙ୍କା ଲୁଟ୍ ହୋଇଛି। ସେହିଭଳି, ଦୈନିକ ବଜାର ଏବଂ ପାର୍କିଂ ଟ୍ୟାକ୍ସ ସଂଗ୍ରହ ଟେଣ୍ଡର ୨୦୨୨ ପରଠାରୁ ଅନୁଷ୍ଠିତ ହୋଇନାହିଁ। ସଂଗୃହୀତ ଅର୍ଥର ୫୦ ପ୍ରତିଶତ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଏହ ଅର୍ଥ ପୌର ପରିଷଦରେ ସଲାସୁତୁରା ଭିତରେ ଚାଲୁଥିବା ଅଭିଯୋଗ ହୋଇଛି। ନିର୍ବାହି ଅଧିକାରୀ ଏବଂ ଉପାଧ୍ୟକ୍ଷ ବେଆଇନ ଭାବେ ଟଙ୍କା ସଂଗ୍ରହ କରୁଛନ୍ତି। ସରକାରୀ କାର୍ଯ୍ୟ ପାଇଁ କେବଳ ଅଳ୍ପ ଅଂଶ ଜମା କରୁଛନ୍ତି ଏବଂ ଅବଶିଷ୍ଟ ଅର୍ଥକୁ ବ୍ୟକ୍ତିଗତ ଲାଭ ପାଇଁ ଅପବ୍ୟବହାର କରୁଛନ୍ତି। ଯଦିଓ ମୁକ୍ତା ଯୋଜନା ଅଧୀନରେ ପୋଖରୀ ସୌନ୍ଦର୍ଯ୍ୟକରଣ ଏବଂ ପୁନରୁଦ୍ଧାର ନାମରେ ତିନି କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି, ତେବେ ପ୍ରକଳ୍ପଗୁଡ଼ିକ ଶେଷ ହୋଇନାହିଁ। ଏହା ସର୍ବସାଧାରଣ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହୃତ ହେଉନାହିଁ । ବାସ୍ତବରେ ସେଠାରେ କୌଣସି ସୂଚନା ବୋର୍ଡ ମଧ୍ୟ ସ୍ଥାପିତ ହୋଇନଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯିବା ପାଇଁ ଦାବି ଉଠାଇଛନ୍ତି ଭାଜପା ରାଷ୍ଟ୍ରୀୟ ସଦସ୍ୟ ଓ କର୍ମୀ। ଅତିଶୀଘ୍ର ଜିଲ୍ଲାପାଳଙ୍କ ନଜରକୁ ନେଇ ବିହିତ ପଦକ୍ଷେପ ନେବେ ବୋଲି ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ୍ ପ୍ରତିଶ୍ରୁତି ଦେଇଛନ୍ତି।

# ସାହିତ୍ୟ ଏକାଡେମୀର ସାରସ୍ୱତ ସମାବେଶ

ଗୁଣପୁର,୮।୨(ସମିସ): ସ୍ଥାନୀୟ ନିମନ୍ତ୍ରଣ କଲ୍ୟାଣ ମଣ୍ଡପ ପରିସରରେ ଓଡିଶା ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଥିଲା। ପଞ୍ଚବଟୀର ସମ୍ପାଦକ ତଥା ସାହିତ୍ୟ ଏକାଡେମୀର ସଦସ୍ୟ ସୁଶାନ୍ତ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଏକାଡମୀର ବରିଷ୍ଠ ସଦସ୍ୟ ଡ. ବିଜୟାନନ୍ଦ ସିଂ ଯୋଗ ଦେଇଥିଲେ। ଏକାଡେମୀର ସହ ସଚିବ ସଞ୍ଜୟ ଛୁଆଳସିଂ, ଶିଶୁ ସାହିତ୍ୟିକ ଡଃ ଦୁଷ୍ମନ୍ତ କୁମାର ମହାନ୍ତି, ରାମନାଗୁଡାର ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୁଣପୁର ନବ ନିର୍ମାଣ ର ସଭାପତି ଅକ୍ଷୟ ଦାଶ, ଗୁଣପୁର ର ଭାରପ୍ରାପ୍ତ ତହସିଲଦାର ଗୟା ଡମ୍ବରୁ ଧର ବେହେରା, ଇଂ. ବିଜୟାନନ୍ଦ ସିଂହ ପ୍ରମୁଖ ମଞ୍ଚାସୀନ ରହି ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଗୁଣପୁର ଠାରେ ଆଜି ଅନୁଷ୍ଠିତ ଓଡିଶା ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶରେ ଅତିଥି ମାନେ ଏଭଳି ମତ ରଖିଥିଲେ। ଏହି ଅବସରରେ ଲେଖକ ବିଜୟ କୁମାର ପାଢିଙ୍କ ଦ୍ୱାରା ଲିଖିତ ଅଗ୍ନୀ ପରୀକ୍ଷା ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ଉଦ୍‌ଘାଟନୀ ଅଧିବେଶନରେ ବଂଶଧାରା ସାହିତ୍ୟ ସମାଜର ସଭାପତି ପ୍ରଭାତ ଶତପଥି ସ୍ୱାଗତ ଭାଷଣ ଦେଇଥିବା ବେଳେ ସବିତା ସ୍ମୃତି ସମ୍ମାନରେ ସାହିତ୍ୟିକା ଗାୟତ୍ରୀ ମିଶ୍ର, ରମେଶ ମିଶ୍ର, ଅଶ୍ୱିନୀ ତ୍ରିପାଠୀ ଓ କୈଳାସ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବେବୀରାଣୀ ନନ୍ଦଙ୍କ ସଂଯୋଜନାରେ ଓଡିଶା ଭାଷା ଓ ସାହିତ୍ୟ କ୍ଷେତ୍ରରେ ଜନଜାତି ର ଭୂମିକା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏଥିରେ ସାହିତ୍ୟକ ଓ ଅନୁବାଦକ ଆଶୁତୋଷ ପାତ୍ର, ରାମନାଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୃଜନ ମଲ୍ଲିକ, ଜନଜାତି ଗବେଶକ ଗୌରାଙ୍ଗ ଚରଣ ରାଉତ, ଅଧ୍ୟାପାକ ଶୁରେଶ କୁମାର ମାଝି, ସାହିତ୍ୟକ ନିରଞ୍ଜନ ନାୟକ, ସିମାଞ୍ଚଳ କର ଓ ସାହିତ୍ୟକା ଡଃ ଇନ୍ଦିରା ଅଧିକାରୀ, ବଂଶଧାରା ସାହିତ୍ୟ ସମାଜ ର ସମ୍ପାଦକ ରମେଶ ମିଶ୍ର, ଉପ ସଭାପତି ଉମା ଶଙ୍କର ଦାଶ ପ୍ରମୁଖ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ତୃତୀୟ ଅଧିବେଶନରେ ପ୍ରତାପ କୁମାର ରାୟ, ଶେଷସାୟୀ ଶେନାପତି, ଅକ୍ଷୟ କୁମାର ମଲ୍ଲିକ, ଦେବେନ୍ଦ୍ର ବାଉରୀ, ଅଶ୍ୱିନୀ ତ୍ରିପାଠୀ, ଶ୍ରୀଧର ପଟ୍ଟନାୟକ, ରୂପେଶ ସାହୁ, ପ୍ରଫୁଲ ଚନ୍ଦ୍ର ପାଢି ଓ ଦୁର୍ଗା ଶତପଥି ପ୍ରମୁଖ ତୃତୀୟ ଅଧିବେଶନ ରେ ମଞ୍ଚାସିନ ରହିଥିଲେ ଏବଂ ଶିକ୍ଷକ ରାମ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମର ତୃତୀୟ ଅଧିବେଶନରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ।

# ଅମ୍ବାଦଳାରେ କ୍ଲଷ୍ଟରସ୍ତରୀୟ ବାର୍ଷିକ କ୍ରୀଡ଼ା



ଅମ୍ବାଦଳା,୮ ।୨(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଠାରେ କ୍ଲଷ୍ଟର ସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୧୪ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଦୁଇ ଶହରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅମ୍ବାଦଳା କ୍ଲଷ୍ଟର ସିଆରସିସି ପବିତ୍ର ଲିମାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁନିଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର ଯୋଗଦେଇ ଛାତ୍ରଛାତ୍ରୀ ମାନେ ଶିକ୍ଷା ଓ କ୍ରୀଡ଼ା କିପରି ମଣିଷ ଜୀବନଶୈଳୀର ବିକାଶ ପାଇଁ ଆବଶ୍ୟକ ତାହା ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁନିଗୁଡ଼ା କ୍ଲଷ୍ଟର ସିଆରସିସି ବାଲାଜୀ ପଟ୍ଟନାୟକ, ଭୈରବ ଗଡ କ୍ଲଷ୍ଟର ସିଆରସିସି କମଲେସ ଶବର, ଦୁରୁକୁଲିମା କ୍ଲଷ୍ଟର ସିଆରସିସି ସୁବାସ ନାୟକ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କ୍ରୀଡା କାର୍ଯ୍ୟକ୍ରମକୁ ଘମଟଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ ଶିକ୍ଷକ ବିଶ୍ୱଜିତ ନାୟକ ପରିଚାଳନା କରିଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁନିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଶବରଙ୍କ ସମେତ ମଞ୍ଚାସୀନ ଅତିଥି ମାନେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆୟୋଜକ ସିଆରସିସି ପବିତ୍ର ଲୀମାଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ମନୋଜ ନାୟକ, ପ୍ରମୋଦ ନାୟକ, ପ୍ରଦୀପ ମିଶ୍ର, ରୀନା ରାଣୀ କୈବର୍ତ୍ତ, ରାଜ କିଶୋର ଚୌଧୁରୀ, ସମସ୍ତଙ୍କ ଭରପୁର ସହଯୋଗ ପାଇଁ ସମ୍ଭବ ହୋଇଥିବା ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ଲିମା ପ୍ରକାଶ କରିଥିଲେ। ଏହି କ୍ରୀଡ଼ା ଉତ୍ସବକୁ ଘମଟଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ପଲକିଆ ନାୟକ ଓ ଅମ୍ବାଦଳା ସେବାଶ୍ରମର ବରିଷ୍ଠ ଶିକ୍ଷକ ଏମ୍ ମୁରଲି କ୍ରିଷ୍ଣା ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସିସି ପବିତ୍ର ଲିମା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୂର୍ଣଚନ୍ଦ୍ର ଗୌଡ଼ଙ୍କୁ ବିଜେଡି ଜିଲ୍ଲା ଉପ ସଭାପତି ଦାୟିତ୍ୱ



ମୁନିଗୁଡ଼ା,୮ ।୨(ସମିସ): ବିଜୁ ଜନତା ଦଳର ସୁପ୍ରିମ ତଥା ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାୟଗଡା ଜିଲ୍ଲାରେ ଦଳକୁ ସୁଦୃଢ଼ କରିବା ପାଇଁ ନୂତନ ଭାବେ ଜିଲ୍ଲା କମିଟି ଗଠନ କରାଯାଇଛି। ଏହି ଅବସରରେ ମୁନିଗୁଡା ବ୍ଲକର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ପୂର୍ଣଚନ୍ଦ୍ର ଗୌଡ଼ଙ୍କୁ ନୂତନ ଭାବେ ଜିଲ୍ଲାର ଉପ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଶ୍ରୀ ଗୌଡ଼ ବିଜୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୮୯ ମସିହା ଠାରୁ ଜନତା ଦଳରେ ସାମିଲ ହୋଇ ୨୦୦୨ ଠାରୁ ୨୦୦୪ ପର୍ଯ୍ୟନ୍ତ ଯୁବ ବିଜୁ ଜନତା ଦଳରେ ସମ୍ପାଦକ ଭାବରେ ନିଜ କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ୨୦୨୦ ଠାରୁ ୨୦୨୫ ପର୍ଯ୍ୟନ୍ତ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ନିଜ ଦକ୍ଷ ରାଜନୀତୀର ୮ଟି ବିଧାନସଭା ଓ ୧୦ଟି ଲୋକସଭା ନିର୍ବାଚନରେ ନିଜ ଦଳ ପାଇଁ ଗୋଟି ଚାଳନା କରି ଦଳକୁ ସଫଳ କରାଇ ଥିବା ବେଳେ ଶ୍ରୀ ଗୌଡ଼ ମୁନିଗୁଡା ଅଞ୍ଚଳରେ ବିଜୁ ଜନତା ଦଳର ଚାଣକ୍ୟ ଭାବେ ସେ ପରିଚିତ।

# ଏସ୍ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଚନ୍ଦ୍ରପୁର,୮।୨(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ଥିବା ଏସ୍ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଭୟ ରାମ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବାକା, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟକାନ୍ତ ବୋଙ୍ଗାଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର, ଥାନା ଭାରପ୍ରାପ୍ତ ଅଧିକାରୀ ଲଳିତ ମୋହନ ସାଗର, ଓଏଭିର ଅଧ୍ୟକ୍ଷ କାଳିନ୍ଦୀ ଚରଣ ରାଉତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାଶଙ୍କର ମିଶାଲ, ସରପଞ୍ଚ ରଞ୍ଜିତା ବ୍ରେକବେଡ଼ା, ଫକୀର ମୋହନ ଗୁମୀଟାଙ୍ଗା ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅଧ୍ୟକ୍ଷତା କରିବା ସହ ମଞ୍ଚ ପରିଚାଳନା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ବିଜେତାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରଯାଇଥିଲା। ପରେ ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଲତା ପଲକିଆ ଓ କର୍ମଚାରୀ ସହଯୋଗ କରିଥିଲେ।

## ଲେଡିଜ୍ ୱାକର୍ସ କ୍ଲବ୍‌ର ଜଣ୍ଡିସ ରୋଗ ସଚେତନତା କାର୍ଯ୍ୟକ୍ରମ



ରାୟଗଡ଼ା,୮।୨(ସମିସ): ଲେଡିଜ୍ ୱାକର୍ସ କ୍ଲବ୍, ରାୟଗଡ଼ା ପକ୍ଷରୁ ଅନ୍ତରିଗୁଡ଼ା ଗ୍ରାମରେ ଏକ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ବୃଦ୍ଧ ବୟସ୍କ ଲୋକଙ୍କୁ ଫଳ, ବିସ୍କୁଟ, ରୁଟି ଏବଂ ସ୍ୱାସ୍ଥ୍ୟ ପାନୀୟ ବଣ୍ଟନ କରିଥିଲେ ଏବଂ ଜଣ୍ଡିସ୍ ବିଷୟରେ ସଚେତନତା ମଧ୍ୟ କରିଥିଲେ। ଆମର ମୁଖ୍ୟ ଅତିଥିମାନେ ଡାଇଜି ନିର୍ବାଚିତ ପ୍ରତାପ ଚନ୍ଦ୍ର ବାଉରୀ, ଡାଇଜି ଅଭିମନ୍ୟୁ ନାୟକ ଏବଂ ଟି. ଜୟରାମ ମୁଖ୍ୟ ସଂଯୋଜକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ଏହାକୁ ସଫଳ କରିଥିଲେ। ଡାଇଜି ଶ୍ରମିତା ପାଢୀ, ସଭାପତି, ଡାଇଜି ଅଞ୍ଜଳି ପଣ୍ଡା ସାଧାରଣ ସମ୍ପାଦକ, ଡାଇଜି ସୁଜାତା ପାଢୀ କୋଷାଧ୍ୟକ୍ଷ, ଡାଇଜି ଅଞ୍ଜଳି ସତପଥୀ ଏବଂ ଡାଇଜି ରୀନା ଲେଙ୍କା,ଉପ-ସଭାପତି, ଯୁଗ୍ମ ସମ୍ପାଦକ,ଡାଇଜି ବିଜୟ ଆଚାର୍ଯ୍ୟ, ପରାମର୍ଶଦାତା ଡାଇଜି ସୁଜାତା ପାଳ ଏବଂ ଡାଇଜି ଶୋଭା ରାଣୀ, ଜଲି ୱାକର ଡାଇଜି ଜେ. ମିତା ରାଣୀ ବୋର୍ଡ ସଦସ୍ୟ ଡାଇଜି ରଜିତା କୋରୋଡା, ଡାଇଜି କସ୍ତୁରୀ ମହାନ୍ତି, ଡାଇଜି ଲକ୍ଷ୍ମୀଙ୍କ ସମେତ ୨୦ ରୁ ଅଧିକ ଡାଇଜି ସଦସ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ଏହାକୁ ସଫଳ କରିଥିଲେ। ସମଗ୍ର କାର୍ଯ୍ୟକ୍ରମଟି ସୁରୁଖୁରୁରେ ପରିଚାଳିତ ହୋଇଥିଲା।

## ଲଣ୍ଡାସିଂ ଲକ୍ଷ୍ମୀପୁର ପ୍ରାଥମିକ ସେବାଶ୍ରମ ବାର୍ଷିକ ଉତ୍ସବ

ଗୁଡାର, ୮।୨ (ସମିସ): ଗୁଡାରୀ ବ୍ଲକ୍ ପ୍ରାଥମିକ ସେବାଶ୍ରମ, ଲଣ୍ଡାସିଂ ଲକ୍ଷ୍ମୀପୁର ବାର୍ଷିକ ଉତ୍ସବ ୨୦୨୫-୨୬ ରବିବାର ଦିନ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ ଚୈଧୁରୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ଏଥିରେ ମୁଖ୍ୟ ଅତିଥି ଗୁଡାରୀ ବ୍ଲକ୍ ଭାରପ୍ରାପ୍ତ ଅଧ୍ୟକ୍ଷା ବିଶ୍ୱନାଥ ଶବର, ଏଲଏଲପୁର, ଅବସରପ୍ରାପ୍ତ ଶିକ୍ଷକ ଅଶ୍ୱିନି ଖାଡଙ୍ଗା, ତ୍ରିନାଥ ମିଶ୍ର ଫୁଟା ସିଂ ବାଳକ ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ, ମୋନଜ କୁମାର ପାଢି, ବୃନ୍ଦାବନ ଚନ୍ଦ୍ର ସାହୁ ଏଲଏସଡିଏ ସ୍ୱାତନ୍ତ୍ର ଅଧିକାରୀ ପ୍ରଦୀପ କୁମାର ଦଳେଇ,ସିଆରସି ଅବନିକାନ୍ତ ହରିଚନ୍ଦନ, ସାବହୁମା ସରପଞ୍ଚ ସୂର୍ଯ୍ୟମଣି ଶବର, ବିଦ୍ୟାଳୟ ସଭାପତି ମହେନ୍ଦ୍ର ଶବର, ମଞ୍ଚରେ ଉପସ୍ଥିତ ଥିଲେ। ମଞ୍ଚରେ ଘୋଷଣା ମେଳା ସୁରଭି ମେଧା ବୃତ୍ତି ପରୀକ୍ଷା ଏବଂ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନଶିକ୍ଷକ ଶ୍ରୀ ଚୈଧୁରୀ ପୁରସ୍କାର ପ୍ରଦାନ କରିଥିଲେ। ଏହା ବ୍ୟତିତ ଗୁଡାରୀ ବ୍ଲକ୍ ସାମ୍ବାଦିକ ତଥା କର୍ଲା ଘାଟି ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ଏମ୍‌କେ ରାଇ ପ୍ରଧାନ ଶିକ୍ଷକ ନିଳାଞ୍ଚଳ ମିଶ୍ର, ବଡ ହୁମାର ଶିକ୍ଷକ ପ୍ରତାପ ଚନ୍ଦ୍ରଗୁରୁ ଅତିଥି ମାନଙ୍କ ଦ୍ୱାରା ଉପଢୌକନ ଓ ଫୁଲ ତୋଡ଼ା ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମଞ୍ଚ ପରିଚାଳନା କରିଥିଲେ ସନ୍ତୋଷ କର। ଅପରାହ୍ନ ୨ଟା ପରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।



## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାଲକାନଗିରି, ୮ ।୨(ସମିସ): ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ମାଲକାନଗିରିର ବାର୍ଷିକ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ଡ. କୈଳାଶ ମୀନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଓ ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ସୋମେଶ ଉପାଧ୍ୟାୟ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା ସମତିର ସଦସ୍ୟ ତଥା ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଟି ପି ଏସ ଓ ଡି ଏଲର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ଜେନା, ମାଲକାନଗିରି ମହିଳା ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା, ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡ଼. ରଞ୍ଜନ କୁମାର ସ୍ୱାଇଁ, ମାଣିକ ଲାଲ ଚକ୍ରବର୍ତ୍ତୀ, କ୍ରିଷ୍ଟା ମିର୍ଦ୍ଧା ଏବଂ ଲିଲି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟ ମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଛାତ୍ରଛାତ୍ରୀ ତଥା ଶିକ୍ଷକଙ୍କ ବିଭିନ୍ନ ଉପଲବ୍‌ଧି ବିଷୟରେ ଅଭିଭାବକ ମାନଙ୍କୁ ଅବଗତ କରାଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ର ବିଦ୍ୟାଞ୍ଜଳି ଯୋଜନା ରେ ଅଭିଭାବକଙ୍କ ଦ୍ୱାରା ବିଦ୍ୟାଳୟର ଉନ୍ନତି ପାଇଁ ବିଭିନ୍ନ ଅବଦାନ ପାଇଁ ଡ଼ ମୀନା କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ନିଜ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଙ୍କ ଦ୍ୱାରା ଡ୍ରୋନ ଚାଳନା ପ୍ରଦର୍ଶନର ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ବୋର୍ଡ ପରୀକ୍ଷା ସର୍ବାଧିକ ଅଙ୍କ ରଖିଥିବା ଛାତ୍ରଛାତ୍ରୀ ତଥା ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଭି.ଅଶୋକ କୁମାର, ଅମିତ ଦାସ, ଆଦିତ୍ୟ ରାୟ, ମୋହନ ଲାଲ, ଲିଟୁ ନାୟକ ଏବଂ ଅନ୍ୟ ମାନେ ଏଥିରେ ସହଯୋଗ କରିଥିବା ବେଳେ କୁମାରୀ ସୃଷ୍ଟି ମଞ୍ଚ ପରିଚାଳନା କରିଥିଲେ।



## କ୍ଷତ୍ରୀୟ ସମାଜର ବନ୍ଧୁମିଳନ



ଗୁଣୁପୁର,୮।୨(ସମିସ): ସ୍ଥାନୀୟ ପୁରୁଣା ଗୁଣୁପୁର ବିଦ୍ୟାନିକେତନ ନିକଟସ୍ଥ ଏକ ଆମ୍ବତୋଟାରେ କ୍ଷତ୍ରୀୟ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ହୋମଯଜ୍ଞ ପରେ କ୍ଷେତ୍ରୀୟ ଧ୍ୱଜା ସ୍ଥାପନ ପରେ କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତିହାସଲ ହୋଇଥିବା ପିଲାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କ୍ଷେତ୍ରୀୟ ସମାଜର ସମ୍ପାଦକ ଶିବଶଙ୍କର ଦଣ୍ଡସେନା ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଭାଗିରଥି ବିଶୋୟୀ କ୍ଷତ୍ରୀୟ ସମାଜର କିଭଳି ସୁଦୃଢ଼ ହେବ ସେହି ବିଷୟରେ ଆଲୋଚନା କରିଥିଲେ। ସାମ୍ବାଦିକ ଜଗନ୍ନାଥ ମହାନ୍ତି ଧନ୍ୟବାଦ ଅପର୍ଣ କରିଥିଲେ।

## ଜ୍ୟୋତିର୍ବିଦ ଗଣେଶ ମାଳିଙ୍କୁ ଦୈବଜ୍ଞଶ୍ରୀ ସମ୍ମାନ



ଗୁଣୁପୁର, ୮।୨(ସମିସ): ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ପରିସରରେ ଏକ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଓଡିଶା ତଥା ଭାରତର ବିଭିନ୍ନ ରାଜ୍ୟରୁ ଅନେକ ବିଦ୍ୱାନ ଜ୍ୟୋତିର୍ବିଦ ଅଂଶ ଗ୍ରହଣ କରିଥିଲେ । ଏଥିରେ ଗୁଣପୁରର ଯୁବ ପ୍ରତିଭା ଜ୍ୟୋତିର୍ବିଦ ଡକ୍ଟର ଗଣେଶ ମାଳି ଅତିଥି ଭାବେ ଯୋଗ ଦେଇ ରୋଗ ନିରାକରଣ ଉପରେ ଜ୍ୟୋତିଷର ପ୍ରଭାବକୁ ପ୍ରତିପାଦନ କରିଥିଲେ । ଭାରତର ସ୍ୱନାମ ଧନ୍ୟ ତଥା ସେଲିବ୍ରିଟି ବରିଷ୍ଠ ଜ୍ୟୋତିର୍ବିଦ ଡକ୍ଟର ଏଚଏସ୍ ରାବତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡକ୍ଟର ମାଳିଙ୍କୁ ଜ୍ୟୋତିଷରେ ଅବଦାନ ନିମନ୍ତେ ଅତିଥିଙ୍କ ଦ୍ୱାରା ଦୈବଜ୍ଞଶ୍ରୀ ସମ୍ମାନ ଦିଆଯାଇଥିଲା।

## ବଜରଙ୍ଗ ଦଳର ସଫେଇ କାର୍ଯ୍ୟକ୍ରମ



ରାୟଗଡ଼ା,୮।୨(ସମିସ): ରାୟଗଡ଼ା ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ଲଣ୍ଡାପାହାଡ଼ ସ୍ଥିତ ପ୍ରସିଦ୍ଧ ମହାକାଳେଶ୍ୱର ଓ ଓଁକାରେଶ୍ୱର ମନ୍ଦିର ପରିସରରେ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ଧାର୍ମିକ ସ୍ଥଳର ପବିତ୍ରତା ଓ ପରିବେଶ ସୁରକ୍ଷାକୁ ନେଇ ସଚେତନତା ସୃଷ୍ଟି କରାଯାଇଛି। କାର୍ଯ୍ୟକ୍ରମ ସମୟରେ ମନ୍ଦିର ପରିସର ଓ ଆଖ ପାଖ ଅଞ୍ଚଳରେ ପଡ଼ିଥିବା ବହୁ ପରିମାଣର ପ୍ଲାଷ୍ଟିକ ବୋତଲ, ଜରି ଓ ଅନ୍ୟାନ୍ୟ ଅବର୍ଜନା ସାମଗ୍ରୀ ସଂଗ୍ରହ କରି ସଫା କରାଯାଇଥିଲା। କାର୍ଯ୍ୟକ୍ରମରେ ବଜରଙ୍ଗ ଦଳ ଜିଲ୍ଲା ସହ ସଂଯୋଜକ ଶସ୍ୟଜ୍ୟୋତି ବେହେରା, ନଗର ସଂଯୋଜକ ଶଙ୍କର ବେହେରା, ନଗର ସହ ସଂଯୋଜକ ବି. ରାଜେଶ, ନଗର ବଳ ଉପାସନା ପ୍ରମୁଖ ଗଣେଶ ବେହେରା, ବିଶ୍ୱହିନ୍ଦୁ ପରିଷଦ ସଭାପତି ଡ଼. ବାବୁରାଓ ମହାନ୍ତି, ଉପ ସଭାପତି ଆନନ୍ଦ ରାଓ, ସମ୍ପାଦକ କୁନା ରମେଶ, ସହ ସମ୍ପାଦକ ଗୋପୀ ବ୍ରହ୍ମା, ଦୁର୍ଗା ବାହିନୀର ରୁପାଲୀ ପାଲାକା ସହିତ ବଜରଙ୍ଗ ଦଳର ନଗର କାର୍ଯ୍ୟକର୍ତ୍ତା ଇଶ୍ୱର ବେହେରା, ଶ୍ରୀନୁ ବେହେରା, ହାସିନ ସାରକା ଓ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଶେଷରେ ବଜରଙ୍ଗ ଦଳ ଜିଲ୍ଲା ସହ ସଂଯୋଜକ ଶସ୍ୟଜ୍ୟୋତି ବେହେରା ବକ୍ତବ୍ୟ ରଖିଥିଲେ। ଧାର୍ମିକ ସ୍ଥଳରେ ବଢୁଥିବା ଅସାମାଜିକ କାର୍ଯ୍ୟକଳାପ ନେଇ ପ୍ରଶାସନ ତତ୍କାଳ ଓ କଠୋର ପଦକ୍ଷେପ ଗ୍ରହଣ କରିବା , ମନ୍ଦିର ପରିସରରେ 'ମଦ୍ୟପାନ ଓ ଧୂମ୍ରପାନ ନିଷେଧ' ସହ ଆଇନଗତ ସତର୍କବାଣୀ ସୂଚନା ପଟ୍ଟିକା ଶୀଘ୍ର ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

# ନିଜ ଖର୍ଚ୍ଚରେ ରାସ୍ତା ନିର୍ମାଣ କରି ଚର୍ଚ୍ଚାରେ କାଉନ୍‌ସିଲର



କୋରୁକୋଣ୍ଡା,୮ ।୨ (ସମିସ): ସହରାଞ୍ଚଳରେ ହୋଇପାରୁନି ରାସ୍ତା ନିର୍ମାଣ । ବାରମ୍ବାର ଗୁହାରି ପରେ ନ ଶୁଣିବାରୁ ଚୁପ ରହୁଛି ଏନ୍ଏସି ପ୍ରଶାସନ। ଶେଷରେ ବାଧହୋଇ ରାସ୍ତା ନିର୍ମାଣ କରୁଛନ୍ତି ସ୍ଥାନୀୟ ଜନ ପ୍ରତିନିଧି। ଆଜି ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ। ସହରର ୧୦ ନଂ ୱାର୍ଡ ସ୍ଥିତ ନୂଆଁଗାଁ ନିକଟରେ ଥିବା ମାଳି ସାହି, ଆଜିକୁ ୪୦ ବର୍ଷ ହେବ ହୋଇପାରୁନି ରାସ୍ତା ନିର୍ମାଣ। ରାସ୍ତାଟିଏ ନଥିବା ହେତୁ ଆମ୍ବୁଲାନ୍ସଟିଏ ଯାଇ ପହଞ୍ଚି ପାରୁନାହିଁ। ଗତ କିଛି ମାସ ତଳେ ଏହି ସାହିର ଜଣେ ବୃଦ୍ଧାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାବେଳେ ଆମ୍ବୁଲାନ୍ସ ଠିକ ସମୟରେ ନ ପହଞ୍ଚିବାରୁ ସେ ମୃତ୍ୟୁବରଣ କରିଥିଲେ। ଇତି ମଧ୍ୟରେ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବା କହିଛନ୍ତି। ଶେଷରେ ବାଧହୋଇ ନିଜ ୱାର୍ଡରେ ବସବାସ କରୁଥିବା କାଉନସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଦ୍ୱାରସ୍ଥ ହୋଇଥିଲେ ଗ୍ରାମବାସୀ। ଏବଂ ଗ୍ରାମବାସୀଙ୍କ ଦୁଃଖ ଦୁର୍ଦ୍ଦଶା ଶୁଣି ଆଉ ନିଜେ ସହ୍ୟ କରି ନ ପାରି ନିଜ ଖର୍ଚ୍ଚରେ ମାଟି ରାସ୍ତା ନିର୍ମାଣ କଲେ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ। କାଉନ୍‌ସିଲର ଶ୍ରୀ ପଟ୍ଟନାୟକ ବିଭିନ୍ନ ସମୟରେ ଏପରି ଜନ ମଙ୍ଗଳକାରୀ କାର୍ଯ୍ୟ କରି ସାଧାରଣରେ ପ୍ରଶଂସା ର ପାତ୍ର ପାଲଟିଥିବା ବେଳେ ଆଜି ପୁଣି ନିଜ ଅଞ୍ଚଳର ଏହି ରାସ୍ତା ନିର୍ମାଣ କରି ସେ ସ୍ଥାନୀୟରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ଗ୍ରାମବାସୀ ଙ୍କ କହିବାନୁଯାୟୀ ରାସ୍ତା ନଥିବାରୁ ସେମାନେ ବର୍ଷା ହେଲେ ବହୁ ସମସ୍ୟା ର ସମ୍ମୁଖୀନ ହେବା ସହ ପାହାଡ଼ ତଳିଆ ଏହି ଗ୍ରାମଟି ରହିଥିବା ହେତୁ ନିଜ ଗ୍ରାମ ମଧ୍ୟକୁ ବର୍ଷା ଜଳ ମାଡି ଆସେ। ତେଣୁ କାଉନସିଲର ଶ୍ରୀ ପଟ୍ଟନାୟକ ଏହି ରାସ୍ତା ନିର୍ମାଣ କରିବା ଦ୍ୱାରା ବର୍ତ୍ତମାନ ସେମାନଙ୍କ ଗ୍ରାମକୁ ଆମ୍ବୁଲାନ୍ସ ଟିଏ ଆସିପାରିବ ବୋଲି ଗ୍ରାମବାସୀ କହିଛନ୍ତି। ଏଥିସହ ଗ୍ରାମର ଲକ୍ଷ୍ମୀ ଖୋସଲା, ଯୋସଦା ଖୋସଲା, ଯାଂଝି ଖିଲ, ବନ୍ଧୁ ମାଳି, ବନ ମାଳି, ସୁବରନା ପାଙ୍ଗି, ଲକ୍ଷ୍ମୀ ମାଳି, କମଲୋଚନ ଖୋସଲା, ପଦ୍ମନି ଖୋସଲା, ମଇନା ଖୋସଲା, ମୋଟୀ ଖୋସଲା, ସୁଭଦ୍ରା ଖରା ଙ୍କ ସମେତ ଅନ୍ୟ ଗ୍ରାମବାସୀ କାଉନସିଲର ଶ୍ରୀ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏଥିସହ ଆଗକୁ ବର୍ଷା ଦିନ ଆସୁଥିବା ହେତୁ ତୁରନ୍ତ ସେମାନଙ୍କ ଗ୍ରାମରେ ସିମେଣ୍ଟ କଂକ୍ରିଟ ରାସ୍ତା ସହ ଡ୍ରେନ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଭାଟିଗୁଡା ବ୍ରିଜ୍ କାମରେ ଦୁର୍ନୀତି ଅଭିଯୋଗ

# ଧସିଲାଣି ମାଟି; ବିପଦସଙ୍କୁଳ ଅବସ୍ଥାରେ ପୋଲ



ବୈପାରିଗୁଡ଼ା, ୮।୨(ସମିସ): ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଜି. ମାଝୀଗୁଡା ପଞ୍ଚାୟତର ଭାଟିଗୁଡା ନିକଟରେ ବିପଦସଙ୍କୁଳ ଅବସ୍ଥାରେ ବ୍ରିଜ୍। ନିର୍ମାଣ କାମରେ ଦୁର୍ନୀତି ଅଭିଯୋଗ ହୋଇଛି । ବ୍ରିଜର ଉଭୟ ପାଶ୍ୱର୍ରେ ସୁରକ୍ଷା ପଚେରୀ ନଥିବା ଯୋଗୁଁ ମାଟି ଧସିଲାଣି। ଲୋକଙ୍କ ଗମନାଗମନ ସୁବିଧା ପାଇଁ କଟ୍ରାଗୁଡା ଠାରୁ ଭାଟିଗୁଡା ରାସ୍ତାରେ ଆର୍‌ଡି ବିଭାଗ ପକ୍ଷରୁ ୨ ଗ୍ରାମକୁ ସଂଯୋଗ କରିବା ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଛି। ଦୁଇ ଗ୍ରାମର ମଧଭାଗରେ ଏକ ବ୍ରିଜ୍ ନିର୍ମାଣ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସେହି ରାସ୍ତା ଏବଂ ବ୍ରିଜ୍ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସୁରକ୍ଷା ପଚେରି ନ ଥିବା ଯୋଗୁଁ ରାସ୍ତା କଡ଼ରୁ ମାଟି ଧିରେଧିରେ ଧସିବାରେ ଲାଗିଲାଣି। ଏହି ରାସ୍ତା ଦେଇ ଭାରିଯାନ ଯାତାୟାତ କଲେ ମାଟି ଦବି ଯାଉଥିବା ଅଭିଯୋଗ କରିଛନ୍ତି ଦୁଇ ଗ୍ରାମର ଗ୍ରାମବାସୀ। ଯଥାଶୀଘ୍ର ଯଦି ଏହାର ମରାମତି ବ୍ୟବସ୍ଥା କରାନଯାଏ, ତେବେ ବର୍ଷା ଦିନେ ରାସ୍ତା ଦବି ଯିବା ସହ ବ୍ରିଜ୍ ଭୁଶୁଡ଼ି ପଡ଼ିବ ବୋଲି ଅଭିଯୋଗ ହୋଇଛି। ସମୟ ପୂର୍ବରୁ ଯଥାଶୀଘ୍ର ରାସ୍ତା ଏବଂ ବ୍ରିଜର ସୁରକ୍ଷା କରାଯାଉ ବୋଲି ଦାବି କରିଛନ୍ତି କଟ୍ରାଗୁଡା ଏବଂ ଭାଟିଗୁଡା ଗ୍ରାମର ଗ୍ରାମବାସୀ। ଏନେଇ ଆରଡି ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ଯୋଗାଯୋଗ ହୋଇପାରିଲା ନାହିଁ।

## ମାଲକାନଗିରି ଜିଲ୍ଲା ପୁଲିସର ଚଢ଼ଉ

# ଜଙ୍ଗଲରୁ ୧୨୫୦ କେଜି ଗଞ୍ଜେଇ ଜବତ

ମାଲକାନଗିରି,୮ ।୨ (ସମିସ): ମାଲକାନଗିରି ଜିଲ୍ଲା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବେଜାଙ୍ଗୱାର୍ଡ ଜଙ୍ଗଲରୁ ୧୨୫୦ କେଜି ଗଞ୍ଜେଇ ଜବତ ହୋଇଛି। ମାଲକାନଗିରି ପୋଲିସ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଅଭିଯାନ ସମୟରେ କାଲିମେଳା ବ୍ଲକ ଅନ୍ତର୍ଗତ ବେଜିଙ୍ଗୱାଡା ଅଞ୍ଚଳରୁ ୧୨୫୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। କାଲିମେଳା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଏଥିରେ ସମ୍ପୃକ୍ତ ଲୋକଙ୍କୁ ଖୋଜାଚାଲିଛି। ଜିଲ୍ଲାରେ ନିଶା ନିବାରଣ ଅଭିଯାନକୁ ଯଥେଷ୍ଟ ସୁଦୃଢ଼ କରାଯାଇଛି। ୨୦୨୫ ମସିହାରେ ମାଲକାନଗିରି ପୋଲିସ ପ୍ରାୟ ୩୧,୦୦୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା, ଯାହା ୨୦୨୪ ମସିହାରେ ୨୩,୦୦୦ କିଲୋଗ୍ରାମ ଥିଲା। ଏହି ତୀବ୍ର ଅଭିଯାନର ଅଂଶ ସ୍ୱରୂପ, ଅନେକ ଆନ୍ତଃରାଜ୍ୟ ନିଶା ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଯାହା ସଂଗଠିତ ଏବଂ ସୀମାପାର ଚାଲାଣ ନେଟୱାର୍କ ବିରୁଦ୍ଧରେ କେନ୍ଦ୍ରିତ କାର୍ଯ୍ୟାନୁଷ୍ଠାନକୁ ସୂଚିତ କରୁଛି। ଆଗାମୀ ମାସରେ, ମାଲକାନଗିରି ପୋଲିସ ଗଞ୍ଜେଇ ଚାଷ, କାଟିବା ଏବଂ ଚାଲାଣ ସହିତ ଗଞ୍ଜେଇ ଉତ୍ପାଦନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ଉଲ୍ଲେଖଯୋଗ୍ୟ, ନଭେମ୍ବର ୨୦୨୫ରେ, ଚିତ୍ରକୋଣ୍ଡା ପୁଲିସ ଷ୍ଟେସନ ସୀମା ମଧ୍ୟରେ ୬୦ କିଲୋଗ୍ରାମ ମୂଲ୍ୟବାନ ଗଞ୍ଜେଇ ତେଲ ଜବତ କରାଯାଇଥିଲା, ଯାହା ଭାରତରେ ସର୍ବାଧିକ ଜବତ ଏବଂ ଓଡ଼ିଶାରେ ପଞ୍ଜିକୃତ ପ୍ରଥମ ମାମଲା ଥିଲା। ମାଲକାନଗିରି ପୁଲିସ ସଂଗଠିତ ନିଶା ନେଟୱାର୍କକୁ ଭାଙ୍ଗିବା ଏବଂ ସମସ୍ତ ଅପରାଧୀଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଛି ବୋଲି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏଚ୍ ପ୍ରେସ ନୋଟ ମାଧ୍ୟମରେ ଗଣମାଧମକୁ ସୂଚନା ଦେଇଛନ୍ତି।

## ଅଚଳ ସୋଲାର ପ୍ରକଳ୍ପକୁ ନେଇ ଗ୍ରାମବାସୀ ହନ୍ତସନ୍ତ



ବୈପାରିଗୁଡ଼ା,୮।୨(ସମିସ): ବୈପାରିଗୁଡା ବ୍ଲକର ବାଲିଭଙ୍ଗା ଗ୍ରାମରେ ଅଚଳ ସୋଲାର ପ୍ରକଳ୍ପକୁ ନେଇ ହନ୍ତସନ୍ତ ଗ୍ରାମବାସୀ। ବାଲିଭଙ୍ଗା ଗ୍ରାମବାସୀଙ୍କ ପାନୀୟ ଜଳର ସୁବିଧା ପାଇଁ ବହୁ ବର୍ଷ ତଳେ ଏକ ନଳକୂପ ଖନନ କରାଯାଇ ସେଥିରେ ସୋଲାର ପାନୀୟ ପ୍ରକଳ୍ପ ସଂଯୋଗ କରାଯାଇଥିଲା। ସୋଲାର ପ୍ରକଳ୍ପ ନିର୍ମାଣ ହେବା ଫଳରେ ଗ୍ରାମବାସୀ ସୁବିଧାରେ ପିଇବା ପାଣି ପାଇ ପାରୁଥିଲେ। ଗତବର୍ଷର ପ୍ରବଳ ବର୍ଷା ଏବଂ ପବନରେ ଗଛର ଡାଳ ସୋଲାର ପ୍ରକଳ୍ପ ଉପରେ ପଡ଼ି ଯିବାରୁ ତାହା ଭାଙ୍ଗିବା ସହ ଅଚଳ ହୋଇପଡିଥିଲା। ପ୍ରଶାସନ ପକ୍ଷରୁ ଭଙ୍ଗା ସୋଲାର ପ୍ରକଳ୍ପ ବାହାର କରି ଗ୍ରାମର ଅନ୍ୟ ଏକ ଜାଗାରେ ନୂତନ ସୋଲାର ପାନୀୟ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। କିନ୍ତୁ ନୂତନ ସୋଲାର ପ୍ରକଳ୍ପ ବର୍ତ୍ତମାନ ଅଚଳ ଅବସ୍ଥାରେ ପଡିରହିଛି। ବାଲିଭଙ୍ଗା ଗ୍ରାମରେ ୧୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ହେଲେ ସୋଲାର ପ୍ରକଳ୍ପ ପାଣି ଟାଙ୍କିରେ ଅଳ୍ପ ପାଣି ଜମିବା ପରେ ବନ୍ଦ ହେଇଯାଏ। ଫଳରେ ଗୋଟିଏ ଦୁଇଟି ଗରା ପାଣି ବାହାରେ। ଗ୍ରୀଷ୍ମ ଋତୁ ଆରମ୍ଭ ପୂର୍ବରୁ ବାଲିଭଙ୍ଗା ଗ୍ରାମର ସୋଲାର ପାନୀୟ ଜଳ ପ୍ରକଳ୍ପ ମରାମତି କରିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ।

## ବେସରକାରୀ ବିଦ୍ୟାଳୟ ସମୂହର ଜିଲ୍ଲାସ୍ତରୀୟ ବୈଠକ



ଉମରକୋଟ,୮।୨ (ସମିସ): ନବରଙ୍ଗପୁର ଜିଲ୍ଲାର ବେସରକାରୀ ବିଦ୍ୟାଳୟ ଗୁଡ଼ିକର ସମଗ୍ର ଶିକ୍ଷା ଗୁଣାତ୍ମକ, ପାଠ୍ୟକ୍ରମ, ଛାତ୍ରୀଛାତ୍ରୀ ସୁରକ୍ଷା ଓ ଶୁଳ୍କ ନିୟମାବଳୀ ବିଷୟ କେନ୍ଦ୍ରିତ ଏକ ଜିଲ୍ଲାସ୍ତରୀୟ ବୈଠକ ଉମରକୋଟ ସ୍ଥିତ ହୋଟେଲ ଏସ୍‌ପି ରୟାଲ ଠାରେ ଆୟୋଜିତ ହୋଇଥିଲା। ବୈଠକରେ ୩୦ରୁ ଊର୍ଦ୍ଧ୍ୱ ବେସରକାରୀ ବିଦ୍ୟାଳୟର ପ୍ରତିନିଧି ଓ ପରିଚାଳନା ନିର୍ଦ୍ଦେଶକ ଅଂଶଗ୍ରହଣ କରିଥିଲେ। ବୈଠକରେ ଜିଲ୍ଲାରେ ନୂଆ ଶିକ୍ଷାନୀତି ପାଳନରେ ହେଉଥିବା ଅଗ୍ରଗତି ବିଷୟରେ ଆଲୋଚନା ହୋଇଥିଲା। ଛାତ୍ରଛାତ୍ରୀ ମାନଙ୍କ ହିତକୁ ପ୍ରଥମ ପ୍ରାଥମିକତା ଦେବା ପାଇଁ ମତପ୍ରକାଶ ପାଇଥିଲା। ନବରଙ୍ଗପୁର ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ସମସ୍ତ ବେସରକାରୀ ସ୍କୁଲ ଏକ ମଞ୍ଚରେ ଆସି ନୂଆ ମାନଦଣ୍ଡ ନିର୍ମାଣ କରିବା ଆବଶ୍ୟକ ବୋଲି ମତାମତ ଦେଇଥିଲେ। ଏଥିରେ ଶିକ୍ଷା ଅଧିକାର ଆଇନ ଅନୁସାରେ ସରକାରଙ୍କ ନିକଟରେ ବକେୟା ରହିଥିବା ଅର୍ଥ କିପରି ଆଦାୟ ହେବ, ତାହା ଉପରେ ଏକ ବିଶେଷ ଆଲୋଚନା ହୋଇଥିଲା। ବେସରକାରୀ ସ୍କୁଲ ପ୍ରତିନିଧି ମାନେ ଜଣାଇଥିଲେ ଯେ ବର୍ଷକୁ ବର୍ଷ ଆର୍‌ଟିଇ ଅନୁସାରେ ନିଶୁଳ୍କ ଭର୍ତି ଦେଉଥିବା ସତ୍ତ୍ୱେ ସରକାର ପକ୍ଷରୁ ପ୍ରତିପୂରଣ ଅର୍ଥ ମିଳୁନଥିବାରୁ ବହୁ ସ୍କୁଲ ଅର୍ଥନୈତିକ ଚାପ ଭୋଗୁଛନ୍ତି। ଏଥି ସହିତ ବେସରକାରୀ ବିଦ୍ୟାଳୟ ଗୁଡିକର ବିଭିନ୍ନ ସମସ୍ୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକ ଶେଷରେ ଅନୁଶାସନ, ଗୁଣାତ୍ମକ ଶିକ୍ଷା ଓ ସ୍କୁଲ ପରିଚାଳନାର ପାରଦର୍ଶିତା ସୁନିଶ୍ଚିତ କରିବାକୁ ଏକ କମିଟି ଗଠନ ହୋଇଛି। ଏଥିରେ ସଭାପତି ଭାବେ କାମାକ୍ଷା ପ୍ରସାଦ ଶତପଥୀଙ୍କୁ ମନୋନୀତ କରାଯାଇଥିଲା। ଉପସଭାପତି ଭାବେ କାର୍ତ୍ତିକ ମଲ୍ଲିକ, ସମ୍ପାଦକ ଭାବେ ସ୍ୱର୍ଣ୍ଣଲତା ପଟ୍ଟନାୟକ, ସହ ସମ୍ପାଦକ ଭାବେ ରାକେଶ ପଟ୍ଟନାୟକ, କୋଷାଧକ୍ଷ ଭାବେ ମନୋଜ କୁମାର ଚୌଧୁରୀ ଓ ଆଇନ ପରାମର୍ଶଦାତା ଭାବେ ସତ୍ୟବ୍ରତ ସାମଲଙ୍କୁ ମନୋନୀତ କରାଯାଇଛି।

## ଦେଓମାଳିରେ ଛତିଶଗଡ଼ ପର୍ଯ୍ୟଟକଙ୍କ ମୃତ୍ୟୁ



ପଟ୍ଟାଙ୍ଗି,୮।୨(ସମିସ): ଛତିଶଗଡ଼ ରାଜ୍ୟରୁ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ବୁଲିବାକୁ ଆସିଥିବା ୪ ସାଙ୍ଗଙ୍କ ମଧ୍ୟରୁ ଜଣେ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଛତିଶଗଡ ରାଜ୍ୟ ବସ୍ତର ଜିଲ୍ଲାରେ କାର୍ଯ୍ୟରତ ଜଣେ ଗଣମାଧ୍ୟମ ପ୍ରତିନିଧି ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଶନିବାର ଦିନ ବସ୍ତର ଜିଲ୍ଲାରୁ ଚାରିଜଣ ସାଥୀ ବିକ୍ରମ ଲେହେରେ, ନରେନ୍ଦ୍ର ଭବାନୀ, ସ୍ୱରବ ଦେବାଙ୍ଗନ ଏବଂ ଦିନେଶ ରାଜପୁତ ମିଶି ଦେଓମାଳି ବୁଲିବାକୁ ଆସିଥିଲେ। ସାଙ୍ଗ ସବୁ ମିଶି ରାତି ତମାମ ମଜା ମଜଲିସ କରିଥିଲେ। ଏହାପରେ ଦୁଇଜଣ ଜଣ ସାଥୀ ତମ୍ବୁରେ ଏବଂ ଦୁଇଜଣ ନିଜର କାରରେ ଶୋଇଥିଲେ। ସକାଳେ ଉଠିବା ପରେ ଦିନେଶ ରାଜପୁତଙ୍କ ନିଃଶ୍ୱାସ ପଶ୍ୱାସ ନେବାରେ ଅସୁବିଧା ହୋଇଥିଲା। ତେଣୁ ଅନ୍ୟ ତିନିଜଣ ସାଥୀ ମିଶି ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁନ୍ଦୁଲିକୁ ଆଣିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ନେଇ ଜଣାପଡିଛି। ସୂଚନା ପାଇ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲା। ସୂଚନା ପାଇବା ପରେ ମୃତ ଦିନେଶ ରାଜପୁତଙ୍କ ପରିବାରବର୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପରିବାର ବର୍ଗ ପୁଲିସଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିବା ପରେ ପୁଲିସ ମୃତଶରୀରଟିକୁ ଜବତ କରିଥିଲା। ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।

## ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ; ଦୁଇ ମାମଲା ରୁଜୁ

ଜୟପୁର. ୮ ।୨ (ସମିସ): ଜୟପୁର ସଦରଥାନା ସୌରାଗୁଡା ଗ୍ରାମ ଠାରେ ଗତକାଲି ସଂଧ୍ୟାରେ ପୂର୍ବ ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଏବଂ ମାଡ଼ପିଟ୍ ହୋଇଥିଲେ। ଏଥିରେ ଉକ୍ତ ଗ୍ରାମର ତଳସାହିର ୧୭ ବର୍ଷର ଜଣେ ନାବାଳକଙ୍କୁ ଉପର ସାହିର ପ୍ରାୟ ୧୦ରୁ ଊଠରୁ ଲୋକ ବିଭିନ୍ନ ମାରଣାସ୍ତ୍ର ନେଇ ଆକ୍ରମଣ କରିଥିଲେ। ଅଭିଯୋଗକାରୀ ଏହି ଆକ୍ରମଣରେ ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ସେହିପରି ଅନ୍ୟପକ୍ଷରେ ପ୍ରତିପକ୍ଷଙ୍କ ପକ୍ଷରୁ ମହିଳା ଗୁରୁବାରୀ ସୌରା ଅଭିଯୋଗ କରିଛନ୍ତି ଯେ, ତଳସାହିର ବିବେକ ଏବଂ ପ୍ରାୟ ୩୦ରୁ ଅଧିକ ବ୍ୟକ୍ତି, ଯୁବକ ଓ ମହିଳା ତାଙ୍କ ଘର ଉପରେ ଆକ୍ରମଣ କରିବା ସହିତ ତାଙ୍କ ପରିବାର ଲୋକଙ୍କୁ ମାଡ ମାରିଥିଲେ ଏବଂ ତାଙ୍କ ପୁଅ ଏନ୍‌ଏନ୍ ସୌରାକୁ ହତ୍ୟା କରିବା ଉଦ୍ଦେଶ୍ୟରେ ଖୋଜିଥିଲେ। ସେହିପରି ଗୁରୁବାରୀ ମାଝିଙ୍କୁ ଅଭିଯୁକ୍ତ ବିବେକ ଏବଂ ଅନ୍ୟମାନେ ଶାଢୀ ଟଣାଟଣି କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହିତ ମାଡ ମାରିଥିଲେ। ଏହିପରି ଉଭୟଙ୍କ ଏତଲାକୁ ଭିତ୍ତି କରାଯାଇ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଡିଏଭି ଗୁରୁକୁଳର ବାର୍ଷିକ ଉତ୍ସବ




କାଲିମେଳା,୮।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ସଦର ମହକୁମାରେ ଥିବା ଡିଏଭି ଗୁରୁକୁଳର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଏମୟୁଜେ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ଦେବ ପ୍ରସାଦ ଦାଶ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ ପାଣିଗ୍ରାହୀ, ମାଲକାନଗିରି ଜିଲ୍ଲା ଡିଏଭି ଗୁରୁକୁଳ ସମୂହର ଅଧ୍ୟକ୍ଷ ସୁଶାନ୍ତ ସାମଲ , ବିଦ୍ୟାଳୟର ପ୍ରିନ୍ସିପାଲ ଜୟଦେବ ଦେଓ କାଲିମେଳା ସିଆରସିସି ଅସୀମ ପାଲ, ଅନନ୍ତ ପାଲ୍ଲୀ ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୟ ସରକାର, ସମାଜସେବୀ କାମେଶ୍ୱର ପ୍ରଧାନ, ଏସ ରମେଶ, ବିଦ୍ୟାଳୟ ପରିଚାଳକ ଅନନ୍ତ ଦାଶ, ବିଦ୍ୟାଳୟର ପ୍ରତିଷ୍ଠାତା କିଶୋର ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବିକାଶ ତାଣ୍ଡି ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଶେଷରେ ବିଦ୍ୟାଳୟର ପ୍ରତିଷ୍ଠାତା କିଶୋର ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ ଉତ୍ସର ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଉମାଶଙ୍କର ଆଚାର୍ଯ୍ୟ, ଅଭିଷେକ ମଲ୍ଲିକ, ରୋହିତ ମଣ୍ଡଳ, ଅନ୍ତିମଜୟ ମଣ୍ଡଳ, ସନିଆ ମାଡକାମୀ, ଶିକ୍ଷୟିତ୍ରୀ ରାକ୍ଷୀ ହାଲଦାର, ଲତିକା ରାଣୀ ପତି, କିର୍ସ୍ନା ପାତ୍ରୀ, ମିତା ତାପାଲି, ମଇନା ବିଶ୍ୱାସ, ପୂର୍ଣ୍ଣିମ ଜେନା, ଶୁଭଶ୍ରୀ ପରିଡା ଓ ଜୋତି ଦେବନାଥ ସୋମେ ମାଡକାମୀ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବନବିହାର କାର୍ଯ୍ୟକ୍ରମ

କାଲିମେଳା, ୮।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମ୍‌ଭି୭ ୯ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଭିଭାବକ ବୈଠକ ସହ ବନବିହାର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମାଲକାନଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ଧର ଯୋଗଦେଇ ଶିଶୁଶିକ୍ଷାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଏହାସହ ଅଭିଭାବକ ବୈଠକରେ ଆଗାମୀ ଦିନରେ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ କିପରି ସମ୍ଭବ ହୋଇପାରିବ, ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କମିଟି ସଭାପତି ଦୀପକ ଦତ୍ତ, ସମ୍ପାଦକ ଅଶୋକ କୁମାର ନାୟକ, ସହ-ସମ୍ପାଦକ ସୁଖରଞ୍ଜନ ବୈଦ୍ୟ, କୋଷାଧକ୍ଷ ସୁରେଶ କୁମାର ମେହେତା, ଉପଦେଷ୍ଟା ନିମାଇଁ ଚନ୍ଦ୍ର ପାଳ, ବିଭୁତି ଚରଣ ସେଠି, ବ୍ରିନ୍ଦା ମଣ୍ଡଳ, ପ୍ରଧାନ ଆଚାର୍ଯ୍ୟା ନମିତା ଗୁରୁମା ଉପସ୍ଥିତ ଥିଲେ।

## ରାୟଗଡ଼ା ବ୍ଲକ୍ ଏକ୍ସ କ୍ୟାଡର ଶିକ୍ଷକ ସଂଘର ସମାବେଶ



ରାୟଗଡ଼ା, ୮।୨(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଙ୍ଘ ତରଫରୁ ଏକ ବନ୍ଧୁମିଳନ ତଥା ସମାବେଶ କାର୍ଯ୍ୟକ୍ରମ ପିତାମହଲ ନିକଟସ୍ଥ ଚନ୍ଦ୍ରକଳା ଫାର୍ମ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଅରବିନ୍ଦ ସେଠୀଙ୍କ ନେତୃତ୍ୱରେ ସମ୍ପାଦକ ସନ୍ତୋଷ ଦାସ, ସହ ସମ୍ପାଦକ ମହେନ୍ଦ୍ର ବିବାର, ଉପସଭାପତି ଗୁପ୍ତ ବିଶୋଇ, ରେଣୁକା ବିଶୋଇ, ସୁବାରାଓ ବାଚେଲି କୋଷାଧକ୍ଷ ରିପୁ ଖରା, ମନ୍ମଥ କାଡ୍ରାକା, ମିଡ଼ିଆ ସମ୍ପାଦକ ପୁରୁଷୋତ୍ତମ ସାହୁକାର ପ୍ରମୁଖ ଉପସ୍ଥିତ ରହି ସଂଘୀୟ ସମାବେଶକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସର୍ବ ପ୍ରଥମେ ଇହଧାମ ତ୍ୟାଗ କରିଥିବା ସ୍ୱର୍ଗତ ଶିକ୍ଷକ ଚନ୍ଦ୍ରଶେଖର ପୁଆଲା, ଅରୁଣ ଲେଙ୍କା ଏବଂ ଅଗାଧୁ ମେଲାକାଙ୍କୁ ମନେ ପକାଇ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ସମାବେଶରେ ପ୍ରାୟ ୮୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଶିକ୍ଷକ ଜଗନ୍ନାଥ ପାଣିଙ୍କ ପରାମର୍ଶ କ୍ରମେ ସଂଘରେ କିଛି ପରିବର୍ତ୍ତନ କରିବାକୁ ଯୁକ୍ତି ବାଢି ଥିଲେ। ସମ୍ପାଦକ ଶ୍ରୀ ଦାସଙ୍କ ପ୍ରସ୍ତାବ କ୍ରମେ ବୃନ୍ଦାବନ ନିମଲପୁରୀ ଉପସଭାପତି,ଅରବିନ୍ଦ ସେଠିଙ୍କ ପରାମର୍ଶ କ୍ରମେ ଅଜୟ ବିଡ଼ିକା ସହ ସମ୍ପାଦକ ଏବଂ ଦାଶରଥି ପୁଆଲାଙ୍କ ପ୍ରସ୍ତାବ କ୍ରମେ ଶଙ୍କର କୌଶଲ୍ୟ ଉପଦେଷ୍ଟାକୁ ଚୟନ କରାଯାଇଥିଲା । ଏହାକୁ ଉପସ୍ଥିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସମର୍ଥନ କରିଥିଲେ । ବରିଷ୍ଠ ଶିକ୍ଷକ ବଳରାମ ସେନାପତି ସଂଘୀୟ ମର୍ଯ୍ୟାଦାକୁ ବୁଝାଇ ଏକତା କେମିତି ବଜାୟ ରହିବ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ସଭାପତି ଅରବିନ୍ଦ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା କାର୍ଯ୍ୟ ସାଙ୍ଗ କରିଥିଲେ । ଶିକ୍ଷକ ଅଜୟ ସମାବେଶ କାଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ।

## ପରଜା ଦେଓପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ତେନ୍ତୁଳିଖୁଣ୍ଟି,୮।୨(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜାଦେଓପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଯୋଗଦେଇ କଠିନ ପରିଶ୍ରମ ହିଁ ସଫଳତା ଆଣିଦେବ, ତେଣୁ ସମସ୍ତେ ପରିଶ୍ରମ କରି ସଫଳ ତଥା ସୁପରିଚିତ ବ୍ୟକ୍ତିତ୍ୱ ସାଧନ ଦିଗରେ ଅଗ୍ରସର ହେବାପାଇଁ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ କୁଳ ରଞ୍ଜନ ସୁନା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ପ୍ରମୋଦା ସାମଲ, ପୂର୍ବତନ ଏବିଇଓ ମୋହନ ମଧୁସୂଦନ ବାଘ, ବିଦ୍ୟାଳୟ ସଭାପତି ସଦନ ଜାନି, କମିଟି ସଦସ୍ୟ ବାରିଜ ପଟନାୟକ, ସ୍ଥାନୀୟ ସରପଞ୍ଚ ପ୍ରମିଳା ମୁଦୁଲି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷୟତ୍ରୀ ବନିତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ହସ୍ତରେ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଛାତ୍ର ସୌଭାଗ୍ୟ ରଞ୍ଜନ ବେହେରା ଏବଂ ବନମାଳୀ ନାୟକଙ୍କୁ ଅଲରାଉଣ୍ଡର ଭାବେ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଏସ କଲ୍ୟାଣ କୁମାର, ମାଧବ ଚନ୍ଦ୍ର ବେହେରା, ସେନାପତି ନାୟକ, ଚିତ୍ରା ପୋଡ଼, ରବୀନ୍ଦ୍ର ନାଥ ମୁଦୁଲି, ସ୍ଥିତି ପ୍ରଜ୍ଞା ଖୁଣ୍ଟିଆ, ତୁଷାରକାନ୍ତ ପାତ୍ର, ସୁନିତା ସାହୁ, ଜଗଦେବ ସାମନ୍ତ, ଦେବକୀ ମେହେକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମହିଳା ସମ୍ବନ୍ଧୀୟ ମାମଲା ସମ୍ପର୍କରେ ସଚେତନତା

କାଲିମେଳା,୮।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ତତ୍ତ୍ୱାବଧାନରେ ମହିଳା ସମ୍ବନ୍ଧୀୟ ମାମଲା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ମାନଙ୍କର ସୁରକ୍ଷା ପାଇଁ ଯଦିଓ ବିଭିନ୍ନ ଆଇନ କାନୁନ ତିଆରି ହୋଇଛି ଏବଂ ଭାରତୀୟ ସମ୍ବିଧାନରେ ମଧ୍ୟ ବହୁ ବ୍ୟବସ୍ଥା ଥିବା ସତ୍ତ୍ୱେ ନାରୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ମହିଳା ଏବଂ ଝିଅମାନଙ୍କ ବିରୁଦ୍ଧରେ ହେଉଥିବା ହିଂସା ଏକ ମାନବାଧିକାର ଉଲ୍ଲଂଘନ। ଘରୋଇ ହିଂସା ଆଇନ ଏବଂ ସେମାନଙ୍କର ଆଇନଗତ ଅଧିକାର ଉପରେ ରବିବାର ଦିନ କାଲିମେଳା ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳ ମହିଳା ମାନଙ୍କୁ ସଚେତନ କରାଇଥିଲେ।

## ୧୯ ୯ ୬ ମସିହା ମାଟ୍ରିକ୍ ଛାତ୍ରଙ୍କ ସମାବେଶ



ରାୟଗଡ଼ା,୮।୨(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ପିଏମଶ୍ରୀ ଗୋବିନ୍ଦ ଚନ୍ଦ୍ର ଦେବ(ଜିଲ୍ଲା) ଉଚ୍ଚ ବିଦ୍ୟାଳୟର ୧୯ ୯ ୬ ମସିହା ମାଟ୍ରିକ୍ ବ୍ୟାଚଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଜି ପିତାମହଲ ସ୍ଥିତ ଚନ୍ଦ୍ରକଳା ଫାର୍ମ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୦ବର୍ଷ ପରେ ଏହି ବ୍ୟାଚର ସହପାଠୀମାନେ ଏକତ୍ରିତ ହୋଇଥିଲେ। ସମସ୍ତେ ବିଦ୍ୟାଳୟରେ ପାଠ ପଢୁଥିବା ସମୟର ସ୍ମୃତି ଚାରଣ କରିଥିଲେ। ଅନେକ ସହପାଠୀମାନେ ମାଟ୍ରିକ ପରେ ରାୟଗଡ଼ା ଜିଲ୍ଲା ତଥା ଓଡିଶା ବାହାରରେ ରହୁଥିବା ବେଳେ ରାୟଗଡ଼ାରେ ରହୁଥିବା ପ୍ରାୟ ୩୦ରୁ ଅଧିକ ସହପାଠୀମାନେ ଆଜି ଏକତ୍ରିତ ହୋଇ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ବିଦ୍ୟାଳୟ ପ୍ରତି କିଛି ସହଯୋଗ କରିବା ଏବଂ ରାୟଗଡ଼ାରେ ରହୁଥିବା ବନ୍ଧୁମାନଙ୍କ ସୁଖଦୁଃଖରେ ସାଥି ହେବା ପାଇଁ ଏକ କମିଟି ଗଠନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ବସନ୍ତ ପାତ୍ର, ରଂଜିତ ବିଶୋଇ, ଶିବ ନାରାୟଣ ଗଉଡ, ଜି.ରାମକ୍ରିଷ୍ଣା, ଭବାନୀ ଶଙ୍କର ଜେନା, ସଦାନନ୍ଦ ନାୟକ, ଗୋପାଳ ନାଗ,ପ୍ରବୀର ମଲ୍ଲିକ,ଗୌରୀ ଶଙ୍କର,ଗୋପାଳକୃଷ୍ଣ ପଣ୍ଡା,ବଳରାମ ସ୍ୱାଇଁ,ରାମକ୍ରିଷ୍ଣାଚୌଧୁରୀ,ଆଶୋକପାଲ,ମନୋରଂଜନଶତପଥି,ଅଶୋକପଣ୍ଡା,ହରିବାବୁ,ଶ୍ରୀନିବାସ,ମନୋଜଦାସ,ଅରୁଣମହାରଣାଓଅନ୍ୟମାନେଉପସ୍ଥିତରହିଥିଲେ।

## ଘରପିଣ୍ଡାରେ ଚାଲିଛି ପ୍ରାକ୍ ଶିକ୍ଷାଦାନ

# ଗୋନ୍ଧିଗୁଡାରେ ହୋଇପାରୁନି ଅଙ୍ଗନବାଡ଼ି ଗୃହ



ମାଲକାନଗିରି/କୋରୁକୋଣ୍ଡା, ୮ ।୨(ସମିସ): ଦେଶ ସ୍ୱାଧୀନ ହୋଇ ସାତ ଦଶନ୍ଧି ଅତିକ୍ରମ କଲାଣି। ହେଲେ ଆଜି ମଧ ମାଲକାନଗିରି ଜିଲ୍ଲାରେ ବିକାଶ ଅନେକ ସ୍ଥାନରେ ବାଟ ହୁଡିଛି। ବିକାଶର ଡିଣ୍ଡିମ ପିଟୁଥିବା ଓ ରାଜ୍ୟରେ ପଛୁଆ ଅଞ୍ଚଳରେ ବିକାଶ ଏବଂ ଓଡିଆ ଅସ୍ମିତା କଥା କହୁଥିବା ରାଜ୍ୟ ସରକାର କାଗଜ କଲମରେ ଅନେକ କିଛି ବିକାଶ କରୁଥିବା କହୁଥିବା ବେଳେ ଆଜି ଯାଏଁ ଜିଲ୍ଲାର ଗୋନ୍ଧିଗୁଡା ଗ୍ରାମରେ ନିର୍ମାଣ ହୋଇ ପାରୁନି ଅଙ୍ଗନବାଡି ଗୃହ। ତଥ୍ୟ ଅନୁଯାୟୀ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଗୋନ୍ଧିଗୁଡା ଗ୍ରାମରେ ଆଜି ଯାଏଁ ଏକ ଅଙ୍ଗନବାଡି ଗୃହ ନିର୍ମାଣ ହୋଇ ପାରିନି। ଫଳରେ ଖରା ବର୍ଷା ଏଠାକାର କୋମଳମତି ପିଲାଏ ଘର ବାରଣ୍ଡାରେ ବସି ପ୍ରାକ ଶିକ୍ଷା ଲାଭ କରୁଛନ୍ତି। ତେବେ ସରକାର ଓ ପ୍ରଶାସନର ଅବହେଳା ଯୋଗୁ ଆଜି ଯାଏଁ ଏଠାରେ ଅଙ୍ଗନବାଡି ଗୃହ ନିର୍ମାଣ ହେଉ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳରେ ଅନେକ ଡିଡାଇ ଜନଜାତିର ଲୋକେ ରହୁଥିବା ବେଳେ ଅଞ୍ଚଳରେ ଶିକ୍ଷାର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଯେଉଁଥି ପାଇଁ ଗ୍ରାମବାସୀ ନିଜ ପିଲାଙ୍କୁ ପାଠ ପଢାଇବାକୁ ଇଚ୍ଛୁକ। ହେଲେ କୁନି କୁନି ପିଲାଙ୍କ ପାଇଁ ଅଙ୍ଗନବାଡି ଘର ଖଣ୍ଡିଏ ନଥିବାରୁ ପିଲାଏ ବର୍ଷ ତମାମ ଏପରି ଘର ବାରଣ୍ଡାରେ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି। ଏଠାରେ ଅଙ୍ଗନବାଡି କର୍ମୀ ନିଯୁକ୍ତି ହୋଇଥିବା ବେଳେ ସେ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଉଛନ୍ତି ସତ, କିନ୍ତୁ ଘର ବାରଣ୍ଡାରେ ପିଲାଙ୍କୁ ପଢାଇବା ଓ ସୁଷମ ଖାଦ୍ୟ ପ୍ରଦାନ କରିବାରେ ନାନା ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଛି। ତେବେ ଅଞ୍ଚଳରେ ଏକ ଅଙ୍ଗନବାଡି ଗୃହ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ଆମେ କୋରୁକୋଣ୍ଡା ସିଡିପିଓ ରେଖାରାଣୀ ବାରିକଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, କେଉଁ କାରଣରୁ ଅଙ୍ଗନବାଡି ନିର୍ମାଣ ହୋଇନି ଓ ପ୍ରକୃତ ସମସ୍ୟା କଣ ତାହାର ତଦାରଖ କରି ପଦକ୍ଷେପ ନେବେ।

ସକାଳ THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୬୭ ● ପାଉଣ୍ଡ ୧୨୨.୩୦
- ୟୁରୋ ୧୦୬.୪୨ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୭୦୦ (ନୂଆଦିଲ୍ଲୀ)
- ରୁପା : ୨,୮୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୫୮୦.୦୦
- ନିଫ୍ଟି ୨୫,୬୯୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି
# ବଢ଼ିଲା ଚାଷୀଙ୍କ ଚିନ୍ତା

## କାହାକୁ ଛାଡ଼, କାହାକୁ ନାହିଁ

ନୂଆଦିଲ୍ଲୀ,୮।୨(ଏଜେନ୍ସି): ଭାରତ ଏବଂ ଆମେରିକା ନିକଟରେ ଘୋଷଣା କରିଛନ୍ତି ଯେ ସେମାନେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା ଅନୁଯାୟୀ ପରସ୍ପରର ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବେ। ଦୁଇ ଦେଶ ପକ୍ଷରୁ ମିଳିତ ବିବୃତ୍ତିରେ କୁହାଯାଇଛି ଯେ ଆମେରିକା ଭାରତରୁ ଉତ୍ପନ୍ନ ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କ ୧୮%କୁ ହ୍ରାସ କରିବ।

ଆମେରିକାରୁ ଆସୁଥିବା ସମସ୍ତ ଶିଳ୍ପ ସାମଗ୍ରୀ ଏବଂ କିଛି କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କିମ୍ବା ସମ୍ପୂର୍ଣ୍ଣ ଭାବରେ ସମାପ୍ତ କରାଯିବ। ଉଭୟ ଦେଶ ଏହା ମଧ୍ୟ ସହମତ ହୋଇଛନ୍ତି ଯେ ଯଦି କୌଣସି ଦେଶ ସହମତ ଶୁଳ୍କ ପରିବର୍ତ୍ତନ କରେ, ତେବେ ଅନ୍ୟ ପକ୍ଷ ମଧ୍ୟ ଏହାର ପ୍ରତିବଦ୍ଧତା ପରିବର୍ତ୍ତନ କରିପାରିବ। ଆମେରିକାର ପ୍ରତିଶୋଧମୂଳକ ନିର୍ଦ୍ଦେଶ ଟାରିଫ୍ କାର୍ଯ୍ୟନିର୍ବାହୀ ସହିତ କାର୍ଯ୍ୟକାରୀ ହେବ। ଏହା ଅଧୀନରେ, ବୟନ ଏବଂ ପୋଷାକ, ଚମଡା ଏବଂ ପାଦୁକା, ପ୍ଲାଷ୍ଟିକ୍ ଏବଂ ରବର, ଜୈବ ରାସାୟନିକ ପଦାର୍ଥ, ଗୃହ ସାଜସଜ୍ଜା ହସ୍ତଶିଳ୍ପ ଏବଂ କିଛି ଯନ୍ତ୍ରପାତି ଉପରେ ଟାରିଫ୍ ୧୫% ପର୍ଯ୍ୟନ୍ତ ବୃଦ୍ଧି ପାଇବ।



କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ଅନୁଯାୟୀ, ଆମେ ଯେଉଁଥିରେ ସ୍ୱାବଲମ୍ବୀ(କୃଷି କ୍ଷେତ୍ର), ସେଗୁଡ଼ିକୁ ଏହି ଚୁକ୍ତିରୁ ବାଦ୍ ଦିଆଯାଇଛି। କୌଣସି ଛାଡ଼ ଦିଆଯାଇ ନାହିଁ। ସେ କହିଛନ୍ତି, ଆମର ସ୍ୱାର୍ଥ ଏବଂ ଆବଶ୍ୟକତାକୁ ଧ୍ୟାନରେ ରଖି ଭାରତ ସେହି ଜିନିଷଗୁଡ଼ିକ ପାଇଁ ବଜାର ଖୋଲିଛି ଯାହା ପାଇଁ ଆମେ ଏବେ ବି ଆମଦାନୀ ଉପରେ ନିର୍ଭର କରୁ। ଆମର ପଶୁପାଳନ କ୍ଷେତ୍ର ପାଇଁ ପଶୁଖାଦ୍ୟ ଆବଶ୍ୟକ ଥିଲା। ତେଣୁ, ସେଗୁଡ଼ିକୁ ସୀମିତ ପରିମାଣରେ ଆମଦାନୀ କରାଯିବ, ଯାହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି। ସେହିପରି, ଭାରତରେ ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦିତ ହେଉ ନ ଥିବା ଜିନିଷଗୁଡ଼ିକ ପାଇଁ ବଜାର ଖୋଲିବା ଦ୍ୱାରା ପ୍ରତିଯୋଗିତା ବୃଦ୍ଧି ପାଇବ ଏବଂ ଗ୍ରାହକମାନେ ଲାଭ ପାଇବେ। ମଦ ଏବଂ ସ୍ପିରିଟ୍ ପାଇଁ ବଜାର ଖୋଲାଯାଇଛି। ସର୍ବନିମ୍ନ ଆମଦାନୀ ମୂଲ୍ୟ ମଧ୍ୟ ସ୍ଥିର କରାଯାଇଛି। ସେ କହିଛନ୍ତି, କିଛି ଜିନିଷ ଉପରେ ପର୍ଯ୍ୟାୟକ୍ରମେ ଶୁଳ୍କ ହ୍ରାସ କରାଯିବ ଏବଂ କିଛିକୁ ପ୍ରାରମ୍ଭିକ ଭାବରେ ହଟାଇ ଦିଆଯିବ।

## କପା, ସେଓ ଉପରେ ନିଷ୍ପତ୍ତି

ଭାରତ ପ୍ରାୟ ୬ ଲକ୍ଷ ଟନ୍ ସେଓ ଆମଦାନି କରେ। ସେଓ ମଧ୍ୟ ଆମେରିକାରୁ ଆସେ। ବର୍ତ୍ତମାନ, ୫୦% ଶୁଳ୍କ ସହିତ ପ୍ରତି କିଲୋଗ୍ରାମର ସର୍ବନିମ୍ନ ଆମଦାନି ମୂଲ୍ୟ ୫୦ ଟଙ୍କା ରେ ଆମଦାନି କରାଯାଏ। ଏହାର ଅର୍ଥ ହେଉଛି ମୂଲ୍ୟ ୭୫ ଟଙ୍କା ପ୍ରତି କିଲୋଗ୍ରାମରୁ କମ୍ ହୋଇପାରିବ ନାହିଁ। ସର୍ବନିମ୍ନ ଆମଦାନି ମୂଲ୍ୟ ୮୦ ଟଙ୍କା ହେବ, ୨୫% ଶୁଳ୍କ ସହିତ।

## ଦୁଗ୍ଧ ଉତ୍ପାଦକୁ ଛାଡ଼ ପାଇଛି କି ?

ଭାରତ ଅନେକ ଆମେରିକୀୟ ଖାଦ୍ୟ ଏବଂ କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବ। ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ସ୍ପଷ୍ଟ କରିଛନ୍ତି ଯେ ଦୁଗ୍ଧଜାତ ଦ୍ରବ୍ୟ ସମ୍ପର୍କରେ କୌଣସି ସର୍ତ୍ତ ସହିତ କିଛି ଖୋଲାଯା ନାହିଁ। କୌଣସି ରିଆତି ପ୍ରଦାନ କରାଯାଇ ନାହିଁ, ଅର୍ଥାତ୍ ଆମେରିକୀୟ ଦୁଗ୍ଧଜାତ ଦ୍ରବ୍ୟ ଆମଦାନୀ କରାଯିବନାହିଁ।

## ରୁଷୀୟ ତୈଳ କ୍ରୟ ପ୍ରସଙ୍ଗ

ଆମେରିକା ଭାରତ ଉପରୁ ୨୫% ଜରିମାନା ଶୁଳ୍କ ଉଠାଇ ଦେଇଛି। ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ଆମେରିକାର ଅଧିକାରୀମାନେ ରୁଷରୁ ଭାରତର ତୈଳ କ୍ରୟ ଉପରେ ନଜର ରଖିବେ, ଏବଂ ଯଦି କ୍ରୟ ହେଉଥିବା ଜଣାପଡ଼େ, ତେବେ ୨୫% ଜରିମାନା ପୁନଃ ଲାଗୁ କରାଯାଇପାରେ ଏବଂ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।

## ଆମେରିକାରୁ ୫୦୦ ବିଲିୟନ ଡଲାରର ଉତ୍ପାଦ କ୍ରୟ

ଭାରତ ଆଗାମୀ ୫ବର୍ଷ ମଧ୍ୟରେ ଆମେରିକାରୁ ତେଲ ଏବଂ ଗ୍ୟାସ, ବିମାନ ଏବଂ ବିମାନ ଅଂଶ, ସୁନା ସମେତ ମୂଲ୍ୟବାନ ଧାତୁ, ପ୍ରଯୁକ୍ତିବିଦ୍ୟା ଉତ୍ପାଦ ଏବଂ କୋକିଂ କୋଇଲା ସମେତ ୫୦୦ ବିଲିୟନ ଡଲାର ମୂଲ୍ୟର ଶକ୍ତି ଉତ୍ପାଦ କ୍ରୟ କରିବ। ଭାରତ ଏବଂ ଆମେରିକା ଡାଟା ସେଣ୍ଟରରେ ବ୍ୟବହୃତ ଗ୍ରାଫିକ୍ସ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀରେ ବାଣିଜ୍ୟ ବୃଦ୍ଧି କରିବେ।

## ଅନ୍ୟ କେଉଁ ଭାରତୀୟ ସାମଗ୍ରୀରେ ଆମେରିକା ଶୁଳ୍କ ଶୂନ୍ୟ

ଯଦି ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଅନୁଯାୟୀ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ସଫଳ ହୁଏ, ତେବେ ଭାରତରୁ ରପ୍ତାନି ହେଉଥିବା ଅନେକ ସାମଗ୍ରୀ ଉପରେ ଆମେରିକାର ଶୁଳ୍କ ଶୂନ୍ୟ ହେବ। ଏହି ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ମାର୍ଚ୍ଚ ମଧ୍ୟଭାଗ ସୁଦ୍ଧା ହୋଇପାରେ। ଏଥିରେ ଜେନେରିକ ଔଷଧ, ରତ୍ନ ପଥର ଏବଂ ହୀରା ଏବଂ ବିମାନ ଯନ୍ତ୍ରାଂଶଅନ୍ତର୍ଭୁକ୍ତ। ଗୋୟଲ୍ କହିଛନ୍ତି ଅଟୋ ଯନ୍ତ୍ରାଂଶ ଉପରେ ଶୁଳ୍କ ଶୂନ୍ୟ ହେବ, ଯେତେବେଳେ ଅନ୍ୟଗୁଡ଼ିକ ୧୮% ରହିବ।

## ଭାରତ କେଉଁ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବ?

ଆମେରିକାରୁ ଆସୁଥିବା ସମସ୍ତ ଶିଳ୍ପ ସାମଗ୍ରୀ ଉପରେ ଭାରତର ଆମଦାନୀ ଶୁଳ୍କ ଉଚ୍ଛେଦ କରାଯିବ। କର୍କଟ, ହୃଦରୋଗ, ନ୍ୟୁରୋ-ରୋଗ ଔଷଧ ଏବଂ କିଛି ଶିଶୁ ଔଷଧ ଉପରେ ମଧ୍ୟ ଶୁଳ୍କ ଉଚ୍ଛେଦ କରାଯିବ। ପ୍ରସାଧନ ସାମଗ୍ରୀ, ଜୈବ ଏବଂ ଅଜୈବ ରାସାୟନିକ ପଦାର୍ଥ, କମ୍ପ୍ୟୁଟର ସମ୍ବନ୍ଧୀୟ ଉତ୍ପାଦ ଏବଂ ଚିକିତ୍ସା ଉପକରଣ ସମେତ ଏପରି ସାମଗ୍ରୀର ଆମଦାନୀ ବର୍ତ୍ତମାନ ୨୬ ବିଲିୟନ ଡଲାର। ଗୋୟଲ କହିଛନ୍ତି ଯେ ଆମେରିକା ଧାରା ୨୩୨ ଅନୁଯାୟୀ ବିଶ୍ୱବ୍ୟାପୀ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୫୦% ଶୁଳ୍କ ଲାଗୁ କରିଛି, ଭାରତ ଉପରେ ସମାନ ଶୁଳ୍କ ଲାଗୁ କରିବ।

### କ୍ରିପ୍ଟୋ ଏକ୍ସଚେଞ୍ଜ ବାଇଥମ୍ବରେ ବଡ଼ ତ୍ରୁଟି

# ଭୁଲ୍‌ରେ ଚାଲିଗଲା ୧୫୦ କୋଟିର ବିଟ୍ କଏନ୍

ନୂଆଦିଲ୍ଲୀ,୮।୨(ଏଜେନ୍ସି): ଦକ୍ଷିଣ କୋରିଆର କ୍ରିପ୍ଟୋ ଏକ୍ସଚେଞ୍ଜ ବାଇଥମ୍ବରେ ଏକ ବଡ଼ ତ୍ରୁଟି ଘଟିଛି। ଏକ୍ସଚେଞ୍ଜ ଭୁଲବଶତଃ ଏହାର ଗ୍ରାହକମାନଙ୍କୁ କୋଟି କୋଟି ଟଙ୍କାର ବିଟ୍ କଏନ୍ ପଠାଇଥିଲା। ବାସ୍ତବରେ ବାଇଥମ୍ବ, ଶୁକ୍ରବାର ସନ୍ଧ୍ୟା ୭ଟା ସମୟରେ ଏକ ପ୍ରମୋସନାଲ୍ ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ୨୪୯ ଜଣ ଉପଭୋକ୍ତାଙ୍କ ନିକଟକୁ ଭୁଲବଶତଃ ୬୨୦,୦୦୦ ବିଟ୍ କଏନ୍ ସ୍ଥାନାନ୍ତର କରିଥିଲା। ଏହା ଏକ ବହୁତ ବଡ଼ ପରିମାଣ ଥିଲା। ପ୍ରତ୍ୟେକ ଉପଭୋକ୍ତା ହାରାହାରି ୨୪୯୦ ବିଟ୍‌କଏନ୍ ପାଇଥିଲେ, ଯାହାର ମୂଲ୍ୟ ପ୍ରାୟ ୧୬୬ନିୟୁତ ଡଲାର (ପ୍ରାୟ ୧୫୦୦ କୋଟି ଟଙ୍କା)। ଏହି ଘଟଣା ଘଟିଥିଲା ଯେତେବେଳେ ବାଇଥମ୍ବର ଜଣେ କର୍ମଚାରୀ ଏକ ପ୍ରଚାରମୂଳକ କାର୍ଯ୍ୟକ୍ରମ ପାଇଁ ଉପଭୋକ୍ତାଙ୍କ ପୁରସ୍କାର ସ୍ୱରୂପ ଭୁଲବଶତଃ "କୋରିଆନ୍ ୱନ୍" ବଦଳରେ "ବିଟିସି (ବିଟ୍ କଏନ) ୟୁନିଟ୍ ଟାଇପ୍ କରିଥିଲେ। ଏହି ତ୍ରୁଟି ଯୋଗୁଁ ବାଇଥମ୍ବରେ ବିଟ୍ କଏନର ମୂଲ୍ୟ କିଛି ସମୟ ପାଇଁ ହ୍ରାସ ପାଇଥିଲା, କାରଣ ବିଟ୍ କଏନ ପାଇଥିବା ଉପଭୋକ୍ତାମାନେ ସେଗୁଡ଼ିକୁ ବିକ୍ରି କରିବା ଆରମ୍ଭ କରିଥିଲେ।

**ଟାଇପିଂ ତ୍ରୁଟି ୨୪୯ ଗ୍ରାହକଙ୍କୁ ରାତାରାତି ବନାଇଲା କୋଟିପତି**

ଏହି ତ୍ରୁଟି ପରେ, କିଛି ଲୋକ ସେମାନେ ପାଇଥିବା ବିଟ୍ କଏନ୍ ବିକ୍ରି କରିଦେଇଥିଲେ। ଏଥିଯୋଗୁ ବିଟ୍ କଏନ୍ ମୂଲ୍ୟରେ ହଠାତ୍ ଏବଂ ତୀବ୍ର ହ୍ରାସ ଘଟିଥିଲା। ବାଇଥମ୍ବ କହିଛି ଯେ ଏହା ପ୍ରଭାବିତ ଗ୍ରାହକମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ କ୍ଷତି ପାଇଁ କ୍ଷତିପୂରଣ ଦେବ ଏବଂ ସେମାନଙ୍କୁ ଅତିରିକ୍ତ ୧୦ ପ୍ରତିଶତ କ୍ଷତିପୂରଣ ମଧ୍ୟ ପ୍ରଦାନ କରିବ। ଏକ୍ସଚେଞ୍ଜ ଏହା ମଧ୍ୟ ଘୋଷଣା କରିଛି ଯେ ସୋମବାର ମଧ୍ୟରାତ୍ରିରୁ ଆରମ୍ଭ ହେଉଥିବା ସମସ୍ତ ତାଲିକାଭୁକ୍ତ ସମ୍ପତ୍ତି ଉପରେ ବାଣିଜ୍ୟ ଶୁଳ୍କ ଏକ ସପ୍ତାହ ପାଇଁ ଛାଡ଼ କରାଯିବ। ଏକ୍ସଚେଞ୍ଜ ନିଜର ଭୁଲ ଜାଣିବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏହା ୩୫ ମିନିଟ୍ ମଧ୍ୟରେ କାରବାର ଏବଂ ଉଠାଣକୁ ସ୍ଥଗିତ ରଖିଥିଲା। ବାଇଥମ୍ବ ରିପୋର୍ଟ କରିଥିଲା ଯେ ଏହା ୬୧୮,୨୧୨ ବିଟ୍‌କଏନ ଏବଂ ବ୍ୟବହାରକାରୀଙ୍କ ଦ୍ୱାରା ବିକ୍ରି ହୋଇଥିବା ୧,୭୮୮ ବିଟକଏନର ୯୩ ପ୍ରତିଶତ ପୁନରୁଦ୍ଧାର କରିଛି। ଏହା ସତ୍ତ୍ୱେ, ବାଇଥମ୍ବ ୧୨୫ ବିଟକଏନ ପୁନରୁଦ୍ଧାର କରିବାରେ ବିଫଳ ହୋଇଥିଲା।

# ବୟନ ସାମଗ୍ରୀରେ ଟାରିଫ୍ ଅଧାରୁ ଅଧିକ ହ୍ରାସ



**ବାଂଲାଦେଶର ଚିନ୍ତା ବଢ଼ିଲା**

ନୂଆଦିଲ୍ଲୀ,୮।୨(ଏଜେନ୍ସି): ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବେ ଏସିଆ ବଜାରରେ ହଇଚଇ ସୃଷ୍ଟି କରିଛି। ଏହା ପଡ଼ୋଶୀ ବାଂଲାଦେଶର ଚିନ୍ତା ବଢ଼ାଇଛି। କାରଣ ଚୁକ୍ତିରେ ଆମେରିକା ଭାରତୀୟ ପୋଷାକ ଏବଂ ବୟନ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ (ଟାରିଫ୍) ଅଧାରୁ ଅଧିକ ହ୍ରାସ କରିଛି। ପୂର୍ବରୁ ଭାରତୀୟ ସାମଗ୍ରୀ ଉପରେ ୫୦% ଟିକସ ଲାଗୁଥିଲା, ଏବେ ଏହାକୁ ମାତ୍ର ୧୮% ହ୍ରାସ କରାଯାଇଛି। ବିଶେଷଜ୍ଞଙ୍କ କହିବା ଅନୁସାରେ, ଆମେରିକାର ଏହି ଏକକ ନିଷ୍ପତ୍ତି ବାଂଲାଦେଶ ପାଇଁ ଘାଟା ସାବ୍ୟସ୍ତ ହେବ। କାରଣ ବୟନ ଶିଳ୍ପ ବାଂଲାଦେଶ ଆୟର ମୁଖ୍ୟ ଉତ୍ସ।

ଏହି ଚୁକ୍ତିର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଅନ୍ୟ ଦେଶର ବସ୍ତ୍ର ତୁଳନାରେ ଭାରତୀୟ ବସ୍ତ୍ର ଏବେ ଆମେରିକାରେ ସବୁଠାରୁ ଶସ୍ତା ହେବ। ପରିସଂଖ୍ୟାନକୁ ଦେଖିଲେ, ନୂତନ ଶୁଳ୍କ ବ୍ୟବସ୍ଥା ଭାରତକୁ ଗୁରୁତ୍ୱପୂର୍ଣ୍ଣ ଲାଭ ଦେବ। ଭାରତୀୟ ସାମଗ୍ରୀ ଉପରେ ଏବେ ୧୮% ଟିକସ ଲାଗୁ ହେବ, ଯାହା ବାଂଲାଦେଶୀ ସାମଗ୍ରୀ ଉପରେ ୨୦%, ଭିଏତନାମ୍‌ସାମଗ୍ରୀ ଉପରେ ୨୦% ଏବଂ ଚୀନ୍ ସାମଗ୍ରୀ ଉପରେ ୩୦% ଟିକସ ଲାଗୁ ହେବ। ୧୯% ସହିତ ପାକିସ୍ତାନ ମଧ୍ୟ ଭାରତଠାରୁ ପଛରେ ପଡ଼ିଯାଇଛି। ବୟନ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ବିଶ୍ୱର ପ୍ରମୁଖ କ୍ରେତାମାନେ ଭାରତରୁ କମ୍ ଟିକସରେ ଗୁଣାତ୍ମକ ସାମଗ୍ରୀ ପାଇପାରିବେ। ଫଳରେ ସେମାନେ ସେମାନେ ବାଂଲାଦେଶ କିମ୍ବା ଚୀନରୁ ସାମଗ୍ରୀ କିଣା କମ୍ କରିବେ। ଯାହାର ସିଧାସଳଖ ଫାଇଦା ପାଇବେ ଭାରତୀୟ ରପ୍ତାନିକାରୀ। ଏମିତିରେ ଏହା ବାଂଲାଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଘାତ ହୋଇପାରେ। କାରଣ ପୂର୍ବରୁ ୟୁରୋପୀୟ ସଂଘ ସହିତ ଭାରତର ଚୁକ୍ତି ଯୋଗୁ ବାଂଲାଦେଶ ଚାପରେ ଥିଲା। ସୂଚନାଥାଉକି, ଆମେରିକା ବିଶ୍ୱର ସବୁଠାରୁ ବଡ଼ ବଜାର। ଏହାର କପଡ଼ା ବଜାର ପ୍ରାୟ ୧୧୮ ବିଲିୟନ ଡଲାରର। ହେଲେ ଅଧିକ ଟିକସ ଯୋଗୁ ଭାରତ ଏପର୍ଯ୍ୟନ୍ତ ଏହି ବଜାରରେ ନିଜର ଶକ୍ତି ପୂର୍ଣ୍ଣ ଭାବରେ ପ୍ରଦର୍ଶନ କରିପାରି ନଥିଲା। ତଥାପି, ୱାଶିଂଟନ ସହ ଏହି ଚୁକ୍ତି ଭାରତ ପାଇଁ ଦ୍ୱାର ଖୋଲିଛି। ଭାରତ ପୂର୍ବରୁ ପ୍ରାୟ ୧୦.୫ ବିଲିୟନ ଡଲାର ମୂଲ୍ୟର କପଡ଼ା ଆମେରିକାକୁ ରପ୍ତାନି କରୁଛି। କିନ୍ତୁ ଏବେ ଛାଡ଼ ପରେ ଏହି ପରିମାଣ ବହୁ ଗୁଣ ବୃଦ୍ଧି ପାଇବାର ଆଶା କରାଯାଉଛି। ସରକାର ୨୦୩୦ ସୁଦ୍ଧା ୧୦୦ ବିଲିୟନ ଡଲାର ରପ୍ତାନି ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ଏବଂ ଏହି ଚୁକ୍ତି ମଧ୍ୟ ଲକ୍ଷ୍ୟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ





ଭୁବନେଶ୍ୱର,୮।୨(ସମିସ) : ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡ଼ିକୁ ସମୟୋପଚିତ ଋଣ, ଆର୍ଥିକ ସହାୟତା ଓ କ୍ଷେତ୍ର ଉପଯୋଗୀ ସମାଧାନ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ସହ ବିସ୍ତାରିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ସିଡିଏସ୍ଥିତ ଜନ ଶିକ୍ଷଣ ସଂସ୍ଥାଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓର ନିର୍ଦ୍ଦେଶକ ପି.କେ ଗୁପ୍ତା, କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଡି ଏସ୍ ରାଠୋର, ଡିଆଇସି ଉପ-ମହାପ୍ରବନ୍ଧକ ମନୋଜ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାରଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଏବଂ ସମ୍ଭାବ୍ୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୧୦୩ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା।

## ନୂଆ ଆୟକର ଆଇନ ଚିଠା ଜାରି

ନୂଆଦିଲ୍ଲୀ,୮।୨(ଏଜେନ୍ସି): ଆୟକର ବିଭାଗ ପକ୍ଷରୁ ଆୟକର ନିୟମ ୨୦୨୬ର ଏକ ନୂତନ ଚିଠା ପ୍ରକାଶ କରାଯାଇଛି। ଏହି ନୂତନ ନିୟମଗୁଡ଼ିକ ଆସନ୍ତା ଆର୍ଥିକବର୍ଷ ବା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ। ସରକାର ଟିକସ ଦାଖଲ ପ୍ରକ୍ରିୟାକୁ ସରଳ କରିବା ଏବଂ ସାଧାରଣ କରଦାତାଙ୍କ ପାଇଁ ନିୟମଗୁଡ଼ିକୁ ସହଜ କରିବାକୁ ଲକ୍ଷ୍ୟ ରଖିଛନ୍ତି। ନୂତନ ପ୍ରସ୍ତାବିତ ଚିଠାରେ ନିୟମ ଏବଂ ଫର୍ମ ସଂଖ୍ୟା ମଧ୍ୟ ହ୍ରାସ କରାଯାଇଛି। ପ୍ରଚଳିତ ଆୟକର ନିୟମ, ୧୯୬୨ ରେ ମୋଟ ୫୧୧ ନିୟମ ଏବଂ ୩୯୯ ଫର୍ମ ଥିଲା। ନୂତନ ଚିଠାରେ ଏହାକୁ ମାତ୍ର ୩୩୩ ନିୟମ ଏବଂ୧୯୦ ଫର୍ମକୁ ହ୍ରାସ କରାଯାଇଛି। ବିଭାଗ ଏପରି ବ୍ୟବସ୍ଥାଗୁଡ଼ିକୁ ହଟାଇ ଦେଇଛି ଯାହାର ଆଉ ଆବଶ୍ୟକତା ନ ଥିଲା ଏବଂ ଅନେକ ସମାନ ନିୟମକୁ ଏକୀକୃତ କରିଛି। ଏହା ଟିକସ ବ୍ୟବସ୍ଥାର ଜଟିଳତାକୁ ହ୍ରାସ କରିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କ ବଜେଟ ଭାଷଣ ସମୟରେ କହିଥିଲେ ଯେ ଆୟକର ନିୟମ ଏବଂ ଫର୍ମଗୁଡ଼ିକୁ ସରଳ କରାଯିବ ଯାହା ଦ୍ୱାରା ସାଧାରଣ ନାଗରିକମାନେ କୌଣସି ଅସୁବିଧା ବିନା ସେଗୁଡ଼ିକୁ ଅନୁସରଣ କରିପାରିବେ।

## ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ମହିଳାଙ୍କ ଉତ୍କୃଷ୍ଟ ପ୍ରଦର୍ଶନ



ଭୁବନେଶ୍ୱର, ୮।୨ (ସମିସ): ଭାରତୀୟ ରେଳବାଇର ବିଭିନ୍ନ ୟୁନିଟ୍ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ଦୁଇ ମହିଳା ଖେଳାଳି କୋଲକାତାରେ ଅନୁଷ୍ଠିତ ୫୪ତମ ଅଲ୍ ଇଣ୍ଡିଆ ରେଲୱେ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ମହିଳା କଳାତ୍ମକ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) ବର୍ଗରେ ସ୍ୱର୍ଣ୍ଣ ଏବଂ ତ୍ରିପଲ୍ କାଂସ୍ୟ ପଦକ ହାସଲ କରିଛନ୍ତି। ଡବ୍ଲ୍ୟୁଏଜି ବର୍ଗରେ ଚିତ୍ତରଞ୍ଜନ ଲୋକୋମୋଟିଭ୍ ୱାର୍କ୍ସ ପ୍ରତିନିଧିତ୍ୱ କରୁଥିବା ପ୍ରଣତି ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିବା ପାଇଁ ଅସାଧାରଣ ନିୟନ୍ତ୍ରଣ, କଷ୍ଟକରତା ଏବଂ କାର୍ଯ୍ୟାନ୍ୱୟନ ପ୍ରଦର୍ଶନ କରିଛନ୍ତି। ଡବ୍ଲ୍ୟୁଏଜି ବର୍ଗରେ ଦକ୍ଷିଣ ପୂର୍ବ ରେଳବାଇରୁ ପ୍ରତିନିଧିତ୍ୱ କରୁଥିବା କରିଶ୍ମା ଏକ ଅସାଧାରଣ ଚାମ୍ପିଅନସିପ୍ ହାସଲ କରିଥିଲେ, ବିଭିନ୍ନ ଇଭେଣ୍ଟରେ ତିନୋଟି କାଂସ୍ୟ ପଦକ ହାସଲ କରିଥିଲେ। ପ୍ରଣତି ଏବଂ କରିଶ୍ମାଙ୍କ ଦୃଢ଼ ପ୍ରଦର୍ଶନ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଭୂମିକାକୁ ପୁନଃନିର୍ଦ୍ଦିଷ୍ଟ କରୁଛି।

# ଭାରତୀୟ କମ୍ପାନୀଙ୍କୁ ସାଇବର ଆକ୍ରମଣ ଭୟ
## ଡାଟା ଚୋରି ଓ ଏଆଇକୁ ନେଇ ଶିଳ୍ପ ଜଗତ ଚିନ୍ତାରେ

ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ସମ୍ପ୍ରତି ସାଇବର ଆକ୍ରମଣ ଏବଂ ଡାଟା ଚୋରି ଭାରତୀୟ କମ୍ପାନୀଗୁଡିକ ପାଇଁ ସବୁଠାରୁ ବଡ଼ ମୁଣ୍ଡବିନ୍ଧାର କାରଣ ପାଲଟିଛି। 'ଫକି ଇଓ୍ୱାଇ ରିସ୍କ ସର୍ଭେ ୨୦୨୬'ର ଏକ ନୂତନ ରିପୋର୍ଟରେ ଏହି ଆଶ୍ଚର୍ଯ୍ୟଜନକ ରିପୋର୍ଟ ସମ୍ପର୍କରେ ଖୁଲାସା ହୋଇଛି। ରିପୋର୍ଟ ଅନୁଯାୟୀ, ଅଧାରୁ ଅଧିକ ଭାରତୀୟ ବ୍ୟବସାୟୀ ସାଇବର ସୁରକ୍ଷାକୁ ସେମାନଙ୍କ କମ୍ପାନୀର ଅଭିବୃଦ୍ଧିରେ ସବୁଠାରୁ ବଡ଼ ପ୍ରତିବନ୍ଧକ ବୋଲି ମାନିଛନ୍ତି। ପ୍ରକାଶିତ ସର୍ଭେ ରିପୋର୍ଟ ଅନୁଯାୟୀ, ପ୍ରାୟ ୫୧ ପ୍ରତିଶତ ବରିଷ୍ଠ କାର୍ଯ୍ୟନିର୍ବାହୀ ସ୍ୱୀକାର କରିଛନ୍ତି ଯେ ସାଇବର ଉଲ୍ଲଂଘନ ଏବଂ ଡିଜିଟାଲ୍ ଆକ୍ରମଣ ଏହି ସମୟରେ ସେମାନଙ୍କ ପାଇଁ ସବୁଠାରୁ ବଡ଼ ବିପଦ। ଏହା ପଛକୁ ପରିବର୍ତ୍ତନଶୀଳ ଗ୍ରାହକ ଚାହିଦା (୪୯% ପ୍ରତିଶତ) ଏବଂ ବିଶ୍ୱ ଭୂ-ରାଜନୈତିକ ଅସ୍ଥିରତା (୪୮% ପ୍ରତିଶତ) ସେମାନଙ୍କ ବ୍ୟବସାୟ ପାଇଁ ସବୁଠାରୁ ବଡ଼ ଆହ୍ୱାନ ଭାବରେ ଦେଖାଯାଉଛି।

ସର୍ଭେରେ ସାମିଲ ହୋଇଥିବା ୬୧ ପ୍ରତିଶତ ଶିଳ୍ପ ନେତୃବୃନ୍ଦ କହିଛନ୍ତି ଯେ ପ୍ରଯୁକ୍ତିବିଦ୍ୟାରେ ଦ୍ରୁତ ପରିବର୍ତ୍ତନ ଏବଂ ଡିଜିଟାଲ୍ ବ୍ୟାଘାତ ସେମାନଙ୍କ ବଜାର ସ୍ଥିତିକୁ ପ୍ରଭାବିତ କରୁଛି। ସମାନ ସଂଖ୍ୟକ ଲୋକ ବିଶ୍ୱାସ କରନ୍ତି ଯେ ସାଇବର ଆକ୍ରମଣ କେବଳ ଆର୍ଥିକ କ୍ଷତିର କାରଣ ନୁହେଁ ବରଂ ଏକ କମ୍ପାନୀର ପ୍ରତିଷ୍ଠାକୁ ମଧ୍ୟ ଗୁରୁତର ଭାବରେ ନଷ୍ଟ କରିଥାଏ। ରିପୋର୍ଟରେ କୁହାଯାଇଛି ଯେ ୫୭ ପ୍ରତିଶତ ଶିଳ୍ପ ନେତୃବୃନ୍ଦ ତଥ୍ୟ ଚୋରି ଏବଂ କମ୍ପାନୀ ଭିତରେ ହେଉଥିବା ଠକେଇ ବିଷୟକୁ ନା ।ଇେ ଚିନ୍ତିତ, ଯେତେବେଳେ କି ୪୭ ପ୍ରତିଶତ ବିଶ୍ୱାସ କରନ୍ତି ଯେ ସାଇବର ବିପଦର ପରିବର୍ତ୍ତିତ ଏବଂ ଜଟିଳ ପ୍ରକୃତି ସହିତ ମୁକାବିଲା କରିବା କ୍ରମଶଃ କଷ୍ଟକର ହେଉଛି। ଆଜିକାଲି ସବୁଠି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିଷୟରେ ଆଲୋଚନା ହେଉଛି, କିନ୍ତୁ ଏହା ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଏକ ଦୁଇଧାର ଥିବା ଖଣ୍ଡା ପ୍ରମାଣିତ ହେଉଛି।



ସର୍ଭେ ଅନୁଯାୟୀ, ୬୦ ପ୍ରତିଶତ କମ୍ପାନୀ ଭୟ କରୁଛନ୍ତି ଯେ ଯଦି ସେମାନେ ଏଆଇ ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ ନ କରନ୍ତି, ତେବେ ସେମାନେ ସେମାନଙ୍କର କାର୍ଯ୍ୟରେ ପଛରେ ପଡ଼ିଯିବେ। ଏହି ସମୟରେ, ୫୪ ପ୍ରତିଶତ ବିଶ୍ୱାସ କରନ୍ତି ଯେ ଏଆଇ ସହିତ ଜଡିତ ବିପଦ, ଯେପରିକି ନୈତିକ ସମସ୍ୟା ଏବଂ ପ୍ରଶାସନିକ କାର୍ଯ୍ୟ ସଠିକ୍ ଭାବରେ ପରିଚାଳିତ ହେଉନାହିଁ। ପ୍ରଯୁକ୍ତିବିଦ୍ୟା ବ୍ୟତୀତ, କମ୍ପାନୀଗୁଡ଼ିକ ଯୋଗ୍ୟ କର୍ମଚାରୀଙ୍କ ଅଭାବର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ପ୍ରାୟ ୬୪ ପ୍ରତିଶତ କାର୍ଯ୍ୟନିର୍ବାହୀ ବିଶ୍ୱାସ କରନ୍ତି ଯେ ଦକ୍ଷ କର୍ମଚାରୀଙ୍କ ଅଭାବ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିପାରେ, ଯେତେବେଳେ କି ୫୯ ପ୍ରତିଶତ ଦୁର୍ବଳ ଉତ୍ତରାଧିକାର ଯୋଜନାକୁ ସ୍ଥାୟୀତ୍ୱ ପାଇଁ ବିପଦ ବୋଲି ବିଚାର କରନ୍ତି। ଏହି ପରିବର୍ତ୍ତିତ ସମୟ ଉପରେ ମତାମତ ଦେଇ, ଫିକିର ରାଜୀବ ଶର୍ମା କହିଛନ୍ତି ଯେ ବିପଦଗୁଡ଼ିକୁ ବର୍ତ୍ତମାନ ଏକ ରଣନୀତିର ଅଂଶ ଭାବରେ ସମାଧାନ କରାଯାଉଛି, ଏକ ଘଟଣା ଭାବରେ ନୁହେଁ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଟକି ଥିବା କାର୍ଯ୍ୟ ପୂରଣ କରିବେ। ଆପଣଙ୍କ ପାଇଁ ସମୟ ବହୁତ ଭଲ। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ।

**ବୃଷ:** ନୂତନ ବ୍ୟବସାୟ ପାଇଁ ଭଲ ସମୟ। କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କଠାରୁ ପ୍ରଶଂସିତ ହେବେ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ:** ଆର୍ଥିକ ମାମଲାରେ ସାବଧାନ ରହିବେ। କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଆୟ ଅନୁସାରେ ବ୍ୟୟ ହେବ। ଅକସ୍ମାତ୍ ଧନ ଲାଭ ଯୋଗ ରହିଛି। ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ। ଜୀବନସାଥୀଙ୍କଠାରୁ ମୂଲ୍ୟବାନ ଉପହାର ପାଇପାରନ୍ତି।

**କର୍କଟ:** ମନ ଭିତରେ ଯାହା କିଛି ଭାବୁଛନ୍ତି ତାହାକୁ ପ୍ରକାଶ କରନ୍ତୁ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସମୟର ସଦୁପଯୋଗ କରନ୍ତୁ। ପାରିବାରିକ କଳହ ସମାପ୍ତ ହେବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ପୁରୁଣା ବନ୍ଧୁ ମିଳନ ଯୋଗ ରହିଛି। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି। ଉଧାର ଟଙ୍କା ଫେରି ପାଇବେ। କାର୍ଯ୍ୟରୁ ସଫଳତା ମିଳିବ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ନିଜ ବ୍ୟକ୍ତିଗତ ମାମଲା ବିଷୟରେ ପରିବାର ଲୋକଙ୍କ ସହ ଆଲୋଚନା କରନ୍ତୁ। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ। ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ। ଲୋକ ସମ୍ପର୍କ ବଢ଼ିବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ଜମି କ୍ରୟ କରିପାରନ୍ତି।

**ମକର:** ଆପଣଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବ। ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଅନ୍ୟକୁ ଉଧାର ଦେଇ ଠକିପାରନ୍ତି। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ପାରିବାରିକ ମତଭେଦ ଦେଖା ଦେବ। ଅନ୍ୟକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

## ଆଜିର ଇତିହାସ

- ୧୮୦୧ - ଫ୍ରାନ୍ସ - ଅଷ୍ଟ୍ରିଆ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ୧୯୩୧- ଭାରତରେ କୌଣସି ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ପ୍ରଥମ ଥର ଡାକଟିକଟ ଜାରି କରାଗଲା।
- ୧୯୭୧ - ମହାକାଶଯାନ ଆପୋଲୋ ୧୪ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କଲା।
- ୨୦୧୬- ଜର୍ମାନୀରେ ଦୁଇଟି ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ୧୨ ମୃତ, ୮୫ ଆହତ।



## ୨୦୨୭ରେ 'ଆନିମଲ ପାର୍କ'ର ସୁଟିଂ

ବଲିଉଡ୍ ଅଭିନେତା ରଣବୀର କପୁର ଓ ବବି ଦେଓ୍ୱଲଙ୍କ ଫିଲ୍ମ 'ଆନିମଲ' (୨୦୨୩) ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ଦର୍ଶକେ ଏହାର ସିକ୍ୱେଲକୁ ଅପେକ୍ଷା କରିଛନ୍ତି। ଏହାର ସିକ୍ୱେଲର ଟାଇଟଲ୍ ରହିଛି 'ଆନିମଲ ପାର୍କ'। ସନ୍ଦୀପ ରେଡ୍ଡି ଭାଙ୍ଗା ଏହାର ନିର୍ଦ୍ଦେଶନା ଦେବେ। ନିକଟରେ ଫିଲ୍ମର ସୁଟିଂକୁ ନେଇ ସନ୍ଦୀପ ସୂଚନା ଦେଇଛନ୍ତି। ଆସନ୍ତାବର୍ଷ ମଧ୍ୟ ଆଡ଼କୁ ଫିଲ୍ମର ସୁଟିଂ ଆରମ୍ଭ ହୋଇପାରେ ବୋଲି ସନ୍ଦୀପ କହିଛନ୍ତି। 'ଆନିମଲ ପାର୍କ' ଏହାର ପ୍ରଥମ ପାର୍ଟ ଅପେକ୍ଷା ଆହୁରି ହିଂସାତ୍ମକ ହେବ ବୋଲି ମଧ୍ୟ ସେ କହିଛନ୍ତି। ଏଥିରେ ରଣବୀର କପୁର ଡବଲ ରୋଲ(ହିରୋ, ଖଳନାୟକ)ରେ ନଜର ଆସିବେ। ସନ୍ଦୀପ ଏବେ ପ୍ରଭାସଙ୍କ ଅଭିନୀତ 'ସ୍ପିରିଟ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ସୁଟିଂ ସରିବା ପରେ ହିଁ ସେ 'ଆନିମଲ ପାର୍କ'ର ସୁଟିଂ ଆରମ୍ଭ କରିବେ ବୋଲି କହିଛନ୍ତି। ଏଥିରେ ରଣବୀରଙ୍କ ସହ ରଶ୍ମିକା ମନ୍ଦାନା ଓ ତ୍ରିପ୍ତି ଦିମ୍ରି ମଧ୍ୟ ଦେଖାଯିବେ। ରଣବୀରଙ୍କ କାମ କଥା କହିବାକୁ ଗଲେ ସେ ଏବେ ନୀତେଶ ତିୱାରିଙ୍କ 'ରାମାୟଣ'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାବାଦ୍ ସେ ସଞ୍ଜୟ ଲୀଳା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍'ରେ ମଧ୍ୟ କାମ କରୁଛନ୍ତି।

## ମଣିଷଙ୍କ ଭଳି ହାବଭାବ ଦେଖାଉଥିବା ରୋବଟ୍

ଚୀନ୍ ଶଂଘାଇରେ ରୋବଟିକ୍ସ କମ୍ପାନି ଡ୍ରଏଡ୍‌ଅପ୍ ଏକ ବିଶେଷ ପ୍ରକାର ହ୍ୟୁମାନଏଡ୍ ରୋବଟ୍‌କୁ ପରିଚିତ କରାଇଛି। ଏହାର ନାଁ ମୋୟା। କମ୍ପାନି ପକ୍ଷରୁ ଦାବି କରାଯାଇଛି ଯେ, ଏହି ରୋବଟ୍ କେବଳ ଯେ ମଣିଷଙ୍କ ଭଳି ଚଲାବୁଲା କରୁଛି ତାହା ନୁହେଁ ବରଂ ଲୋକଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ଆଖିରେ ଆଖି ମିଶେଇ ଥାଏ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ମୋୟା କେବଳ ଡିଜିଟାଲ ଦୁନିଆରେ କାମ କରିବାର ଏକ ସିଷ୍ଟମ ନୁହେଁ, ବରଂ ଏହା ବାସ୍ତବ ଦୁନିଆକୁ ଅନୁଭବ କରିପାରିବ, ବୁଝିପାରିବ ଏବଂ ସେହି ହିସାବରେ ପ୍ରତିକ୍ରିୟା ଦେଇପାରିବ। ଏହାର ଅର୍ଥ ସେ ତା' ଆଖପାଖ ଜିନିଷକୁ ବୁଝି ସେହି ହିସାବରେ ପ୍ରତିକ୍ରିୟା ରଖିବ। ତେଣୁ ଏହାକୁ ପାରମ୍ପରିକ ରୋବଟ୍‌ଠାରୁ ଅତ୍ୟାଧୁନିକ ବୋଲି କୁହାଯାଉଛି। ସେହିପରି ଏହି ରୋବଟ୍ ହସିବା, ମୁଣ୍ଡ ହଲାଇବା, ଆଖିରେ ଇସାରା ଦେବା ଏବଂ ମଣିଷ ଭଳି ଚାଲୁଥିବାର ଦେଖାଯାଇଛି। କମ୍ପାନିର କହିବା କଥା ଏହା ମଣିଷର ଅତି ଛୋଟ ହାବଭାବକୁ ନକଲ କରିପାରେ। ଏହାର ଉଚ୍ଚତା ୫.୫ ଫୁଟ ଏବଂ ଓଜନ ୩୨ କିଲୋଗ୍ରାମ୍। ଏହାକୁ ଜଣେ ପ୍ରାପ୍ତ ବୟସ୍କ ମଣିଷ ଶରୀର ଅନୁପାତରେ ଡିଜାଇନ୍ କରାଯାଇଛି। ସେହିପରି ଏହାର ଶରୀରର ତାପମାତ୍ରା ୩୨-୩୬ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ରଖାଯାଇଛି। ଯଦ୍ୱାରା ଏହା ମଣିଷ ସହିତ କଥାବାର୍ତ୍ତା କରିବା ବେଳେ ଯେମିତି ଅଧିକ ଜୀବନ୍ତ ଲାଗିବ। କେବଳ ସେତିକି ନୁହେଁ, ଏହାର ଚାଲିବା ଶୈଳୀ ୯୨ ପ୍ରତିଶତ ମଣିଷଙ୍କ ଭଳି। ଅନ୍ୟପଟେ କମ୍ପାନି ଏହାକୁ କେବଳ ଘର କାମ ପାଇଁ ନୁହେଁ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ବ୍ୟବହାର କରିବାକୁ ଇଚ୍ଛା ରଖିଛି। ଏହିବର୍ଷ ଶେଷ ସୁଦ୍ଧା ଏହାକୁ ଲଞ୍ଚ୍ କରାଯାଇପାରେ। ଏହାର ଦାମ୍ ଭାରତୀୟ ମୁଦ୍ରାରେ ପାଖାପାଖି ସାତ ଲକ୍ଷ ଟଙ୍କା। ଏଯାବତ୍ କମ୍ପାନି ପକ୍ଷରୁ ଏହାର ଦାମ୍ ଓ ଉପଲବ୍ଧତା ବିଷୟରେ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନାହିଁ।



## ଗୋଲାପି ଜଳ

କେରଳରେ ପିଇବାକୁ ଦିଆଯାଉଥିବା ଗୋଲାପି ରଙ୍ଗ ପାଣିକୁ ଦେଖି ଅନେକ ଆଶ୍ଚର୍ଯ୍ୟ ହୋଇଥାନ୍ତି। ଜଣେ ଇନଷ୍ଟାଗ୍ରାମ୍ ବ୍ୟବହାରକାରୀ ଏହାର ଏକ ଭିଡିଓ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ତା'ସହ ଗୋଲାପି ଜଳକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହା କୌଣସି ରସାୟନ ଯୁକ୍ତ ପାଣି ନୁହେଁ, ବରଂ ଏହା କେରଳର ପ୍ରାଚୀନ ପରମ୍ପରାର ଏକ ଅଂଶ। ଏହି ଗୋଲାପି ପାଣି ପଥିମୁଗମ ନାମକ ଏକ ବିଶେଷ ଗଛର ଛାଲରୁ ପ୍ରସ୍ତୁତ ହୋଇଥାଏ। ଏହାକୁ ଇଂରାଜୀରେ ଇଷ୍ଟ ଇଣ୍ଡିଆନ୍ ରେଡ୍ ଉଡ୍ କୁହାଯାଏ। ଏହା ଏକ ଛୋଟ ଗଛ। କେରଳର ଉଷ୍ମ ଏବଂ ଆର୍ଦ୍ର ଜଳବାୟୁରେ ଏହା ବଢ଼ିଥାଏ। ତେଣୁ ଏଠାରେ ପ୍ରତ୍ୟେକ ଘରେ ଏହା ଦେଖିବାକୁ ମିଳିଥାଏ। ଏହି ଗଛର ଛାଲିକୁ ପାଣିରେ ପକାଇ ଫୁଟାଇଲେ, ଏହା ପ୍ରାକୃତିକ ଭାବେ ଗୋଲାପି ରଙ୍ଗର ହୋଇଯାଇଥାଏ। ଏହି ରଙ୍ଗ ବ୍ରାଜିଲିନ ନାମକ ଏକ ପ୍ରାକୃତିକ ତତ୍ତ୍ୱରୁ ସୃଷ୍ଟି ହୋଇଥାଏ। ତେଣୁ ଏହାକୁ କେରଳରେ ଆୟୁର୍ବେଦିକ ପାଣି ବା ପଥିମୁଗମ ଜଳ ବୋଲି କୁହାଯାଏ। ସୁନ୍ଦର ଦିଶିବା ପାଇଁ ଏହାକୁ ପିଆ ଯାଏ ନାହିଁ, ବରଂ ଏହାର ଅନେକ ସ୍ୱାସ୍ଥ୍ୟ ଉପକାରିତା ଅଛି। ବିଶେଷକରି କେରଳ ଗ୍ରାମାଞ୍ଚଳର ଲୋକେ ଏହି ପାଣିକୁ ସବୁଦିନ ଫୁଟାଇ ପିଅନ୍ତି। ମନ୍ଦିର ତଥା ପାରମ୍ପରିକ ହୋଟେଲରେ ବି ଏହି ପାଣି ପରଷା ଯାଏ। ସେହିପରି ମିଠା ପାନୀୟ ସ୍ଥାନରେ ଏହା ଏକ ସୁନ୍ଦର ସ୍ୱାସ୍ଥ୍ୟ ବିକଳ୍ପ। ଏହା ରକ୍ତ ଶୋଧକର କାମ କରିଥାଏ। ଶରୀରକୁ ଶୀତଳତା ପ୍ରଦାନ କରେ। ପାଚନ କ୍ରିୟାକୁ ଭଲ କରିଥାଏ। ଗ୍ୟାସ୍ ତଥା ପେଟ ସମସ୍ୟା ଦୂର କରେ। ଏହାବାଦ୍ ବ୍ରଣ ଭଲ କରିବା ସହ ତ୍ୱଚାରେ ଚମକ ଆଣେ। କେବଳ ସେତିକି ନୁହେଁ, ଏହା କିଡ୍‌ନୀ, କୋଲେଷ୍ଟ୍ରଲ, ମଧୁମେହ, ଅର୍ଶ ଲାଗି ମଧ୍ୟ ଉପକାରୀ। କିଛି ଗବେଷଣାନୁସାରେ, ଏହା କର୍କଟ ଭଳି ରୋଗ ଲାଗି ବି ଲାଭକାରୀ ହୋଇପାରେ। ଏହାର ସ୍ୱାଦ ମିଠା ହୋଇ ନଥାଏ। ଅନେକ ସ୍ୱାଦ ବୃଦ୍ଧି ଲାଗି ଏଥିରେ ଅଦା, ଗୁଜୁରାତି, ପାନମଧୁରି ଆଦି ମିଶାନ୍ତି। ଅନ୍ୟପଟେ ଏହାକୁ ସକାଳୁ ଖାଲି ପେଟରେ ପିଇବା ଶରୀର ପାଇଁ ହିତକର।



## କୁମ୍ଭ ସଂକ୍ରାନ୍ତିରେ କ'ଣ ଦାନ କରିବେ

**ସୂର୍ଯ୍ୟ ଦେବ ମକର ରାଶିରୁ ବାହାରି କୁମ୍ଭ ରାଶିକୁ ପ୍ରବେଶ କରିବାକୁ କୁମ୍ଭ ସଂକ୍ରାନ୍ତି କୁହାଯାଏ। ଏହି ଅବସରରେ ପବିତ୍ର ନଦୀରେ ସ୍ନାନ ଓ ଦାନର ବିଶେଷ ମହତ୍ତ୍ୱ ଅଛି। କୁହାଯାଏ, ଏଭଳି କରିବା ଦ୍ୱାରା ମୋକ୍ଷ ପ୍ରାପ୍ତି ହୁଏ। ଏହିଦିନ ପୂଜା ପାଠ କରିବା ଦ୍ୱାରା ସୁଖ ଓ ସୌଭାଗ୍ୟ ପ୍ରାପ୍ତି ହୁଏ।**

- ଏହିଦିନ ରାଶି ଦାନ କରିବା ବେଶ୍ ଶୁଭ। ରାଶି ଦାନ କରିବା ଦ୍ୱାରା ସୂର୍ଯ୍ୟ ଦେବଙ୍କ ସହିତ ଶନି ଦେବଙ୍କ କୃପା ମଧ୍ୟ ପ୍ରାପ୍ତି ହୁଏ।
- ତମ୍ବାକୁ ସୂର୍ଯ୍ୟଙ୍କ ଧାତୁ ବୋଲି କୁହାଯାଏ। ତମ୍ବା ବାସନ ଦ୍ୱାରା ଜାତକରେ ସୂର୍ଯ୍ୟଙ୍କ ସ୍ଥିତି ମଜଭୁତ ହୁଏ। ଏହାଦ୍ୱାରା ଶୁଭ ପରିଣାମ ପ୍ରାପ୍ତି ହୁଏ। ତେବେ ତମ୍ବା ବାସନ ସହ ନାଲି ଫୁଲ, ସିନ୍ଦୂର, ଅକ୍ଷତ ଏବଂ ଗୁଡ଼ ପକାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦ୍ୱାରା ମାନ-ସମ୍ମାନ ଓ ଆରୋଗ୍ୟ ପ୍ରାପ୍ତି ହୁଏ।
- ହିନ୍ଦୁ ପୁରାଣ ଅନୁସାରେ, ସୂର୍ଯ୍ୟ ଦେବଙ୍କ ପ୍ରିୟ ନାଲି ରଙ୍ଗ। ଏଣୁ ଏହିଦିନ ନାଲି ବସ୍ତ୍ର ଦାନ ଶୁଭଦାୟକ। ଏଭଳି କରିବା ଦ୍ୱାରା କୁଣ୍ଡଳିରେ ଥିବା ମଙ୍ଗଳଦୋଷ ଦୂର ହୋଇଥାଏ।
- ଏହି ଅବସରରେ ଅସହାୟ ତଥା ଗରିବଙ୍କୁ ଅନ୍ନଦାନ କରିବା ଜରୁରି। ଏହା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ ଏବଂ ଦରିଦ୍ରତା ଦୂର ହୁଏ।
- କୁମ୍ଭ ସଂକ୍ରାନ୍ତିରେ ଗୁଡ଼ ଦାନ କରିବା ଦରକାର। ଏହା ଦ୍ୱାରା ସମସ୍ତ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୁଏ।



## ଆସ୍ଥା

## ମହାଦେବଙ୍କ ପ୍ରିୟ ପୁଷ୍ପ

**ଭଗବାନ ଶିବଙ୍କ ପ୍ରିୟ ବେଲପତ୍ର ହୋଇଥିବା ବେଳେ କିଛି ଫୁଲ ଏଭଳି ଅଛି, ଯାହାକୁ ମହାଦେବ ଖୁବ୍ ପସନ୍ଦ କରନ୍ତି। ଏହିସବୁ ପୁଷ୍ପ ଶିବଙ୍କୁ ଅର୍ପଣ କରିବା ଦ୍ୱାରା ତାଙ୍କ କୃପା ପ୍ରାପ୍ତି ହୁଏ।**

- ଦୁଦୁରା ଫୁଲ ଶିବଙ୍କୁ ଲାଗି କରିବା ଶୁଭ। ଏହାକୁ ଅର୍ପଣ କଲେ ସନ୍ତାନ ସୁଖ ପ୍ରାପ୍ତି ହୁଏ।
- କନିଅର ପୁଷ୍ପ ଶିବଙ୍କୁ ଅର୍ପଣ କଲେ ଜୀବନରେ ସୁଖ, ସମୃଦ୍ଧି ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ହୁଏ।
- ନୀଳ ଓ ଧଳା ରଙ୍ଗର ଅରଖ ଫୁଲ ଶିବଙ୍କ ପୂଜାରେ ଦେଖିବାକୁ ମିଳେ। ଏହାକୁ ଅର୍ପଣ କଲେ ମୋକ୍ଷ ପ୍ରାପ୍ତି ହୁଏ।
- ମହଶିବରାତ୍ରୀରେ ଅଗସ୍ତି ଫୁଲ ମହାଦେବଙ୍କୁ ଲାଗି କରିବା ଦ୍ୱାରା ମାନ-ସମ୍ମାନ ଯଶ ବୃଦ୍ଧି ହୁଏ।
- ଏହାବାଦ୍ ଗଙ୍ଗଶିଉଳି, ଜୁହି, ଚମ୍ପା, ମଲ୍ଲୀ ଫୁଲ ଅର୍ପଣ କଲେ ଶିବଙ୍କ କୃପା ପ୍ରାପ୍ତି ହୁଏ।





## ମହାଶିବରାତ୍ରୀର ମହତ୍ତ୍ୱ

**ଦେବ ଦେବ ମହାଦେବଙ୍କର ସବୁଠୁ ବଡ଼ ଉତ୍ସବ ହେଉଛି 'ମହାଶିବରାତ୍ରି।' ଏହିଦିନ ଭଗବାନ ଶିବଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଏ। ଅନ୍ୟପଟେ ଶିବରାତ୍ରି ଓ ମହାଶିବରାତ୍ରି ଭିନ୍ନ ଭିନ୍ନ ମାସ ଓ ଦିନରେ ପଡ଼ିଥାଏ। ଅନେକ ଏକଥା ଜାଣନ୍ତି ନାହିଁ। ସେହିପରି ହିନ୍ଦୁ ପୁରାଣ ଶାସ୍ତ୍ରରେ ଭଗବାନ ଭୋଳାଶଙ୍କରଙ୍କ ମହିମା ସମ୍ପର୍କରେ ଅନେକ ବର୍ଣ୍ଣନା ରହିଛି। ତେବେ ବର୍ଷକୁ କେତୋଟି ଶିବରାତ୍ରି ଓ ମହାଶିବରାତ୍ରି ପଡ଼ିଥାଏ, ତାହାକୁ ନେଇ ଏହି ଉପସ୍ଥାପନା।**

- ଶିବରାତ୍ରି ପ୍ରତିମାସରେ କୃଷ୍ଣପକ୍ଷର ଚତୁର୍ଦ୍ଦଶୀ ତିଥିରେ ପଡ଼ିଥାଏ। ଏହି ପ୍ରକାରେ ବର୍ଷକୁ ପଡ଼ିଥାଏ ୧୨ଟି ଶିବରାତ୍ରି। କୁହାଯାଏ, ସୃଷ୍ଟି ପ୍ରାରମ୍ଭରେ ଉକ୍ତ ଦିନ ଅଧରାତିରେ ଭଗବାନ ଶିବ ନିରାକାରରୁ ସାକାର ରୂପ ବା ବ୍ରହ୍ମାରୁ ରୁଦ୍ର ରୂପରେ ଅବତରଣ କରିଥିଲେ। ଏହିଦିନ ଶିବଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ଶିବଭକ୍ତମାନେ ଉପବାସ ରହିଥାନ୍ତି। ସେହିପରି ଏହି ଅବସରରେ ପ୍ରତ୍ୟେକ ଶୈବପୀଠ ଚଳଚଞ୍ଚଳ ରହିଥାଏ।
- ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପଡ଼ିଥାଏ ମହାଶିବରାତ୍ରି। ଏହା ବର୍ଷକୁ ଥରେ ପଡ଼ିଥାଏ। ଭୋଳାନାଥଙ୍କ ଭକ୍ତମାନେ ଏହି ଦିନକୁ ବେଶ୍ ଶ୍ରଦ୍ଧା ଓ ଭକ୍ତିରେ ପାଳନ କରନ୍ତି। ଭକ୍ତମାନେ ରାତ୍ରି ଉଜାଗର ରହି ଦୀପ ପ୍ରଜ୍ୱଳନ କରୁଥିବାରୁ ଏହାକୁ 'ଜାଗର' ବୋଲି କୁହାଯାଏ।
- ଅନ୍ୟପଟେ ଏହିଦିନ ଶିବ ଓ ମାତା ପାର୍ବତୀଙ୍କ ବାହାଘର ହୋଇଥିଲା ବୋଲି କୁହାଯାଏ। ହିନ୍ଦୁ ଧର୍ମରେ ଏହା ସହ ଜଡ଼ିତ ବହୁ ପ୍ରାଚୀନ କଥା ରହିଛି। ସେହିପରି ଏହିଦିନ ଶିବ ବୈରାଗ୍ୟ ଜୀବନ ତ୍ୟାଗ କରି ଗୃହସ୍ଥ ଜୀବନରେ ପ୍ରବେଶ କରିଥିଲେ ବୋଲି କୁହାଯାଏ।



## ଗୁରୁବାରରେ କେଉଁ କାମ କରିବା ମନା

**ହିନ୍ଦୁ ଧର୍ମରେ ଗୁରୁବାରର ବିଶେଷ ମହତ୍ତ୍ୱ ଅଛି। ସେହିପରି ଗୁରୁବାର ଲାଗି କିଛି ସ୍ୱତନ୍ତ୍ର ନିୟମ ପାଳନ ଉପରେ ବିଶେଷ ଦୃଷ୍ଟି ଦିଆଯାଏ। ତେବେ ଏହିଦିନ ଭଗବାନ ବିଷ୍ଣୁଙ୍କ ପୂଜା କରିବା ସହ କିଛି କାମ ଏଭଳି ଅଛି, ଯାହାକୁ କରିବା ପାଇଁ ବାରଣ କରାଯାଏ। ଏହି ବାରରେ କେଉଁ କାମ କରିବା ମନା, ସେ ସମ୍ପର୍କରେ ଜାଣିବା।**

- ଗୁରୁବାରରେ କେଶ, ନଖ ଏବଂ ଦାଢ଼ି କାଟିବା ମନା। ସେହିପରି ଗୁରୁବାର କେଶ ସଫା କରିବା ବି ଅନୁଚିତ। ଏହିବାରରେ ଏସବୁ କାମ କଲେ ଜାତକରେ ଗୁରୁ ଗ୍ରହ ଦୁର୍ବଳ ହୋଇଥାଏ। ଶିକ୍ଷା ଓ କ୍ୟାରିୟରରେ ବାଧା ଆସେ।
- ଗୁରୁବାର ଦିନ ପୋଷାକ ସଫା କରିବାକୁ ବି ବାରଣ କରାଯାଇଛି। ଏପରିକି ଗୁରୁବାରରେ ଘର ପୋଛିବା ମଧ୍ୟ ମନା।
- ଗୁରୁବାରରେ କାହାଠାରୁ ଧାର କରଜ କରନ୍ତୁ ନାହିଁ କିମ୍ବା ଉଧାରରେ ଟଙ୍କା ଦେବା ମଧ୍ୟ ଭଲ ନୁହେଁ। ଏହା ଦ୍ୱାରା ଆର୍ଥିକ ସମସ୍ୟା ଉତ୍ପନ୍ନ ହୁଏ।
- କଇଁଚି, ଛୁରି ଭଳି କୌଣସି ଧାରୁଆ ଜିନିଷ ଏହି ବାରରେ କିଣିବା ଅନୁଚିତ।
- ଗୁରୁବାରରେ ପିଆଜ, ରସୁଣ, ଆମିଷ ଆଦି ସେବନ କରିବାକୁ ବି ବାରଣ କରାଯାଏ। ଏସବୁ କଲେ ଦୁର୍ଭାଗ୍ୟ ବୃଦ୍ଧି ପାଏ।
- ଗୁରୁବାରରେ ଦକ୍ଷିଣ ଦିଗକୁ ଯାତ୍ରା କରିବା ଅନୁଚିତ। ଏହାଦ୍ୱାରା ଯାତ୍ରାରେ କଷ୍ଟ, ଚୋରି ଏବଂ ଦୁର୍ଘଟଣା ଦେଖା ଦେଇପାରେ।



ବେଥେଲ ଓ ବ୍ରୁକ୍‌ଙ୍କ ଅର୍ଦ୍ଧଶତକ, କରାନଙ୍କ ଚତୁର ବୋଲିଂ

# ଇଂଲଣ୍ଡକୁ ନାକେଦମ୍ କଲା ନେପାଳ




ୱାଙ୍ଖେଡେ,୮।୨(ଏଜେନ୍ସି)

ଚଳିତ ବିଶ୍ୱକପ୍‌ରେ ଟେଷ୍ଟ ଖେଳୁ ନଥିବା ବା ଆଇସିସିର ସହଯୋଗୀ ସଦସ୍ୟରାଷ୍ଟ୍ରର ଖେଳାଳିମାନେ ପୁରୁଷ ଟି-୨୦ ବିଶ୍ୱକପ୍‌ରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ପ୍ରଦର୍ଶନ କରି ରୋମାଞ୍ଚ ଭରିଦେଇଛନ୍ତି। କଲମ୍ବୋରେ ଗତକାଲି ଅନୁଷ୍ଠିତ ଉଦ୍‌ଘାଟନୀ ମୁକାବିଲାରେ ନେଦରଲାଣ୍ଡସଠାରୁ ହାରୁ ହାରୁ ବର୍ତ୍ତିଗଲା ପାକିସ୍ତାନ। ସେହିପରି ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ୟୁଏସ୍‌ଏ ବିପକ୍ଷ ମ୍ୟାଚ୍ ଜିତିବା ଲାଗି ଭାରତକୁ ବେଶ ସଂଘର୍ଷ କରିବାକୁ ପଡ଼ିଥିଲା। ଆଜି ବା ରବିବାର ଖେଳାଯାଇଥିବା ଦ୍ୱିତୀୟ ଦିନରେ ଅଭିଜ୍ଞ ଓ ଶକ୍ତିଶାଳୀ ଖେଳାଳିଙ୍କୁ ନେଇ ଗଠିତ ଇଂଲଣ୍ଡକୁ ନାକେଦମ କରିଛି ନେପାଳ। ଇଂଲଣ୍ଡ ଏହି ମୁକାବିଲାକୁ ଜିତିଛି ସତ, କିନ୍ତୁ ନେପାଳ ଖେଳାଳିମାନେ ସମର୍ଥକ ଓ କର୍ମକର୍ତ୍ତାଙ୍କ ମନ ଜିତିବାରେ ସମର୍ଥ ହୋଇଛନ୍ତି। ୱାଙ୍ଖେଡେରେ ଖେଳାଯାଇଥିବା ଦୁଇ ଦିନରେ ଦୁଇଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ମୁକାବିଲା ଚଳିତ ଟି-୨୦ ବିଶ୍ୱକପ୍‌ରେ ଆହୁରି ରୋମାଞ୍ଚ ଭରି ଦେଇଛି। ଇଂଲଣ୍ଡର ୱିଲ ଜ୍ୟାକ୍ସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଚଳିତ ବିଶ୍ୱକପ୍‌ର ୫ମ ଲିଗ୍ ମ୍ୟାଚ୍ ଇଂଲଣ୍ଡ ଓ ନେପାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବ ଖେଳାଳି ଜ୍ୟାକବ ବେଥେଲ ୩୫ବଲ୍‌ରେ ୪ଟି ଲେଖାଏଁ ଚୌକା ଓ ଛକା ସହ ୫୫ ଏବଂ ଅଧିନାୟକ ହ୍ୟାରୀ ବ୍ରୁକ୍ ୩୨ବଲ୍‌ରେ ୪ ଚୌକା, ୩ ଛକା ସହ ୫୩ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୪ ରନ୍ ସଂଗ୍ରହ କରିଥିଲା। ଜବାବରେ ୧୮୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନେପାଳ ଚତୁର୍ଥ ଓଭରରେ ୩୭ରନ୍‌ରେ ପ୍ରଥମ ଓ ଷଷ୍ଠ ଓଭରରେ ୪୨ ରନ୍‌ରେ ଦ୍ୱିତୀୟ ୱିକେଟ ହରାଇଥିଲା। ଦୁଇ ଓପନର ଅସିଫ ଶେଖ ୭ ଓ କୁଶାଲ ଭୂର୍ତ୍ତେଲ ୧୭ବଲ୍‌ରେ ୨୯ ରନ୍ କରିଥିଲେ। ଏମାନଙ୍କ ପରେ ଅଧିନାୟକ ରୋହିତ ପୌଡେଲ ୩୪ବଲ୍‌ରେ ୩୯, ଦୀପେନ୍ଦ୍ର ସିଂ ଐରୀ ୨୯ ବଲ୍‌ରେ ୪୪ ଓ ଅରିଫ ସେଖ ୧୦ ରନ୍ କରି ନେପାଳକୁ ବିଜୟ ଆଶା ଦେଇଥିଲେ। ଏହି ସମୟରେ ଲୋକେଶ ବାମ୍ ଦମ୍‌ଦାର ବ୍ୟାଟିଂ କରି ଇଂଲଣ୍ଡ ଖେଳାଳିଙ୍କୁ ନାକେଦମ୍ କରିପକାଇଥିଲେ। ଜୋଫ୍ରା ଆର୍ଚର ପକାଇଥିବା ୧୮ତମ ଓଭରରୁ ଲୋକେଶ ଓ ଅରିଫ୍ ୨୨ ରନ୍ ଓ ଲ୍ୟୁକ୍ ଉଡ୍‌ଙ୍କ ୧୯ତମ ଓଭରରୁ ୧୪ ରନ୍ ଉଠାଇ ନେପାଳକୁ ବିଜୟ ସ୍ୱପ୍ନ ଦେଖାଇଥିଲେ। ଶେଷ ଓଭରରେ ଦଳକୁ ମ୍ୟାଚ୍ ଜିତିବା ଲାଗି ୧୦ ରନ୍ ଆବଶ୍ୟକ ହେଉଥିଲା। କିନ୍ତୁ ସାମ କରାନ୍‌ଙ୍କ କଟରରେ ଲୋକେଶ ହାତଖୋଲା ସଟ୍ ଖେଳିବାକୁ ସୁଯୋଗ ପାଇ ନ ଥିଲେ। ଫଳରେ ଏହି ଓଭରରୁ ମାତ୍ର ୫ ରନ୍ ମିଳିଥିଲା ଓ ଇଂଲଣ୍ଡ ୪ ରନ୍‌ରେ ବିଜୟୀ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ଲିଆମ ଡାୱସନ ସର୍ବାଧିକ ୨ଟି ୱିକେଟ ମିଳିଥିଲା। ନେପାଳ ୬ ୱିକେଟରେ ୧୮୦ ରନ୍ କରିଥିଲା। ଫୁଲ ମେମ୍ବର ଦେଶ ବିପକ୍ଷରେ ଏହା ସର୍ବାଧିକ ରନ୍ ଚେଜ୍।୨୦୨୪ ବିଶ୍ୱକପ୍‌ରେ ନେପାଳ ମଧ୍ୟ ଗତଥରର ରନର୍ସଅପ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହିପରି ଦମ୍‌ଦାର ଖେଳିଥିଲା। କିନ୍ତୁ ୧ ରନ୍‌ରେ ପରାଜିତ ହୋଇଯାଇଥିଲା।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ :** ୧୮୪/୭, ୨୦ ଓଭର (ଜ୍ୟାକବ ବେଥେଲ-୫୫, ହ୍ୟାରୀ ବ୍ରୁକ୍-୫୩, ୱିଲ ଜ୍ୟାକ୍ସ-ଅପରାଜିତ ୩୯, ଜୋଶ ବଟଲର-୨୬, ଦୀପେନ୍ଦ୍ର ସିଂ-୨/୨୩, ନନ୍ଦନ ଯାଦବ-୨/୨୫)।

**ନେପାଳ :** ୧୮୦/୬, ୨୦ ଓଭର (ଦୀପେନ୍ଦ୍ର ସିଂ-୪୪, ରୋହିତ ପୌଡେଲ-୩୯, ଲୋକେଶ ବାମ୍-ଅପରାଜିତ-୩୯, କୁଶାଲ ଭୂର୍ତ୍ତେଲ-୨୯, ଲିଆମ ଡାୱସନ-୨/୨୧)।

# ଆଫ୍‌ଗାନ୍ ସ୍ପିନରଙ୍କୁ ହରାଇଲେ ସେଫର୍ଟ, ଫିଲିପ୍ସ



ଚେନ୍ନଇ,୮।୨(ଏଜେନ୍ସି): ଓପନର ଟିମ୍ ସେଇଫର୍ଟ ୪୨ ବଲ୍‌ରେ ୬୫ ଓ ଗ୍ଲେନ୍ ଫିଲିପ୍ସ ୨୫ ବଲ୍‌ରେ ୪୨ ରନ୍ କରିବା ଫଳରେ ଏଠାରେ ରବିବାର ଖେଳାଯାଇଥିବା ବିଶ୍ୱକପ୍‌ର ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ବିଶ୍ୱରେ ଖ୍ୟାତି ଲାଭ କରିଥିବା ଆଫଗାନିସ୍ତାନର ସ୍ପିନରଙ୍କୁ ଉଚିତ ମୁକାବିଲା କରି ସେଫର୍ଟ ଓ ଫିଲିପ୍ସ ଦଳକୁ ଏହି ମ୍ୟାଚ୍ ଜିତାଇଥିଲେ।୧୮୩ ରନ୍‌ର ଟାର୍ଗେଟକୁ ପିଛା କରି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡର ପ୍ରଥମ ୨ଟି ୱିକେଟକୁ ମୁଜୀବ-ଉର-ରହମନ ଶସ୍ତାରେ ଆଉଟ କରିଦେଇଥିଲେ। ସେଫର୍ଟ ଓ ଫିଲିପ୍ସଙ୍କ ଯୋଡି ସ୍ପିନରଙ୍କୁ ସୁଯୋଗ ଦେଇ ନ ଥିଲେ। ଉଭୟ ଖେଳାଳି ସ୍ପିନରଙ୍କ ଦ୍ୱାରା ଆଉଟ ହୋଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଏକ ସମ୍ମାନଜନକ ସ୍କୋର ପର୍ଯ୍ୟନ୍ତ ନେଇଯାଇଥିଲେ। ଏମାନଙ୍କ ପରେ ମାର୍କ ଚାପମ୍ୟାନ୍ ୧୭ ବଲ୍‌ରୁ ୨୮, ଡାରିଲ ମିଚେଲ ୧୪ ବଲ୍‌ରୁ ଅପରାଜିତ ୨୫ ଓ ମିଚେଲ ସାଣ୍ଟନର ୮ ବଲ୍‌ରୁ ଅପରାଜିତ ୧୭ ରନ୍ କରିବା ଫଳରେ ଦଳ ୨.୧ ଓଭର ବାକିଥାଇ ମ୍ୟାଚ୍‌କୁ ୫ ୱିକେଟରେ ଜିତିନେଇଥିଲା। ପୂର୍ବରୁ ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୮୨ ରନ୍‌ର ଦମ୍‌ଦାର ସ୍କୋର କରିଥିଲା। ଦଳ ପକ୍ଷରୁ ଗୁଲବଦିନ ନାଏବ ସର୍ବାଧିକ ୬୩ ରନ୍ କରିଥିଲେ। ସେଦିକୁଲ୍ଲା ଅଟଲ ୨୯, ରହମନୁଲ୍ଲା ଗୁରବାଜ୍ ୨୭ ଓ ଡାରୱିଶ୍ ରସୁଲି ୨୦ ରନ୍ କରିଥିଲେ। ଲକି ଫର୍ଗୁସନଙ୍କୁ ୨ଟି ୱିକେଟ ମିଳିଥିଲା।

## ପାକିସ୍ତାନର ଖେଳିବା ଆଶା ବଢ଼ିଲା

ଲାହୋରରେ ୮।୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ଆୟୋଜକ ଭାରତ ସହ ଖେଳିବା ଆଶା ବୃଦ୍ଧି ପାଇଛି। ଫେବୃଆରୀ ୧୫ରେ କଲମ୍ବୋରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ମ୍ୟାଚ୍‌କୁ ପାକିସ୍ତାନ ବୟକଟ କରିଛି। ଯାହା ଫଳରେ ପାକିସ୍ତାନକୁ ଏହି ଟୁର୍ଣ୍ଣାମେଣ୍ଟରେ ନ ଖେଳିଲେ ବାସନ୍ଦ ହେବା ସହ ବିପୁଳ ପରିମାଣରେ ଆର୍ଥିକ ଦଣ୍ଡ ଦିଆଯିବ ବୋଲି ଆଇସିସି ଧମକ ଦେବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ନରମିଛି। ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ର ସହାୟତା ନେଇ ପିସିବି ଏଠାରେ ଆଜି ଆଇସିସି ପ୍ରତିନିଧିଙ୍କ ସହ ଆଲୋଚନା କରୁଛି। ଆଲୋଚନାର ଫଳାଫଳ କିଛି ଜଣାପଡ଼ିନାହିଁ କିମ୍ବା କାହାରି ପକ୍ଷରୁ କିଛି ଘୋଷଣା କରାଯାଇନାହିଁ। ତଥାପି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି, ଭାରତ ସହ ଖେଳିବାକୁ ପିସିବି ବିଶ୍ୱକ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସିର ଅନୁଦାନ ବୃଦ୍ଧି କରିବା ଓ ମ୍ୟାଚ୍‌ରେ ଭାରତୀୟ ଖେଳାଳିଙ୍କ ସହ ହାତ ମିଳାଇବାକୁ ସର୍ତ୍ତ ରଖିଛି। ଏହା ଯଦି ସତ୍ୟହୁଏ, ତେବେ ପାକିସ୍ତାନର ଭାରତ ସହ ଖେଳିବା ଆଶା ବୃଦ୍ଧି ପାଇଛି। ପାକିସ୍ତାନ ମ୍ୟାଚ୍‌ରେ ନ ଖେଳିବା ନେଇ ଯେଉଁ ଫୋର୍ସ ମାଜ୍ୟୁର କ୍ଲଜ୍ ରଖିଥିଲା ତାହାର ଆଇନଗତ ବୈଧତା ନେଇ ଆଇସିସି ପ୍ରଶ୍ନଉଠାଇବା ଫଳରେ ତାହାର ଗୁରୁତ୍ୱ କମିଯାଇଛି। ବିଶେଷ ସୂତ୍ରରୁ ଜଣାଯାଇଛି, ପାକିସ୍ତାନ ଯଦି ଭାରତ ସହ ନ ଖେଳେ ତେବେ ଆଇସିସି ସହ ରାଜିନାମା ଅନୁଯାୟୀ ତାହାକୁ ବହୁତ କ୍ଷତି ସହିବାକୁ ପଡ଼ିପାରେ।

### ଆଜିର ବିଶ୍ୱକପ୍ ମ୍ୟାଚ୍

ICC MEN'S T20 WORLD CUP INDIA & SRI LANKA 2026

| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ସ୍କଟଲାଣ୍ଡ-ଇଟାଲୀ | ପୂର୍ବାହ୍ନ ୧୧ଟା | କୋଲକାତା |
| ଜିମ୍ବାୱେ-ଓମାନ | ଅପରାହ୍ନ ୩ଟା | କଲମ୍ବୋ |
| ଦକ୍ଷିଣ ଆଫ୍ରିକା-କାନାଡା | ରାତି ୭ଟା | ଅହମ୍ମଦାବାଦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଶ୍ରୀଲଙ୍କାର ସହଜ ବିଜୟ

କଲମ୍ବୋ, ୮।୨ (ଏଜେନ୍ସି): ସହ-ଆୟୋଜକ ଶ୍ରୀଲଙ୍କା ସହଜ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଏଠାରେ ଖେଳାଯାଇଥିବା ଗ୍ରୁପ୍-ବି'ର ଏହି ମ୍ୟାଚରେ ଶ୍ରୀଲଙ୍କା ୨୦ ରନରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ୬ ୱିକେଟ୍‌ରେ ୧୬୩ ରନର ସମ୍ମାନଜନକ ସ୍କୋର କରିଛି। ଘରୋଇ ଦଳ ପକ୍ଷରୁ ଦୁଇ ମେଣ୍ଡିସ କୁଶଲ (୪୩ ବଲରୁ ୫୬ ରନ) ଓ କାମିନ୍ଦୁ (୧୯ ବଲରୁ ୪୪ ରନ) ଲଢୁଆ ବ୍ୟାଟିଂ କରିଥିଲେ। ଆୟର୍ଲାଣ୍ଡର ଜର୍ଜ ଡର୍କେଲ ଓ ବାରୀ ମ୍ୟାକାର୍ଥ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଆୟର୍ଲାଣ୍ଡ ୧୯.୫ ଓଭରରେ ୧୪୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ହ୍ୟାରୀ ଟେକ୍ଟର ୪୦ ଓ ରସ୍ ଆଦାୟର ୩୪ ରନ କରିଥିଲେ। ଅଧିନାୟକ ପଲ୍ ଷ୍ଟର୍ଲିଂ (୬ ରନ) ନିରାଶ କରିଥିଲେ। ବିଜୟୀ ଶ୍ରୀଲଙ୍କା ପକ୍ଷରୁ ମହୀଷ ଥିକସାନା ଓ ୱାନିନ୍ଦୁ ହାସରଙ୍ଗା ୩ଟି ଲେଖାଏ ୱିକେଟ୍ ନେଇଥିଲେ।

## ଜାତୀୟ ଦୃଷ୍ଟିବାଧିତ ଫୁଟ୍‌ବଲ ଶିବିରରେ ଓଡ଼ିଶାରୁ ୩

ଭୁବନେଶ୍ୱର, ୮।୨ (ସମିସ): ଭାରତୀୟ ଦୃଷ୍ଟିହୀନ କ୍ରୀଡ଼ା ସଂଘ (ଆଇବିଏସଏ) ଆନୁକୂଲ୍ୟରେ ଦିଲ୍ଲୀର ନିଜାମୁଦ୍ଦିନଠାରେ ବୁଧବାରଠାରୁ ଭାରତୀୟ ଦୃଷ୍ଟିହୀନ ମହିଳା ଫୁଟ୍‌ବଲ ଦଳ ଲାଗି ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ବୁଲ୍ସଆଇ ଦୃଷ୍ଟିବାଧିତ ଦଳରୁ ୩ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ପଦ୍ମିନୀ ଟୁଡୁ ଓ ସୁମିତ୍ରା ସିଂ। ସେହିଭଳି କୋଚିଠାରେ ହେବାକୁ ଥିବା ପୁରୁଷ ଦୃଷ୍ଟିହୀନ ଚୟନ ଶିବିର ଲାଗି ଆକାଶ ପଡ଼ିଆମୀ ଚୟନ ହୋଇଛନ୍ତି। ଜାପାନରେ ହେବାକୁ ଥିବା ଆଗାମୀ ଏସିଆ-ଓସେନିଆ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିଅନସିପ୍ ଲାଗି ଏହି ଶିବିରରୁ ଚୂଡ଼ାନ୍ତ ଭାରତୀୟ ଦଳ ଘୋଷଣା ହେବ। ଏଥିଲାଗି ବୁଲ୍ସଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଏହି ୩ଜଣ ଦୃଷ୍ଟିହୀନ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଗୋଲ୍ଡେନ କିଙ୍ଗ୍ ସ୍ନୁକର: ଆଶୁତୋଷ ପାଢ଼ୀ ଚାମ୍ପିଅନ




ଭୁବନେଶ୍ୱର,୮।୨(ସମିସ): ଭୁବନେଶ୍ୱରର ଆଶୁତୋଷ ପାଢ଼ୀ କଟକର ସିଡିଏସ୍ଥିତ କ୍ୟୁ ସ୍ନୁକର କେଫ୍‌ରେ ଆଜି ଶେଷ ହୋଇଥିବା ଗୋଲ୍ଡେନ କିଙ୍ଗ ସ୍ନୁକର ଚାମ୍ପିଅନସିପ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ ଫାଇନାଲ ଖେଳରେ ସେ କଟକର ନିଶାନ୍ତ ବିଶ୍ୱାଳଙ୍କୁ ୪-୩ ଫ୍ରେମ୍‌ରେ ପରାସ୍ତ କରି ଟାଇଟଲ ଓ ଟ୍ରଫି ସହ ୨୫,୦୦୦ ଟଙ୍କାର ପୁରସ୍କାର ପାଇଥିଲେ। ସେହିପରି ନିଶାନ୍ତଙ୍କୁ ରନର୍ସଅପ୍ ଟ୍ରଫି ସହ ୧୩,୦୦୦ ଟଙ୍କା ପୁରସ୍କାର ଦିଆଯାଇଥିଲା। ସେମିଫାଇନାଲରେ ପରାଜିତ ହୋଇଥିବା ଆକାଶ ମହାପାତ୍ର ଓ ଅନୁଜ ପଣ୍ଡାଙ୍କୁ ୬,୦୦୦ ଲେଖାଏଁ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି। ଶେଷରେ ଜିକେ ଗ୍ରୁପ୍ ଅଫ୍ କମ୍ପାନୀର ପ୍ରତିଷ୍ଠାତା ଜ୍ଞାନରଞ୍ଜନ ବେହେରା, ସହପ୍ରତିଷ୍ଠାତା ସ୍ମୃତିରଞ୍ଜନ ବେହେରା, ପୋଦ୍ଦାର ରିଟ୍ରେଡିଙ୍ଗ୍‌ର ରାଜେନ୍ଦ୍ର ପୁହାଣ, ଭବାନୀଶଙ୍କର ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ତମାଣ୍ଡୋ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

## ଉଦ୍‌ଘାଟନୀ ମ୍ୟାଚ୍‌ରେ ଏମ୍‌ଏମ୍‌ସିସି ବିଜୟୀ



ଭୁବନେଶ୍ୱର,୮।୨(ସମିସ): ସମ୍ବଲପୁରର ଏମ୍‌ଏମ୍‌ସିସି ଏଠାରେ ଆଜି ଆରମ୍ଭ ହୋଇଥିବା ୮ମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବିଜୟଅଭିଯାନ ଆରମ୍ଭ କରିଛି। ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ କ୍ରିକେଟ ପଡ଼ିଆରେ ରବିବାର ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ଏମ୍‌ଏମ୍‌ସିସି ୨୨ ରନ୍‌ରେ ଆଦିତ୍ୟ ଏକାଦଶକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଏମ୍‌ଏମ୍‌ସିସି ୬ ୱିକେଟରେ ୨୩୬ ରନ୍ କରିଥିଲା। ବିବେକ କୁମାର ୭୪ ଓ ସରୋଜ ପଣ୍ଡା ୫୫ ରନ୍ କରିଥିଲେ। ଜବାବରେ ଆଦିତ୍ୟ ଏକାଦଶ ୧୬.୫ ଓଭରରେ ୨୧୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ପରାଜିତ ଦଳର ମୋରାଜୁ ପ୍ରଶାନ୍ତ ୪୭ ବଲ୍‌ରେ ୧୨୬ ରନ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ସଭାପତି ଆଶିଷ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ଓ ଆର୍‌ସି ବ୍ରହ୍ମପୁର ମଧ୍ୟରେ ମୁକାବିଲା ହେବ। ପୂର୍ବରୁ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ଓ ଅନନ୍ତ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇଥିଲେ।

## ସର୍ଭିସେସ୍‌କୁ ୮ମ ସନ୍ତୋଷ ଟ୍ରଫି ଟାଇଟଲ୍

ଗୌହାଟୀ, ୮।୨ (ଏଜେନ୍ସି): ଭାରତୀୟ ଘରୋଇ ଫୁଟ୍‌ବଲର ଅନ୍ୟତମ ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣରେ ସର୍ଭିସେସ୍ ଚାମ୍ପିଅନ ହୋଇଛି। ରବିବାର ଆସାମର ଧାକୁଆଖାନା ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ସର୍ଭିସେସ୍ ୧-୦ ଗୋଲ୍‌ରେ କେରଳକୁ ହରାଇଥିଲା। ନିର୍ଦ୍ଧାରିତ ୯୦ ମିନିଟ୍ ସୁଦ୍ଧା ଉଭୟ ଦଳ କେହି କାହାରିକୁ ଗୋଲ୍ ଦେବାରେ ସଫଳ ହୋଇ ନ ଥିଲେ। ଏହାପରେ ଅତିରିକ୍ତ ୩୦ ମିନିଟର ସହାୟତା ନିଆଯାଇଥିଲା। ଏଥିରେ ୧୦୯ତମ ମିନିଟରେ ଅଭିଷେକ ପାୱାର ସର୍ଭିସେସ ପାଇଁ ବିଜୟସୂଚକ ଏକମାତ୍ର ଗୋଲ୍‌ଟି ଦେଇଥିଲେ। ସର୍ଭିସେସର ଏହା ୮ମ ସନ୍ତୋଷ ଟ୍ରଫି ଟାଇଟଲ୍। ଏଥିପୂର୍ବରୁ ସର୍ଭିସେସ୍ ୧୯୬୦-୬୧, ୨୦୧୧-୧୨, ୨୦୧୨-୧୩, ୨୦୧୪-୧୫, ୨୦୧୫-୧୬, ୨୦୧୮-୧୯ ଓ ୨୦୨୩-୨୪ ସିଜନରେ ଟାଇଟଲ୍ ହାସଲ କରିଥିଲା।

## ଏସିଆନ୍ ସୁଟିଂ : ଓଡ଼ିଶାର ମାନ୍ୟତାଙ୍କୁ ରୌପ୍ୟ



କେନ୍ଦୁଝର,୮।୨(ସମିସ): ସୁଟିଂରେ ଆଉ ଜଣେ ଓଡ଼ିଆ ଝିଅ ଜାତୀୟ ସ୍ତରରେ ଚମକିଛନ୍ତି। ସେ ହେଉଛନ୍ତି କେନ୍ଦୁଝରର ମାନ୍ୟତା ସିଂ। ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ୍ ସୁଟିଂ ଚାମ୍ପିଅନସିପ୍‌ର ଜୁନିଅର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଭାରତ ସମସ୍ତ ୩ଟି ଯାକ ମେଡାଲ ଜିତିଥିଲାବେଳେ ମାନ୍ୟତା ୨୪୯.୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସମ୍ଭାବୀ କ୍ଷୀରସାଗରଙ୍କୁ ସ୍ୱର୍ଣ୍ଣ ଓ ଅନୀଶା ଶର୍ମାଙ୍କୁ କାଂସ୍ୟ ପଦକ ମିଳିଛି। ପୂର୍ବରୁ ସମ୍ବଲପୁରର ଶ୍ରୀୟଙ୍କା ଷଡଙ୍ଗୀ ଜାତୀୟସ୍ତରରେ ଉଭୟ ଜୁନିଅର ଓ ସିନିୟର ବିଭାଗରେ ମେଡାଲ ବିଜୟୀ ହୋଇଥିଲେ। ମାନ୍ୟତା ଏବେ କଳିଙ୍ଗ ଷ୍ଟାଡିୟମ୍‌ରେ ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ସୁଟିଂ ଏକାଡେମୀରେ ଅଭ୍ୟାସ କରୁଛନ୍ତି ଓ କିଟ୍‌ରେ ଇଣ୍ଟିଗ୍ରେଟେଡ ଲ' ପଢୁଛନ୍ତି। ତାଙ୍କ ନିଜ ଘର କେନ୍ଦୁଝର ଜିଲ୍ଲା ଉଦୟପୁର ଗ୍ରାମ୍‌ରେ। ମାତା ସ୍ମିତା ଦାସ କଟକ ସିଡିଏ ଏବଂ ପିତା ସର୍ବଦମନ ସିଂ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଶିକ୍ଷକତା କରୁଛନ୍ତି। ମାନ୍ୟତାଙ୍କୁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସଦର ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

ଜାତୀୟ ସିନିଅର ମହିଳା ଦିନିକିଆ

## ସରିତାଙ୍କ ଶତକ; ଓଡ଼ିଶାର କ୍ରମାଗତ ୨ୟ ବିଜୟ



ଭୁବନେଶ୍ୱର, ୮।୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ରାଜକୋଟର ନିରଞ୍ଜନ ଶାହ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସିନିଅର ମହିଳା ଦିନିକିଆ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ରମାଗତ ୨ୟ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୧୦୬ ରନର ବଡ଼ ବ୍ୟବଧାନରେ ଆସାମକୁ ପରାସ୍ତ କରିଛି। ସରିତା ମେହେର ୧୦୦ ରନର ଶତକୀୟ ପାଳି ଖେଳି ଓଡ଼ିଶାକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୨୭ ବଲର ଏହି ପାଳିରେ ସରିତା ୧୦ଟି ଚୌକା ମାରିଥିଲେ। ସେହିଭଳି ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୬୫ ବଲରେ ୮୫ ରନର ଅପରାଜିତ ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମାଧୁରୀ ମେହେଟା ମଧ୍ୟ ୫୧ ରନର ଉପଯୋଗୀ ସହାୟତା ଦେଇଥିଲେ। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫୦ ଓଭରରେ ୪ ୱିକେଟ୍‌ରେ ୨୭୮ ରନ ସଂଗ୍ରହ କରିଥିଲା। ଜବାବରେ ଆସାମ ୪୭.୫ ଓଭରରେ ୧୭୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଶୁଭ୍ର ନିର୍ଘରିଣୀ ସ୍ୱାଇଁ ୩ ଓ ତରନ୍ନା ପ୍ରଧାନଙ୍କୁ ୨ଟି ୱିକେଟ ମିଳିଥିଲା। ଶତକୀୟ ପାଳି ଲାଗି ସରିତା ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୧୦ ହଜାର ଟଙ୍କା ପୁରସ୍କାର ପାଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ୩୫ ରନରେ ମଧ୍ୟପ୍ରଦେଶକୁ ହରାଇଥିବା ଓଡ଼ିଶା ଏଥିସହ ୮ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି। ଓଡ଼ିଶା ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଉତ୍ତର ପ୍ରଦେଶକୁ ଭେଟିବ।

• ସିକେ ନାଇଡୁ ଟ୍ରଫି

## ବେଙ୍ଗଲର ପାଳି ଅଗ୍ରଣୀ

ଭୁବନେଶ୍ୱର, ୮।୨ (ସମିସ): ବରଗଡ଼ର ବିକାଶ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ବିପକ୍ଷରେ ଚାଲିଥିବା ୨୫ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ବେଙ୍ଗଲ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ପାଳି ଅଗ୍ରଣୀ ହାସଲ କରିଛି। ବେଙ୍ଗଲର ୩୪୩ ରନ ଜବାବରେ ଓଡ଼ିଶା ପ୍ରଥମ ପାଳିରେ ୩୨୧ ରନରେ ସୀମିତ ରହିଥିଲା। ପୂର୍ବଦିନର ଅସମାପ୍ତ ପ୍ରଥମ ପାଳି ସ୍କୋର ୨୧୯/୪ରୁ ରବିବାର ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଆଉ ୧୦୨ ରନ ଯୋଡ଼ି ବଳକା ୬ ୱିକେଟ୍ ହରାଇଥିଲା। ଓଡ଼ିଶା ପକ୍ଷରୁ ସୁଜଳ ସିଂ ୬୫ ଓ ଶ୍ରେୟାଂଶ ଭରଦ୍ୱାଜ ୪୯ ରନ କରିଥିଲେ। ବେଙ୍ଗଲର ରିଶଦ ଆଲାମଙ୍କୁ ୫ଟି ୱିକେଟ୍ ମିଳିଥିଲା। ୨୨ ରନରେ ଅଗ୍ରଣୀ ରହି ଦ୍ୱିତୀୟ ପାଳି ଆରମ୍ଭ କରିଥିବା ବେଙ୍ଗଲ ରବିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୩ ୱିକେଟ୍‌ରେ ୧୩୫ ରନ ସଂଗ୍ରହ କରିଛି। ହାତରେ ଦ୍ୱିତୀୟ ଇନିଂସର ୭ ୱିକେଟ ବଳକା ଥାଇ ବେଙ୍ଗଲ ମୋଟ୍ ଉପରେ ୧୫୭ ରନରେ ଆଗୁଆ ରହିଛି।

# ପ୍ରଥମଥର ଲାଗି ରଣଜୀ ସେମିରେ ଉତ୍ତରାଖଣ୍ଡ



ଜାମସେଦପୁର, ୮।୨ (ଏଜେନ୍ସି)

ଉତ୍ତରାଖଣ୍ଡ କ୍ରିକେଟ୍ ଦଳ ପାଇଁ ରବିବାର ଏକ ଐତିହାସିକ ଦିନ ଥିଲା। ଏହି ଉତ୍ତର ଭାରତୀୟ ରାଜ୍ୟ ରଣଜୀ ଟ୍ରଫି ଇତିହାସରେ ପ୍ରଥମଥର ଲାଗି ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ସ୍ଥାନୀୟ କୀନାନ ଷ୍ଟାଡିୟମରେ ଅନୁଷ୍ଠିତ ଚଳିତ ରଣଜୀ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲ ଲଢ଼େଇରେ ଉତ୍ତରାଖଣ୍ଡ ଏକ ଇନିଂସ ଓ ୬ ରନରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ବିରାଟ ସିଂଙ୍କ ନେତୃତ୍ୱାଧୀନ ଝାଡ଼ଖଣ୍ଡ ପ୍ରଥମ ପାଳିରେ ୨୩୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଉତ୍ତରାଖଣ୍ଡ ଅଧିନାୟକ କୁନାଲ ଚାଣ୍ଡେଲା (୬୮), ଜଗଦୀଶ ସୁଚିଥ (୭୦) ଓ ଅଭନିଶ ସୁଧା (୬୪)ଙ୍କ ଅର୍ଦ୍ଧଶତକ ବଳରେ ୩୭୧ ରନରେ ସୀମିତ ରହିଥିଲା। ୨୦୧୭ ସିଜନରେ ଓଡ଼ିଶା ପକ୍ଷରୁ ଖେଳିଥିବା ୱିକେଟ କିପର ସୌରଭ ରାୱତ ୩୨ ରନର ପାଳି ଖେଳିଥିଲେ। ୧୩୬ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଘରୋଇ ଝାଡ଼ଖଣ୍ଡ ରବିବାର ୩ୟ ଦିବସରେ ୧୩୦ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ମୟଙ୍କ ମିଶ୍ର ୫ଟି ଓ ଅଭୟ ନେଗୀ ୪ଟି ୱିକେଟ୍ ନେଇ ଉତ୍ତରାଖଣ୍ଡକୁ ଐତିହାସିକ ବିଜୟ ଭେଟି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ନବିଙ୍କୁ ୧୦ ୱିକେଟ୍; ବିଜୟ ଦ୍ୱାରରେ ଜମ୍ମୁ

ସେହିଭଳି ଶରଦ ପାୱାର ଏକାଡେମୀରେ ଘରୋଇ ମୁମ୍ବଇ ବିପକ୍ଷରେ ଚାଲିଥିବା ୪ର୍ଥ କ୍ୱାର୍ଟରରେ କର୍ଣ୍ଣାଟକ ସାମ୍ନାରେ ୩୨୫ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଛି। ଏହାକୁ ପିଛା କରିଥିବା ଶକ୍ତିଶାଳୀ କର୍ଣ୍ଣାଟକ ରବିବାର ୩ୟ ଦିବସ ଶେଷ ସୁଦ୍ଧା ଦ୍ୱିତୀୟ ପାଳିରେ ୨ ୱିକେଟ୍ ହରାଇ ୧୧୩ ରନ ସଂଗ୍ରହ କରିଛି। ଲୋକେଶ ରାହୁଲ ୬୦ ଓ କରୁଣ ନାୟାର ୯ ରନ କରି ଅପରାଜିତ ରହିଛନ୍ତି। ଅଧିନାୟକ ଦେବଦତ୍ତ ପଡ଼ିକଲ ୩୯ ଓ ମୟଙ୍କ ଅଗରୱାଲ ୩ ରନ କରି ଆଉଟ୍ ହୋଇଛନ୍ତି। ୮ ୱିକେଟ୍ ଓ ୨ ଦିନ ବଳକାଥାଇ କର୍ଣ୍ଣାଟକକୁ ଜିତିବା ଲାଗି ଆଉ ୨୧୨ ରନ ଆବଶ୍ୟକ ହେଉଛି। ସେହିଭଳି ଇନ୍ଦୋରରେ ଘରୋଇ ମଧ୍ୟପ୍ରଦେଶ ବିପକ୍ଷରେ ଚାଲିଥିବା ୨ୟ କ୍ୱାର୍ଟର ଫାଇନାଲରେ ଜମ୍ମୁ କାଶ୍ମୀର ବିଜୟ ଦ୍ୱାରରେ ରହିଛି। ଜମ୍ମୁ ପକ୍ଷରୁ ଧାର୍ଯ୍ୟ ୨୯୧ ରନର ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ମଧ୍ୟପ୍ରଦେଶ ରବିବାର ଷ୍ଟମ୍ପ ସୁଦ୍ଧା ୨ୟ ପାଳିରେ ୫ ୱିକେଟ୍ ହରାଇ ୮୭ ରନ ସଂଗ୍ରହ କରିଛି। ଭେଙ୍କଟେଶ ଆୟର ୭ ରନ ଓ ଶୁଭମ ଶର୍ମା ୧୧ ରନ କରି ଖେଳୁଛନ୍ତି। ଅଧିନାୟକ ରଜତ ପଟିଦାର ୮ ରନରେ ଆଉଟ୍ ହୋଇ ନିରାଶ କରିଛନ୍ତି। ପ୍ରଥମ ପାଳିରେ ୭ଟି ୱିକେଟ୍ ନେଇଥିବା ଆକ୍ୱିବ ନବୀ ୨ୟ ପାଳିରେ ୩ଜଣ ବ୍ୟାଟରଙ୍କୁ ଆଉଟ୍ କରି ୧୦ ୱିକେଟ୍ ପୂରଣ କରିଛନ୍ତି। ସେହିଭଳି ବେଙ୍ଗଲ ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ୩ୟ କ୍ୱାର୍ଟର ଖେଳ ଜାରି ରହିଛି। ବେଙ୍ଗଲର ୪୧୮/୬ ରନ ଜବାବରେ ଆନ୍ଧ୍ର ୩ୟ ଦିବସ ସୁଦ୍ଧା ୨୯୫ ରନ କରି ପ୍ରଥମ ପାଳିରେ ସୀମିତ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS